• Vol.- 46, Issue No. 67
• Sunday, 7 June 2026
• ରବିବାର, ୭ ଜୁନ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

## ମହାନଦୀ ପାଇଁ ହେବ ୧୧ ଦିନ ମାନସ ମନ୍ଥନ

### ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଜୁନ୍ ୨୭ରେ



ଭୁବନେଶ୍ୱର,୬।୬: ମହାନଦୀ ପାଇଁ ଦିଲ୍ଲୀରେ ୧୧ ଦିନ ଧରି ହେବ ମାନସ ମନ୍ଥନ । ଜୁନ୍ ୧୬ରୁ ୨୬ ପର୍ଯ୍ୟନ୍ତ ଆଲୋଚନା ହେବ। ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆଜି ମହାନଦୀ ଟ୍ରିବ୍ୟୁନାଲଙ୍କ ଶୁଣାଣି ସମୟରେ ଦୁଇ ରାଜ୍ୟ ଛତିଶଗଡ଼ ଏବଂ ଓଡ଼ିଶା ପକ୍ଷରୁ ଦୁଇ ରାଜ୍ୟ ଭିତରେ ଜଳ ବଣ୍ଟନ ନେଇ ବିସ୍ତୃତ ଆଲୋଚନା ପାଇଁ ଅପିଲ କରିଥିଲୁ। ଟ୍ରିବ୍ୟୁନାଲଙ୍କ ଅନୁମତି କ୍ରମେ ଆସନ୍ତା ଜୁନ୍ ୧୬ରୁ ୨୬ ତାରିଖ ଅର୍ଥାତ ୧୧ ଦିନ ଧରି ଦିଲ୍ଲୀରେ ଉଭୟ ରାଜ୍ୟର ଟେକ୍ନିକାଲ ଟିମ୍ ଏବଂ ଲିଗାଲ ଟିମ୍ ମୂଳ ବିଷୟକୁ ନେଇ ବିଶଦ ଭାବେ ଆଲୋଚନା କରିବେ। ଦରକାର ପଡ଼ିଲେ ସେଥିରେ ସିଡବଲୁସିର ସହାୟତା ନିଆଯିବ। ଦୁଇ ରାଜ୍ୟର ୱାଟର ଏକ୍ସପର୍ଟମାନେ ଏନେଇ ଆଲୋଚନା କରିବେ । ଆଡଭୋକେଟ୍ ଜେନେରାଲ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ମହାନଦୀ ଜଳ ଉପରେ ଓଡ଼ିଶାର ପ୍ରାପ୍ୟ କେତେ, ଛତିଶଗଡ଼ର ପ୍ରାପ୍ୟ କେତେ, ସେହି ମୂଳ ବିଷୟବସ୍ତୁ ଉପରେ ବର୍ତ୍ତମାନ ସିଧାସଳଖ ଦୁଇ ରାଜ୍ୟର ବୈଷୟିକ କମିଟି ଆଲୋଚନା କରିବେ। ମହାନଦୀ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଜୁନ୍ ୨୭ରେ କରିବେ। ମହାନଦୀ ଟ୍ରିବ୍ୟୁନାଲର ଅଧକ୍ଷା ଜଷ୍ଟିସ ଏମ୍ ବେଲା ତ୍ରିବେଦୀଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ମାମଲାର ଶୁଣାଣି କରୁଛନ୍ତି।

## ଜୁନ ୩୦ ସୁଦ୍ଧା ନିଗମ ନିଯୁକ୍ତି !

ଭୁବନେଶ୍ୱର,୬।୬: ବୋର୍ଡ,ନିଗମ ନିଯୁକ୍ତି ନେଇ ସରକାରୀ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି । ଜୁନ ୧ ତାରିଖରେ ପବ୍ଲିକ ଏଣ୍ଟରପ୍ରାଇସ ବିଭାଗ ପକ୍ଷରୁ ପିଏସୟୁରେ ନିଯୁକ୍ତି ନେଇ ଚିଠି ଦିଆଯାଇଛି । ଜୁନ ୩୦ ସୁଦ୍ଧା ପିଏସୟୁ ଗୁଡିକରେ ନିଯୁକ୍ତି ସାରିବାକୁ ଚିଠିରେ ଉଲ୍ଲେଖ କରାଯାଇଛି । ୩୨ଟି ବିଭାଗରେ ୧ ହଜାର ୧୮୩ ଜଣଙ୍କୁ ନିଯୁକ୍ତି ମିଳିବ । ଏନେଇ ସାଧାରଣ ପ୍ରଶାସନ , ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିଯୁକ୍ତି କ୍ଷେତ୍ରରେ କି ଅଗ୍ରଗତି ହୋଇଛି ଜାଣିବା ପାଇଁ ମେ ୮ ତାରିଖରେ ଚିଠି କରାଯାଇଥିଲା । ବିଭିନ୍ନ ବିଭାଗରେ ଅଧୀନରେ ଆସୁଥିବା ବୋର୍ଡ ନିଗମରେ କେତେ ପଦବୀ ଖାଲି ଅଛି ଏବଂ ନୂଆ ସରକାର ଆସିବା ପରେ କେତେ ନିଯୁକ୍ତି ହୋଇଛି ତାର ତଥ୍ୟ ମାଗିଥିଲେ ସରକାର । ନିର୍ଦ୍ଦେଶ ଅନୁସାରେ ତଥ୍ୟ ଦେଇଛନ୍ତି ବିଭାଗ । ୧୭ଟି ବିଭାଗରେ ୩୨ଟି ବୋର୍ଡ ନିଗମ ବାବଦରେ ତଥ୍ୟ ଦିଆଯାଇଛି । ନୂଆ ସରକାର ଆସିବା ପରେ ୩୨ଟି ବୋର୍ଡ ନିଗମରେ ୬୭୭ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଜୁନ ୩୦ ଭିତରେ ୧୧୮୩ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି ବିଭାଗଗୁଡିକ । ୧୭ଟି ବୋର୍ଡ ନିଗମରେ ଜଣେ ବି ନିଯୁକ୍ତ ହୋଇନାହାନ୍ତି । ଦୁଇ ବର୍ଷ ହେବ ବିଭିନ୍ନ ବୋର୍ଡ, ନିଗମ ଏବଂ ନିଗମର ଅଧକ୍ଷ ପଦବୀ ଖାଲି ରହିଥିବା ବେଳେ ଖୁବ ଶୀଘ୍ର ଏହାକୁ ପୂରଣ କରାଯାଇପାରେ । ନିକଟରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ କେନ୍ଦ୍ର ନେତୃତ୍ୱଙ୍କ ସହ ଆଲୋଚନା ହୋଇଥିବା କୁହାଯାଇଛି ।

### ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

# ୩,୭୯୩ କୋଟି ଟଙ୍କାର ୨୪ ପ୍ରକଳ୍ପକୁ ମଞ୍ଜୁରି

ଭୁବନେଶ୍ୱର,୬।୬: ରାଜ୍ୟ ସରକାର ଶନିବାର ୩,୭୯୩.୩୩ କୋଟି ଟଙ୍କାର ୨୪ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏସବୁ ଜରିଆରେ ମୋଟ ୧୯,୯୨୪ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି

### ୧୯,୯୨୪ ନିଯୁକ୍ତି ସୁଯୋଗ ଆଶା

ଆଶା କରାଯାଇଛି। ମଂଜୁରି ପାଇଥିବା ଶିଳ୍ପ ପ୍ରକଳ୍ପ ଶିଳ୍ପ ପ୍ରସାର ଏବଂ ନିଯୁକ୍ତି ସୃଷ୍ଟି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବିବେଚନା କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ର ୧୪୭ତମ ବୈଠକରେ ପ୍ରକଳ୍ପଗୁଡ଼ିକୁ ମଞ୍ଜୁରି ଦିଆଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଉତ୍ପାଦନ, ଶକ୍ତି, ବୟନଶିଳ୍ପ, ପର୍ଯ୍ୟଟନ, ଲଜିଷ୍ଟିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସମେତ ବହୁବିଧ କ୍ଷେତ୍ର ଅନ୍ତର୍ଭୁକ୍ତ। ନିବେଶଗୁଡ଼ିକ ୧୪ଟି ଜିଲ୍ଲା - ଖୋର୍ଦ୍ଧା, ଢେଙ୍କାନାଳ, ଝାରସୁଗୁଡ଼ା, କୋରାପୁଟ, ଯାଜପୁର, ସମ୍ବଲପୁର, କେନ୍ଦୁଝର, ବଲାଙ୍ଗୀର, ପୁରୀ, କଟକ, ସୁନ୍ଦରଗଡ଼, ଗଞ୍ଜାମ, ଜଗତସିଂପୁର ଏବଂ ମୟୂରଭଞ୍ଜରେ କାର୍ଯ୍ୟକାରୀ କରାଯିବ। ଫଳରେ ସନ୍ତୁଳିତ ଆଞ୍ଚଳିକ ଶିଳ୍ପ ବିକାଶ ଲକ୍ଷ୍ୟ ରହିବ। ଶକ୍ତି ସଂରକ୍ଷଣ ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରରେ, ସିଇଏସଇ ଗ୍ରୀନ୍ ପାୱାର ଲିମିଟେଡ୍ ଢେଙ୍କାନାଳରେ ୬୮୩.୮୩ କୋଟି ଟଙ୍କା ବିନିଯୋଗ ସହିତ ଏକ ବ୍ୟାଟେରୀ ଶକ୍ତି ସଂରକ୍ଷଣ ପ୍ରଣାଳୀ ପ୍ରତିଷ୍ଠା କରିବ। ଏହା ୧୫୩ ନିଯୁକ୍ତି ସୃଷ୍ଟି କରିବ। ଏଭିବି ଷ୍ଟାର ପ୍ରାଇଭେଟ୍ ଲିମିଟେଡ୍ ୫୦୦ କୋଟି ଟଙ୍କା ବିନିଯୋଗ ସହିତ ଖୋର୍ଦ୍ଧାରେ ଏକ ଲାବୋରେଟୋରିରେ ଉତ୍ପାଦିତ ହୀରା ଉତ୍ପାଦନ ସୁବିଧା ପ୍ରତିଷ୍ଠା କରିବ, ଯାହା ଦ୍ୱାରା ୫୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ବୟନ ଏବଂ ପୋଷାକ କ୍ଷେତ୍ରରେ, ନନ୍ଦରାଜ ଟେକ୍ସଟାଇଲ୍ସ ପ୍ରାଇଭେଟ୍ ଲିମିଟେଡ୍ ୧୬୮.୬୪ କୋଟି ଟଙ୍କା ବିନିଯୋଗ କରିବ। ଏହାଦ୍ୱାରା ୧୦,୩୦୬ ନିଯୁକ୍ତି ସୃଷ୍ଟି ହେବ। ଶାହି ଏକ୍ସପୋର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ସମ୍ବଲପୁରରେ ୧୪୫.୫୦ କୋଟି ଟଙ୍କା ବିନିଯୋଗରେ ଏକ ବୁଣା ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହା ୧୮୪୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ମା ତାରାତାରିଣୀ ଟେକ୍ସଟାଇଲ୍ ପାର୍କ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ ୭୦ କୋଟି ଟଙ୍କା ବିନିଯୋଗରେ ଏକ ସମନ୍ୱିତ ବସ୍ତ୍ର ପ୍ରକଳ୍ପ ବିକଶିତ କରିବ, ଯାହାଦ୍ୱାରା ୩୫୦ ନିଯୁକ୍ତି ସୃଷ୍ଟି କରିବ।ପର୍ଯ୍ୟଟନ ଏବଂ ଆତିଥ୍ୟ କ୍ଷେତ୍ରରେ, ଏକାଧିକ ପ୍ରିମିୟମ୍ ଆତିଥ୍ୟ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ସୂର୍ଯ୍ୟ ଉଦ୍ୟୋଗ ଲିମିଟେଡ୍ ଜଗସିଂହପୁରରେ ୭୦ କୋଟି ଟଙ୍କା ନିବେଶରେ ଏକ ୪ ତାରକା ହୋଟେଲ୍ ପ୍ରତିଷ୍ଠା କରିବ, ଯାହା ଦ୍ୱାରା ୨୪୦ ଜଣ ନିଯୁକ୍ତି ପାଇବେ। ଇସ୍ପାତ, ଧାତୁ ଡାଉନଷ୍ଟ୍ରିମ୍ ଏବଂ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ, ଜେଏସଡବ୍ଲୁ ସେଭରଫିଲ୍ଡ ଷ୍ଟ୍ରକଚର୍ସ ଲିମିଟେଡ୍ ଯାଜପୁରରେ ୨୧୫ କୋଟି ଟଙ୍କା ନିବେଶରେ ଏକ ଇସ୍ପାତ ନିର୍ମାଣ ୟୁନିଟ୍ ପ୍ରତିଷ୍ଠା କରିବ। ଏହା ଦ୍ୱାରା ୧୪୦୦ ଜଣ ନିଯୁକ୍ତି ପାଇବେ। ଏଭଳି ଅନ୍ୟାନ୍ୟ ପ୍ରକଳ୍ପ ଗୁଡ଼ିକ ସ୍ଥାପିତ ହେବ।




### ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

## ଯନ୍ତ୍ରୀଙ୍କ ଠାବ ହେଲା ୧୩ ଫ୍ଲାଟ,୫ କୋଠା

➔ ଲକରରେ ୨କୋଟି ଟଙ୍କା ! ➔ ୯ ସ୍ଥାନରେ ଏକକାଳୀନ ଚଢ଼ାଉ

ଭୁବନେଶ୍ୱର,୬।୬: ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କ ୯ ସ୍ଥାନ ଉପରେ ଭିଜିଲାନ୍ସର ବଡ଼ ଚଢ଼ାଉ ହୋଇଛି। ଭୁବନେଶ୍ୱରରେ ୪ଟି ସ୍ଥାନ ସମେତ ବାରିପଦା, ଯାଜପୁରର ଧର୍ମଶାଳା ଏବଂ ବାଲିଗୁଡା ସରକାରୀ ବାସଭବନରେ ମଧ୍ୟ ଚଢ଼ଉ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ବୈକୁଣ୍ଠ ନାଥ ବେହେରାଙ୍କ ନାମରେ ୫ଟି ବହୁମହଲା କୋଠା ରହିଛି। ସେଥିମଧ୍ୟରୁ କେବଳ ଭୁବନେଶ୍ୱରରେ ୪ଟି ବିଳାସପୂର୍ଣ୍ଣ ପାଲାସିଆଲ୍ କୋଠା ଥିବା ଠାବ କରାଯାଇଛି। ଏହାସହ ୧୩ଟି ଉଚ୍ଚମୂଲ୍ୟର ଫ୍ଲାଟ୍, ନଗଦ ୨ ଲକ୍ଷ ୬୬ ହଜାର ଟଙ୍କା ଏବଂ ବିପୁଳ ପରିମାଣର ସୁନା, ହୀରା ଓ ରୁପା ଅଳଙ୍କାର ମିଳିଛି।ସବୁଠାରୁ ଚର୍ଚ୍ଚାର ବିଷୟ ହେଉଛି, ତାଙ୍କର ଏକ ଲକରରେ ୨କୋଟି ଟଙ୍କା ଠାବ ହୋଇଛି। ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଗଠିତ ଟିମ୍‌ଗୁଡ଼ିକ ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ହୋଇଥିବା ଚଢ଼ଉ ବେଳେ ବାବୁଙ୍କ ଘରୁ ୪ରୁ ଅଧିକ ହାଇଫାଇ ଆଇଫୋନ୍, ମୂଲ୍ୟବାନ ବ୍ରାଣ୍ଡେଡ୍ ବ୍ୟାଗ୍ ଓ ୩ଟି ଦାମୀ ହୀରା ମୁଦି ମିଳିଛି। ସବୁଠୁ ଆଶ୍ଚର୍ଯ୍ୟର କଥା, ତାଙ୍କ ସଉକ ପାଇଁ ସେ ୨୪ କ୍ୟାରେଟ୍ ସୁନାରେ ୩ଟି ସୁନା ମୂର୍ତ୍ତି ତିଆରି କରି ରଖିଥିଲେ, ଯାହା ତାଙ୍କର ଅତ୍ୟଧିକ ବିଳାସମୟ ଜୀବନଶୈଳୀର ପ୍ରମାଣ ଦିଏ ବୋଲି ଚର୍ଚ୍ଚା ହେଉଛି।



## ବିପର୍ଯ୍ୟୟ ପରିଚାଳନା: ଓଡ଼ିଶାର ସଫଳ ମଡେଲକୁ ବ୍ରିକ୍ସ ସମୂହର ସ୍ୱୀକୃତି

ଭୁବନେଶ୍ୱର, ୬।୬(ନିପ୍ର) ଓଡିଶାରେ ଆସୁଥିବା ପ୍ରକୃତିକ ବିପର୍ଯ୍ୟୟରେ ଶୂନ୍ୟ ଜୀବନହାନି ହେଉଛି ଯାହାକୁସମଗ୍ର ବିଶ୍ୱ ଶିଖିବା ଉଚିତ ବୋଲି କହିଛନ୍ତି ଏନଡିଏମଏ ବିଭାଗୀୟ ମୁଖ୍ୟ ସଦସ୍ୟ କ୍ରିଷ୍ଣା ଏସ୍ ବସ୍ତ୍ର । ଜଳବାୟୁ ପରିବର୍ତ୍ତନ ଦ୍ୱାରା ଅନେକ ପରିବର୍ତ୍ତନ ଦେଖିବାକୁ ମିଳୁଛି, ଅର୍ବାନ ଫ୍ଲଡ, ହିଟ ୱେଭ ଭଳି ବିପଦ ଦେଖିବାକୁ ମିଳୁଛି । ଏସବୁର କେମିତି ଦୀର୍ଘକାଳୀନ ସମାଧାନ ହେବ। ଏସବୁ ବିଷୟରେ ଚର୍ଚ୍ଚା ଆଲୋଚନା ହୋଇଛି, ଏସବୁ ବିଷୟ ଉପରେ ଫ୍ରେମ ୱାର୍କ ପ୍ରସ୍ତୁତ ହେବ। ଏହା ପରେ ବ୍ରିକ୍ସ ଦେଶଗୁଡିକ ଏହା ଉପରେ କାର୍ଯ୍ୟ କରିବ। ଓଡିଶାରେ ଆଗକୁ ଆହୁରି ଭଲ ବ୍ୟବସ୍ଥା କିଭଳି ହେବ ସେ ନେଇ ରାଜ୍ୟସରକାରଙ୍କ ସହିତ ମିଶିକରି କାମ କରିବ । ସାଟେଲାଇଟର ଅଧିକରୁ ଅଧିକ ବ୍ୟବହାର।

## ଫୁଟବଲ ଭିତ୍ତିଭୂମି ପାଇଁ ୧୫ କୋଟି

★ ସମ୍ବଲପୁର ଫୁଟବଲ ଏକାଡେମୀ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ
★ ନିର୍ମାଣ ହେବ ଫିଫା ମାନର ଆଧୁନିକ ପଡ଼ିଆ

ଭୁବନେଶ୍ୱର,୬।୬: ଓଡ଼ିଶାର କ୍ରୀଡ଼ା ମାନଚିତ୍ରରେ ସ୍ୱତନ୍ତ୍ର ପରିଚୟ ବହନ କରୁଥିବା ସମ୍ବଲପୁର ଫୁଟବଲ ଏକାଡେମୀକୁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରିଦର୍ଶନ କରିଛନ୍ତି। ସମ୍ବଲପୁର ଫୁଟବଲ ଏକାଡେମୀର ସୁଦୃଢ଼ ଯାତ୍ରାକୁ ଆହୁରି ବ୍ୟାପକ ତଥା ବିଶ୍ୱସ୍ତରୀୟ କରିବା ପାଇଁ ଭିତ୍ତିଭୂମିର ବିକାଶ ଓ ଆଧୁନିକୀକରଣର ମାନକୁ ପ୍ରଶଂସା କରିଛନ୍ତି। ୧୫ କୋଟି ଟଙ୍କାରେ ଆରମ୍ଭ ହୋଇଥିବା ଏକାଡେମୀ ପରିସରରେ ଅନ୍ତର୍ଜାତୀୟ ମାନର ୩ଟି ଫିଫା ଷ୍ଟାଣ୍ଡାର୍ଡ ପୂର୍ଣ୍ଣ ଆକାରର ଫୁଟବଲ ପଡ଼ିଆ ଏବଂ ୨ଟି ଅତ୍ୟାଧୁନିକ ଫୁଟ୍‌ସାଲ ଗ୍ରାଉଣ୍ଡ ସ୍ଥାପନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମଲେଶ୍ୱରୀ ସ୍ପୋର୍ଟିଂ କ୍ଲବ୍‌ର ଏକ ଶାଖା ଭାବେ ୨୦୦୭ ମସିହାରୁ ଆରମ୍ଭ ହୋଇଥିବା ଏହି ଏକାଡେମୀ ଆଜି ରାଜ୍ୟର କ୍ରୀଡ଼ା ପ୍ରତିଭା ମାନଙ୍କୁ ଜାତୀୟ ସ୍ତରରେ ପରିଚୟ ଦେବାରେ ସବୁଠାରୁ ବଡ଼ ମାଧ୍ୟମ ସାଜିଛି। ବିଗତ ୧୯ ବର୍ଷ ମଧ୍ୟରେ ଏହି ଏକାଡେମୀରୁ ଶହ ଶହ ପ୍ରତିଭାବାନ୍ ଫୁଟବଲ ଖେଳାଳୀ ସୃଷ୍ଟି ହୋଇଛନ୍ତି ଏବଂ ସେମାନେ ବିଭିନ୍ନ ବୟସ ବର୍ଗରେ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ପ୍ରତିନିଧିତ୍ୱ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।ଫୁଟବଲ କ୍ରୀଡ଼ାର ବିକାଶ ପ୍ରତି ଏକାଡେମୀର ଏହି ଅବଦାନକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଏକାଡେମୀ ଉପରେ ଆଉ ଏକ ନୂଆ ତଥା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ଏଣିକି ପ୍ରତିବର୍ଷ ଆୟୋଜିତ ହେଉଥିବା 'ସିଏମ୍ କପ୍' ଫୁଟବଲ୍ ଟୁର୍ଣ୍ଣାମେଣ୍ଟରୁ ତୃଣମୂଳ ସ୍ତରରେ ମନୋନୀତ ହେଉଥିବା ୧୪ ବର୍ଷରୁ କମ୍ ବୟସର ୩୦ ଜଣ ପ୍ରତିଭାବାନ ପିଲାଙ୍କୁ ଉଚ୍ଚକୋଟୀର ଆବାସିକ ତାଲିମ ଦେବାର ଦାୟିତ୍ୱ ଏହି ଏକାଡେମୀକୁ ଦିଆଯାଇଛି। ତାଲିମ ଗ୍ରହଣ କରୁଥିବା ଏହି ଶିଶୁମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ନିକଟସ୍ଥ ଶିକ୍ଷାନୁଷ୍ଠାନ ମାନଙ୍କରେ ଗୁଣାତ୍ମକ ଶିକ୍ଷା ଗ୍ରହଣର ସମ୍ପୂର୍ଣ୍ଣ ବ୍ୟବସ୍ଥା ମଧ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଉନ୍ନତ କ୍ରୀଡ଼ା ଭିତ୍ତିଭୂମି ଓ ଉପଯୁକ୍ତ ପ୍ରଶିକ୍ଷଣ ଜରିଆରେ ସମ୍ବଲପୁର ଫୁଟବଲ ଏକାଡେମୀ ଆଗାମୀ ଦିନରେ ଓଡ଼ିଶା ପାଇଁ କ୍ରୀଡ଼ା କ୍ଷେତ୍ରରେ ଆହୁରି ଅନେକ ଗୌରବ ଓ ସଫଳତା ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରାଜ୍ୟସଭା ସାଂସଦ ମନମୋହନ ସାମଲ, ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ, ଆଇଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ପ୍ରମୁଖ ଉପସ୍ଥିତ ଥିଲେ।



# କାଳ ବୈଶାଖୀ ତାଣ୍ଡବ; ସାମାନ୍ୟ ଆଶ୍ୱସ୍ତି

■ ପାରଦ ଥିଲା ୪୦,୨୬କୁ ଖସିଲା ■ ଟ୍ରକ୍ ଚକା ତଳକୁ ଗଲା ବାଇକ,ଜଣେ ମୃତ
■ ଅନ୍ତର୍ଜାତୀୟ ଟ୍ରେଡ ଫେୟାର ପାଇଁ ନିର୍ମିତ ଟେଣ୍ଟ ଛାରଖାର

ଭୁବନେଶ୍ୱର,୬।୬: ରାଜଧାନୀ ଭୁବନେଶ୍ୱରରେ ଶନିବାର ଅପରାହ୍ଣ ପ୍ରାୟ ୩ ଟାବେଳେ ମାଡ଼ି ଆସିଥିଲା କାଳବୈଶାଖୀ। କେଇ ମିନିଟର ପ୍ରବଳ ପବନ ଓ ବର୍ଷାରେ ଛାରଖାର ହୋଇଥିଲା ଜନତା ମଇଦାନରେ ଅନ୍ତର୍ଜାତୀୟ ଟ୍ରେଡ ଫେୟାର ପାଇଁ ନିର୍ମିତ ଟେଣ୍ଟ । ଏହା ଭାଙ୍ଗି ପଡ଼ି ପଡିଥିବା ବେଳେ ପ୍ରାୟ ୨୫୦ଟି ଷ୍ଟଲ ବର୍ଷା ପବନରେ ମାଟିରେ ମିଶିଛି। ଏନେଇ ଅନ୍ତର୍ଜାତୀୟ ସ୍ତରରୁ ଆସିଥିବା ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ କରିଛନ୍ତି। ଏପରିକି ଝଡତୋଫାନ ବର୍ଷାରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଖବର ପାଇ ପ୍ରାୟ ୧୫ ଅଗ୍ନିଶମ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫା କରିଥିଲେ।ଆଜି ଭୁବନେଶ୍ୱରରେ ଅସହ୍ୟ ଗରମ ଓ ଗୁଲୁଗୁଳି ଅନୁଭୂତ ହୋଇଥିଲା। ସକାଳ ସାଢେ ୮ଟା ସୁଦ୍ଧା ଭୁବନେଶ୍ୱରର ତାପମାତ୍ରା ୩୩ ଡିଗ୍ରୀ ଓ ଆର୍ଦ୍ରତା ୭୭ପ୍ରତିଶତ ଥିଲା। ୪୭ ଡିଗ୍ରୀ ପରି ଅନୁଭୂତ ହେଉଥିଲା ଗରମ। ତେବେ ଅପରାହ୍ନରେ ଆକାଶରେ କଳାହାଣ୍ଡିଆ ମେଘ ଦେଖାଯିବା ସହ କାଳବୈଶାଖୀ ପ୍ରଭାବରେ ଝଡତୋଫାନ ବର୍ଷା ଯୋଗୁ ରାଜଧାନୀବାସୀଙ୍କୁ ଗରମ, ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ମଧ୍ୟାହ୍ନରେ ୪୦ ଡିଗ୍ରୀ ଖରା ଥିଲେ ହେଁ କାଳବୈଶାଖୀ ପରେ ୨୬କୁ ଖସି ଆସିଥିଲା। ସେମିତି ଆର୍ଦ୍ରତା ଖସିଥିଲା ୪୩ ପ୍ରତିଶତକୁ। କେତେକ ସ୍ଥାନରେ ବଡ଼ ବଡ଼ ଗଛଭାଙ୍ଗି ପଡିଥିବା ବେଳେ କେତେକ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ଥିବା ମଧ୍ୟ ଖବର ଆସିଛି। କାଳବୈଶାଖୀ ବର୍ଷା ଛାଡ଼ିବା ପରେ ୧୬ ନମ୍ବର ଜାତୀୟ ରାଜପଥରେ ଗହଳି ଦେଖିବାକୁ ମିଳିଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ ଯେ ଗହଳି ଫଳରେ ସପ୍ତଶତୀ ବିହାର ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ବର୍ଷା ପରେ ରାସ୍ତା ଓଦା ଥିବାରୁ ବାଇକ୍ ଚକା ସ୍ଲିପ୍ କରିଥିଲା। ଫଳରେ ଟ୍ରକ୍ ଚକା ତଳକୁ ଚାଲି ଯାଇଥିଲା ବାଇକ୍। ବାଇକ୍‌ରେ ଥିବା ୨ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି।



## ୮ ଦିନରେ ଓଡ଼ିଶା ଛୁଇଁପାରେ ମୌସୁମୀ

• ବାୟୁମଣ୍ଡଳୀୟ ସ୍ଥିତି ସମ୍ପୂର୍ଣ୍ଣ ଅନୁକୂଳ
• ମୌସୁମୀ ପହଞ୍ଚିଲା ଗୋଆରେ

ନୂଆଦିଲ୍ଲୀ,୬।୬: ପ୍ରାୟ ତିନି ଦିନ ବିଳମ୍ବ ପରେ, ଶନିବାର ମୌସୁମୀ ବାୟୁ ଗତି ବୃଦ୍ଧି ପାଇଛି ଏବଂ ଏହା ଗୋଆରେ ପହଞ୍ଚିଛି। କେରଳରେ ଆଗାମୀ ୨୪ ଘଣ୍ଟା ପାଇଁ ବର୍ଷାକୁ ନେଇ 'ରେଡ ଆଲର୍ଟ' ଜାରି କରାଯାଇଛି। ପାଣିପାଗ ବିଭାଗ ଅନୁଯାୟୀ, ଆଗାମୀ ତିନି ଦିନ ମଧ୍ୟରେ ମୌସୁମୀ ଆସାମ, ମେଘାଳୟ, ତ୍ରିପୁରା, ମଣିପୁର, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ ଏବଂ ପଶ୍ଚିମବଙ୍ଗର କିଛି ଅଂଶରେ ପହଞ୍ଚିପାରେ। ପରବର୍ତ୍ତୀ ସମୟରେ, ଏହା ୧୦ ଦିନ ମଧ୍ୟରେ ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶାରେ ପହଞ୍ଚିପାରେ। ୮ ଦିନ ମଧ୍ୟରେ ଓଡ଼ିଶା ଛୁଇଁପାରେ ମୌସୁମୀ। ପ୍ରବଳ ଗରମ ଓ ଗୁଳୁଗୁଳିରୁ ଶୀଘ୍ର ମିଳିପାରେ ମୁକ୍ତି। ଆଗାମୀ ୬ରୁ ୮ ଦିନ ମଧ୍ୟରେ ଓଡ଼ିଶା ଛୁଇଁପାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏନେଇ ଆକଳନ କରାଯାଇଛି। ଦେଶର ମୁଖ୍ୟ ଭୂ-ଭାଗ କେରଳ ଛୁଇଁବା ପରେ ଏବେ ମୌସୁମୀ ବାୟୁ ଧୀରେ ଧୀରେ ଆଗକୁ ଅଗ୍ରସର ହେବାରେ ଲାଗିଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଓଡ଼ିଶାର କିଛି ଅଞ୍ଚଳକୁ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ବାୟୁମଣ୍ଡଳୀୟ ପରିସ୍ଥିତି ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଯଦି ସବୁ କିଛି ଠିକ ରହେ, ତେବେ ଚଳିତ ବର୍ଷ ପବିତ୍ର ରଜ ସମୟକୁ ଅର୍ଥାତ ଆସନ୍ତା ଜୁନ ୧୧ରୁ ୧୪ ତାରିଖ ଭିତରେ ରାଜ୍ୟରେ ମୌସୁମୀ ବାୟୁ ପ୍ରବେଶ କରିପାରେ।



ନବପ୍ରଭାତ



# ନିର୍ମାଣ ଓ ବିନାଶର ରହସ୍ୟ

ନିର୍ମାଣ ଆଉ ବିନାଶ ପରସ୍ପର ବିରୋଧୀ ହୋଇକରି ମଧ୍ୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି ଯୋଡି ହୋଇ ରୁହନ୍ତି । ଏମାନଙ୍କୁ ଅଲଗା-ଅଲଗା କରିହେବ ନାହିଁ । ଯେଉଁଠି ନିର୍ମାଣ ହୁଏ ସେଠାରେ ବିନାଶ ମଧ୍ୟ ଅବଶ୍ୟ ହୋଇଥାଏ । ନିର୍ମାଣ ଆଉ ବିନାଶ ଦୁହେଁ ସାଙ୍ଗ ହୋଇକରି ଚାଲନ୍ତି । ଏଠାରେ ଆମେ ବସନ୍ତ ଋତୁ ଆଉ ପତ୍ରଝଡାର ଉଦାହରଣ ଦେଇ ପାରିବା । ଗୋଟିଏ ପଟେ ପତ୍ରଝଡା ବୃକ୍ଷରୁ ପତ୍ର ଏବଂ ଫୁଲ ତଳେ ପଡିକରି ବୃକ୍ଷକୁ ଥୁଣ୍ଟା କରିଦିଅନ୍ତି । ଆଉ ଅନ୍ୟ ପଟେ ବସନ୍ତ ଋତୁ ଚାରିଆଡେ ସବୁଜମୟ ଆଉ ସୁଗନ୍ଧ ନେଇକରି ଅସିଥାଏ । ଅର୍ଥାତ୍ ନିର୍ମାଣ ଗୋଟିଏ ରଚନାତ୍ମକ ଆଉ ସମୟ ନେବା ବାଲା ପ୍ରକ୍ରିୟା ଅଟେ । ଯାହା ନୂଆ ବସ୍ତୁକୁ ବନେଇ ଥାଏ । ଅନ୍ୟପଟେ ବିନାଶ ଗୋଟିଏ ଶୀଘ୍ର ଘଟିବା ବାଲା,ନକାରାତ୍ମକ ପ୍ରକ୍ରିୟା ଅଟେ । ଯାହା ଅବସ୍ଥିତ ସଂରଚନାକୁ ନଷ୍ଟ କରିଦିଏ । ନିର୍ମାଣର ଉଦ୍ଦେଶ୍ୟ ବିକାଶ ଅଟେ ଆଉ ବିନାଶର ପରିଣାମ ସମାପ୍ତି ଅଟେ । ସେଥିପାଇଁ ଏହି ସଂସାରକୁ ମରଣଧର୍ମା କୁହାଯାଏ । ଏହାର ଅର୍ଥ ଏହା ଯେ ଯେଉଁ ଚରାଚର ଜୀବ ଏହି ଦୁନିଅକୁ ଆସିଥାଏ ତାହାର ମୃତ୍ୟୁ ସୁନିଶ୍ଚିତ ଅଟେ । ତାର ଚାହିଁବା କିମ୍ବା ନ ଚାହିଁବା କୌଣସି ଔଚିତ୍ୟ ନୁହେଁ । ତାକୁ ଏହି ଧରାରୁ ଯିବାକୁ ହୋଇଥାଏ,ତା ପାଖରେ କୌଣସି ବିକଳ୍ପ ନଥାଏ । ସବୁଦିନ ପାଇଁ କିଏ ଏଠାରେ ରହି ପାରିବେନି । ନିର୍ମାଣର ଉଦ୍ଦେଶ୍ୟ ସୃଜନ,ଯୋଜନା ଆଉ ବୃଦ୍ଧି କରିବା ହୋଇଥାଏ ।



ନିର୍ମାଣ ସକାରାତ୍ମକ ହୋଇଥାଏ ଯାହା ସଂରଚନାର ନିର୍ମାଣ କରିଥାଏ । ଆଉ ବିନାଶର ଉଦ୍ଦେଶ୍ୟ ପ୍ରାୟ ବସ୍ତୁକୁ ନଷ୍ଟ କରିବା ଅଥବା ଉର୍ଜାକୁ ନଷ୍ଟ କରିବା ହୋଇଥାଏ । ତାହା ବିନାଶକାରୀ ଆଉ ନକାରାତ୍ମକ ହୋଇଥାଏ ଯିଏ ସଂରଚନାର ହ୍ରାସ କରିଥାଏ । ବୀଜରୁ ବୃକ୍ଷ ହେବା ରୂପ ପରିବର୍ତ୍ତନ ହୋଇଥାଏ,ନିର୍ମାଣ କୁହାଯାଏ । କିନ୍ତୁ ବୃକ୍ଷକୁ କାଟି କରି ସେଥିରେ ନିଜର ଆବଶ୍ୟକତାର ଅଥବା ଆକର୍ଷକ ବସ୍ତୁ ବନେଇବା ନିର୍ମାଣ କୁହାଯାଏ । ସେହି କାଷ୍ଠକୁ ନଷ୍ଟ କରିଦେବା କି ମ୍ବା ଇନ୍ଧନର ରୂପରେ ତାହାର ପ୍ରୟୋଗ କରିବା ହିଁ ବିନାଶ କୁହାଯାଏ । ଏହି ଚରାଚର ଜଗତରେ ସେହି ପ୍ରଭୁଙ୍କ ରଚନା ଅଟେ ଅଥବା ନିର୍ମାଣ ଅଟେ । ଯେତେବେଳେ ବି ପ୍ରାକୃତିକ ବିନାଶ ଆସିଥାଏ ସେତେବେଳେ ସେ ସ୍ଥାନ-ସ୍ଥାନରେ ବିନାଶର ତାଣ୍ଡବ କରିଥାନ୍ତି । ଚାରିଆଡେ ଖାଲି ତ୍ରାହି-ତ୍ରାହି ସ୍ୱର ଶୁଭିଥାଏ । ସେ କୌଣସି ଚରାଚର ଜୀବଙ୍କ ପକ୍ଷପାତ କରନ୍ତି ନାହିଁ । ସମସ୍ତଙ୍କ ଉପରେ ସେହି ପ୍ରଭାବ ପଡିଥାଏ । କୌଣସି ନିର୍ମାଣ ବର୍ଷେରୁ ଅଧିକ ସମୟଲାଗିଥାଏ । କିନ୍ତୁ ତାର ବିନାଶ କରିବାରେ ଅଧିକ ସମୟ ଲାଗେ ନାହିଁ । ଯେମିତି ଗୋଟିଏ ବହୁତଳ ଭବନ ବନେଇବା ପାଇଁ ବର୍ଷ- ବର୍ଷ ସମୟ ଲାଗେ । କିନ୍ତୁ ତାକୁ ଭାଙ୍ଗିବା ପାଇଁ କିଛି ଦିନ ଲାଗିଥାଏ । ଏହା କହିବାକୁ ଚାହେଁ କି ନିର୍ମାଣ କରିବା ବହୁତ କଠିନ ହୋଇଥାଏ । ଆଉ ବିଧ୍ୱଂସ୍ତ କରିବା ଅପେକ୍ଷା କୃତ ବହୁତ ସରଳ ହୋଇଥାଏ । ମନୁଷ୍ୟକୁ ସର୍ବଦା ନିର୍ମାଣ କାର୍ଯ୍ୟ କରିବା ଦରକାର ଯାହା ଦେଶ,ଧର୍ମ,ସମାଜ ଆଉ ପରିବାର ପାଇଁ ଉପଯୋଗୀ ହେବ । ତାକୁ ଆତଙ୍କବାଦୀ ତଥା ଭଙ୍ଗା-ରୁଜାର ସବୁ ଜଟିଳତାଠାରୁ ଯଥା ସମ୍ଭବ ଦୂରରେ ରହିବା ଆବଶ୍ୟକ । ନିର୍ମାଣ ସର୍ବଦା ଶ୍ରେୟସ୍କର ହୋଇଥାଏ ଆଉ ବିନାଶର ଆଡକୁ ପାଦ ବଢେଇବା ପତନର କାରଣ ହୋଇଥାଏ ।

*- ମନୋଜ କୁମାର ବେହେରା*
*ମୋ:୭୯୭୮୮୩୦୬୧୧୫*



**ନିର୍ମାଣ ଆଉ ବିନାଶ ପରସ୍ପର ବିରୋଧୀ ହୋଇକରି ମଧ୍ୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି ଯୋଡି ହୋଇ ରୁହନ୍ତି । ଏମାନଙ୍କୁ ଅଲଗା-ଅଲଗା କରିହେବ ନାହିଁ ।**

# ଭଗବାନ କୃଷ୍ଣଙ୍କ ସହ ଗୋପୀଙ୍କ ଲୀଳା



ସାଧାରଣତଃ ଅନେକ ଲୋକ ଭାବନ୍ତି କଳିଯୁଗରେ ଭଗବାନ କଣ ସତରେ ଅଛନ୍ତି ? ସେ କଣ ସବୁ ଶୁଣୁଛନ୍ତି କି ଦେଖୁଛନ୍ତି ? ଏମିତି ଅନେକ ପ୍ରଶ୍ନ ମନରେ ଉଙ୍କିମାରେ । ଭଗବାନଙ୍କୁ ଆଖିରେ ହୁଏତ ଆମେ ଦେଖି ନଥାଉ ତଥାପି ପୂଜା, ଭକ୍ତି କରୁ ଏବଂ ମନ୍ଦିର ଯାଉ । ଯଦି ଭଗବାନ କେବଳ ମନ୍ଦିରରେ ନଥାନ୍ତି । ବରଂ ସେ ପ୍ରତିଦିନ ରାତିରେ ପୃଥିବୀର ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଆନ୍ତି, ତେବେ କ'ଣ ବିଶ୍ୱାସ କରିବେ ? ଏକବିଂଶ ଶତାବ୍ଦୀରେ ଭାରତରେ ଏପରି ଏକ ଜଙ୍ଗଲ ଅଛି ଯେଉଁଠାରେ ସୂର୍ଯ୍ୟ ଅସ୍ତ ହେବା ମାତ୍ରେ ବିଜ୍ଞାନର ନିୟମ କାମ କରିବା ବନ୍ଦ ହୋଇଯାଏ ? ଯେଉଁଠାରେ ବିଜ୍ଞାନ ଉପରେ ପ୍ରଶ୍ନ ଉଠିଥାଏ । ଆଉ ଯଦି ଭୁଲବଶତଃ କେହି ସେଠାରେ ଗୋଟିଏ ରାତି ସାରା ରୁହନ୍ତି ତେବେ ତାଙ୍କ ସହ ଏଭଳି କିଛି ଘଟିଥାଏ ଯାହା କହିବା କଷ୍ଟକର ହୋଇପଡେ । ଏହା କୌଣସି ଏକ ଫିଲ୍ମ ପରି ଲାଗୁଥାଇପାରେ ସତ ହେଲେ ଏହା ହିଁ ସତ । ଯେଉଁ ସ୍ଥାନ ବିଷୟରେ ଏଠାରେ କୁହା ଯାଉଛି ସେହି ସ୍ଥାନ ହେଉଛି ନିଧିବନ । ଯାହା ବୃନ୍ଦାବନରେ ଅବସ୍ଥିତ ଏକ ରହସ୍ୟମୟ ସ୍ଥାନ, ଯେଉଁଠାରେ ବିଜ୍ଞାନ ମଧ୍ୟ ବିଫଳ ହୁଏ । ସେହି ସ୍ଥାନରେ ପ୍ରବେଶ କରିବା ମାତ୍ରେ ଏକ ଭିନ୍ନ ଶକ୍ତି ଏବଂ ଶୀତଳତା ଅନୁଭବ ହୋଇଥାଏ । ଯାହା କେବଳ ଶରୀରକୁ ନୁହେଁ ବରଂ ଆତ୍ମାକୁ ମଧ୍ୟ ସ୍ପର୍ଶ କରେ । ନିଧିବନରେ ଗଛଗୁଡ଼ିକ ଉପରକୁ ନୁହେଁ ତଳକୁ ବଙ୍କା ହୋଇ ରହିଥାଏ । ଏପରି ମନେହୁଏ ଯେପରି ପ୍ରତ୍ୟେକ ଗଛ କୌଣସି ଅଦୃଶ୍ୟ ଶକ୍ତି ନିକଟରେ ପ୍ରଣାମ କରୁଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଏଠାରେ କୌଣସି ଗଛ ଏକା ନୁହେଁ। ପ୍ରତ୍ୟେକ ଗଛ ଅନ୍ୟ ସହିତ ଏପରି ସଂଯୁକ୍ତ ଯେପରି ଦୁଇଜଣ ଲୋକ ପରସ୍ପରକୁ ଆଲିଙ୍ଗନ କରୁଛନ୍ତି । ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁସାରେ ଏଗୁଡିକ କୌଣସି ସାଧାରଣ ଗଛ ନୁହେଁ । ବରଂ ୧୬୦୦୦ ଗୋପୀ । ଯେଉଁମାନେ ଦିନରେ ଗଛ ହୋଇଯାଆନ୍ତି ଏବଂ ରାତିରେ ଭଗବାନ କୃଷ୍ଣଙ୍କ ସହିତ ରାସଲୀଳା କରିଥାଆନ୍ତି । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥାଇପାରେ କିନ୍ତୁ ଏହା ହିଁ ସତ ବୋଲି କୁହାଯାଉଛି । ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ, ପକ୍ଷୀ ଏବଂ ଅନ୍ୟାନ୍ୟ ପ୍ରାଣୀମାନେ ଦିନ ସାରା ଏହି ଜଙ୍ଗଲରେ ରୁହନ୍ତି । କିନ୍ତୁ ସନ୍ଧ୍ୟା ହେଲେ ସମସ୍ତ ପ୍ରାଣୀ ନିଧିବନ ଛାଡି ଚାଲିଯାଆନ୍ତି । ଫଳରେ ସେହି ସ୍ଥାନରେ ଏଭଳି ଅଦ୍ଭୁତ ଦୃଶ୍ୟ ଦେଖିବାକୁ ମିଳେ । ନିଧିବନରେ ଅବସ୍ଥିତ ରଙ୍ଗ ମହଲ ସବୁଠାରୁ ବଡ଼ ରହସ୍ୟ ।

ପ୍ରତ୍ୟେକ ସନ୍ଧ୍ୟାରେ ପୂଜାରୀମାନେ ପଲଙ୍କ ସଜାଇ ଚାଦର ବିଛାନ୍ତି, ପାଣି,ପାନ ଏବଂ ପ୍ରସାଦ ରଖି କବାଟରେ ୭ଟି ତାଲା ପକାଇ ଦିଅନ୍ତି । ଆଶ୍ଚର୍ଯ୍ୟର କଥା ହେଉଛି ଯେ, ପରଦିନ ସକାଳେ କବାଟ ଖୋଲିବା ବେଳକୁ ସଜା ହୋଇଥିବା ବିଛଣା ଅସଜଡା ହୋଇଯାଇଥାଏ । ପାନ ପତ୍ର ଅଧା ଖିଆ ହୋଇଥାଏ ଏବଂ ପାଣି ମଧ୍ୟ ସରିଯାଇଥାଏ । ଅନେକ ଲୋକ ଏହାର ରହସ୍ୟ ଜାଣିବାକୁ କ୍ୟାମେରା ଲଗାଇଥିଲେ । କିନ୍ତୁ କ୍ୟାମେରା ବନ୍ଦ ହୋଇଯାଏ ଏବଂ ବ୍ୟାଟେରୀ ସରିଯାଏ । ଏହା ସହିତ ଯେଉଁମାନେ ଏହାର ରହସ୍ୟ ଜାଣିବାକୁ ସେଠାରେ ଥିଲେ ସେମାନେ ଫସି ଯାଇଥିଲେ । କିଛି ଲୋକ ଏହାକୁ ବିଶ୍ୱାସ କରୁଥିବାବେଳେ ଆଉ କିଛି ଅନ୍ଧବିଶ୍ୱାସ ବୋଲି କହିଥିଲେ । ଏମିତି କିଛି ରହସ୍ୟ ଅଛି ଯାହାକୁ ବେଳେବେଳେ ବୁଝି ହୋଇନଥାଏ । କିଛି ରହସ୍ୟକୁ ଅନୁଭବ କରିବାକୁ ପଡିଥାଏ । ଯଦି ବୃନ୍ଦାବନ ପରିଦର୍ଶନ କରୁଛନ୍ତି, ତେବେ ସନ୍ଧ୍ୟା ପରେ ସେଠାରେ ରହିବାର ଭୁଲ କେବେ କରନ୍ତୁ ନାହିଁ ବୋଲି କୁହାଯାଇଛି ।

## ପ୍ରତି ରବିବାର ସୂର୍ଯ୍ୟଙ୍କ ପୂଜା ସୌଭାଗ୍ୟ ପ୍ରାପ୍ତି ସହ ଜୀବନରେ ଉନ୍ନତି



ଶାସ୍ତ୍ରରେ ଗ୍ରହ ରାଜ ସୂର୍ଯ୍ୟ ଦେବତାଙ୍କୁ ମହତ୍ତ୍ୱ ଦିଆଯାଇଛି । ଭଗବାନ ସୂର୍ଯ୍ୟଙ୍କ ଦର୍ଶନ ପ୍ରତିଦିନ ମିଳିଥାଏ । ଧାର୍ମିକ ମାନ୍ୟତା ଅନୁସାରେ ରବିବାର ଦିନ ଭଗବାନ ସୂର୍ଯ୍ୟଙ୍କୁ ସମର୍ପିତ । ସନାତନ ଧର୍ମରେ ମାନ୍ୟତା ରହିଛି ଯେ ରବିବାର ଦିନ କିଛି ବିଶେଷ କାମ କରିବା ଦ୍ୱାରା ସୌଭାଗ୍ୟ ବୃଦ୍ଧି ହେବା ସହ ବ୍ୟକ୍ତି ଆରୋଗ୍ୟ ଲାଭ କରିଥାନ୍ତି । ମା' ଲକ୍ଷ୍ମୀଙ୍କ କୃପା ମିଳିବା ସହ ଧନଧାନ୍ୟ ବୃଦ୍ଧି ଘଟିଥାଏ । ଜାଣିବା, ପ୍ରତି ରବିବାର କ'ଣ କରିବା ଉଚିତ ? ।ରବିବାର ସୂର୍ଯ୍ୟଦେବଙ୍କ ପୂଜା ପାଇଁ ପ୍ରଶସ୍ତ । କାରଣ ସୂର୍ଯ୍ୟଦେବଙ୍କର ରବିବାର ପାଇଁ ଉଦ୍ଦିଷ୍ଟ। ଏହିଦିନ ସୂର୍ଯ୍ୟଦେବଙ୍କୁ ପୂଜା କଲେ ମିଳିଥାଏ ଅନେକ ଉପକାରିତା । ଜ୍ୟୋତିଷ ଶାସ୍ତ୍ରରେ ସୂର୍ଯ୍ୟଦେବଙ୍କୁ ଗ୍ରହରାଜା କୁହାଯାଏ । ବ୍ୟକ୍ତିର ଜୀବନରେ ମାନ ସମ୍ମାନ ବି ସୂର୍ଯ୍ୟଦେବଙ୍କ ପାଇଁ ଆସିଥାଏ । ଏହାସହ କାର୍ଯ୍ୟରେ ଉନ୍ନତି ପାଇବାକୁ ଚାହୁଁଥିଲେ ସୂର୍ଯ୍ୟଦେବଙ୍କୁ ପୂଜା କରିପାରିବେ । ସପ୍ତାହକ ସାତ ଦିନର ନାମ ଗ୍ରହ ଆଧାରରେ ରଖାଯାଇଛି । ଏଣୁ ସପ୍ତାହର ପ୍ରତ୍ୟେକ ଦିନ କୌଣସି ନା କୌଣସି ଦେବତାଙ୍କୁ ସମର୍ପିତ କରାଯାଇଛି । ଧାର୍ମିକ ମାନ୍ୟତା ଅନୁଯାୟୀ ରବିବାରକୁ ଭଗବାନ ସୂର୍ଯ୍ୟଙ୍କ ବାର କୁହାଯାଏ । ସୂର୍ଯ୍ୟଙ୍କ ବାର ହୋଇଥିବାରୁ ଏହିଦିନ କିଛି କାମ କରିବାକୁ କରାଯାଇଛି । ଏସବୁ କାମ କଲେ ସୂର୍ଯ୍ୟ ସନ୍ତୁଷ୍ଟ ହୋଇଥାନ୍ତି ଓ ଅନେକ କ୍ଷତି ସହିବାକୁ ପଡ଼ିନପାରେ ।

**ସକାଳେ ସୂର୍ଯ୍ୟଦେବଙ୍କୁ ଦିଅନ୍ତୁ ଅର୍ଘ୍ୟ :** ପ୍ରତି ରବିବାର ସକାଳେ ସୂର୍ଯ୍ୟ ଉଦୟ ପୂର୍ବରୁ ଉଠି କରି ସ୍ନାନାଦି ସାରି ସ୍ୱଚ୍ଛ ବସ୍ତ୍ର ପିନ୍ଧନ୍ତୁ । ପରେ ଘରର ପୂଜା ସ୍ଥଳରେ ଭଗବାନଙ୍କ ଆଗରେ ଦୀପ ଜଳାଇ ଦିଅନ୍ତୁ । ପରେ ଏକ ତମ୍ବା ଢ଼ାଳରେ ଚନ୍ଦନ, ଅକ୍ଷତ ଓ ଲାଲ ଫୁଲ ପକାଇ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଦିଅନ୍ତୁ । ସୂର୍ଯ୍ୟ ଦେବଙ୍କୁ ପ୍ରସନ୍ନ କରିବା ପାଇଁ ଅର୍ଘ୍ୟ ଦେବା ବେଳେ ଏହ ମନ୍ତ୍ର-'ଓଁ ସୂର୍ଯ୍ୟାୟ ନମଃ, ଓଁ ବାସୁଦେବାୟ ନମଃ, ଓଁ ଆଦିତ୍ୟ ନମଃ ' ଉଚ୍ଚାରଣ କରନ୍ତୁ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଦେବା ସମୟରେ ମନ୍ଦାର ଫୁଲ ଚଢ଼ାଇବା ବହୁତ ଶୁଭ ହୋଇଥାଏ । ଏହାଦ୍ୱାରା ଆର୍ଥିକ ସ୍ଥିତିରେ ସୁଧାର ହୋଇଥାଏ ଏବଂ ବିଗିଡ଼ିଥିବା କାମ ପୂରା ହୋଇଥାଏ ।



**ତୁଳସୀ ବୃକ୍ଷର ପୂଜା :** ରବିବାର ତୁଳସୀ ବୃକ୍ଷ ପୂଜା ମଧ୍ୟ ବହୁତ ଶୁଭ ହୋଇଥାଏ । ହେଲେ ରବିବାର ତୁଳସୀ ବୃକ୍ଷରେ ଜଳ ଦେବା ଓ ତୁଳସୀ ପତ୍ର ଛିଡାଇବା ବର୍ଜିତ । ତେଣୁ ରବିବାର ସଂଧ୍ୟାରେ ତୁଳସୀ ବୃକ୍ଷ ମୂଳରେ ଦୀପ ଜରୁର ଜଳାନ୍ତୁ। ପ୍ରତି ରବିବାର ଏପରି କରିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥାନ୍ତି। ମା' ଲକ୍ଷ୍ମୀଙ୍କ ଆଶୀର୍ବାଦ ଯୋଗୁ ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ ।

**ଦେଶୀ ଘିଅ ଦୀପ ଜଳାନ୍ତୁ :** ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ପ୍ରତି ରବିବାର ଘରର ମୁଖ୍ୟ ଦ୍ୱାରର ଦୁଇପଟରେ ଦେଶୀ ଘିଅର ଦୀପ ଜଳାନ୍ତୁ । ମାନ୍ୟତା ରହିଛି ଏହାଦ୍ୱାରା ଘରେ ସକାରାତ୍ମକ ଶକ୍ତିର ବୃଦ୍ଧି ହୋଇଥାଏ ।

# ସେଦିନର ଗାଁ' କୁଆଡ଼େ ଗଲା ?









ଘର ପାଖ କମାରଶାଳରେ ଲେହି ଉପରେ ଗରମ ଲାଲ ଲୁହାକୁ ହାତୁଡ଼ି ପିଟଣାରେ ପିଟିବା ଧ୍ୱନି, ଯଦି କଂସାରୀ ଘର ପାଖରେ ରହୁଥିବେ ତେବେ କଂସାବାସନ ତିଆରି ବେଳେ ହାତୁଡ଼ି ପିଟା ଧ୍ୱନି ଖଣ୍ଡେ ଦୂର ଯାଏଁ ବ୍ୟାପୁଥିବ। କୈବର୍ତ୍ତ ଘରେ ଚୁଡ଼ାକୁଟା ଢ଼ିଙ୍କିର ପାହାର କାର୍ଯ୍ୟମୁଖରତାର ସଂକେତ ଦେଉଥିବ। ଗ୍ରାମ ତୈଳିକମହାଜନ ଘରେ ଥିବା କାଠଘଣା ସକାଳୁ ସକାଳୁ କର୍ମମୁଖର। ତେଲ ପେଡ଼ିବା କାର୍ଯ୍ୟରେ ସେମାନେ ଲାଗିଯାନ୍ତି । ଚାଷୀ ଘରେ ସବୁ ଦିନେ ବିଲକାମ ନ ଥିଲେ ବି ଗାଈ ବଳଦ ସେବାର ନିତ୍ୟକର୍ମ । ପୁଣି ବାଡ଼ିରେ, ଢ଼ିଅ ଜମିରେ ଲଗାଇଥିବା ପନିପରିବା ଫସଲରେ ପାଣି ମଡ଼ାଇବା ପାଇଁ ପୋଖରୀରୁ ଯନ୍ତ, ଟେଣ୍ଡା ଆଦି ପାଣି ଉଠାଇବା କାର୍ଯ୍ୟ ପାଇଁ ବାହାରି ଯାଆନ୍ତି। ଚାଷ ବେଳେ ଧାନ କ୍ଷେତ କର୍ମରେ କାର୍ଯ୍ୟ ପାଇଁ ବାହାରି ଯାଆନ୍ତି।

ଧାନ କ୍ଷେତ କର୍ମରେ ବୁଣା, ରୁଆ, ବଛାବଛି ପାଣି ଦେଖିବା, ପୋକ ଦେଖିବା ଫସଲ କ୍ଷେତକୁ ପଶୁପକ୍ଷୀ ଚୋର ଆଗରୁ ରକ୍ଷା କରିବାରେ ଲାଗି ରହିବା , ଧାନ ପାଚିଲେ କାଟିବା, ବୋହି ଆଣିବା ବେଙ୍ଗଳା ପକାଇବା, ଉଡାଇ ଧାନ ପରିଷ୍କାର କରିବା, ଖରା ଦେବା, ଖଣି ପକାଇବା ବା ଅମାରରେ ରଖିବା, ବିହନ ରଖିବା ପରି କର୍ମରେ ସର୍ବଦା ଲାଗି ରହିବା ଦେଖାଯାଉଥିଲା। ଏବେ ତାହା କମୁଥିବା ଲକ୍ଷ୍ୟ କରାଯାଇଛି। ସମସ୍ତଙ୍କ ସହଯୋଗରେ ଗ୍ରାମର ଲୋକେ ଜୀବିକା ଚଳାଇବା ସହିତ ନିରାପଦରେ ନିଜ ନିଜ ମଧ୍ୟରେ ସହାୟକ ହେଉଥିଲେ। ଭାଇଚାରାରେ ଗ୍ରାମ ଚାଲୁଥିଲା। ଗ୍ରାମରେ ଧନୀ ଦରିଦ୍ର ରହିଲେ ବି ଦରିଦ୍ରମାନେ ଧନୀମାନଙ୍କର ଜମିଜମା ବୃତ୍ତିରେ ସହାୟକ ହୋଇ ଗୁଜରାଣ ମେଣ୍ଟାଉ ଥିଲେ। ବଡ଼ ବଡ଼ ସମସ୍ୟା ଗ୍ରାମର ସ୍ୱ ସ୍ୱ ପାଟକଙ୍କ ମଧ୍ୟରେ ବା କିଛି ଗୁରୁତର ଛତିଶ ନ୍ୟାୟରେ ସମାଧାନ ହେଉଥିଲା। ବିବାହାଦି ସଂସ୍କ କାର୍ଯ୍ୟରେ ଗ୍ରାମ୍ୟ ଜନ କାର୍ଯ୍ୟଗ୍ରାହୀକୁ ସହଯୋଗ ପୂର୍ଣ୍ଣ ପ୍ରାଣରେ କରୁଥିଲେ। ଦରିଦ୍ର ଘରେ ଯଦି କେହି କନ୍ୟା ବିବାହ କରୁଥିଲା ତାକୁ ଅର୍ଥରେ,ଦ୍ରବ୍ୟରେ ସାହି ପଡ଼ୋଶୀ ଜାତିଭାଇ ସହାୟକ ହେଉଥିଲେ। ବିଭିନ୍ନ ପାଟକଙ୍କୁ ବିଭିନ୍ନ ଜାତିର ଲୋକେ ସେବା ଦେଉଥିଲେ । ଏବେ ତାହା କିଭଳି ରହିଛି ଲକ୍ଷ୍ୟ କରାଯାଇପାରେ । ବିବାହ ବ୍ରତ ଆଦିରେ ଢ଼ୋଲ ନାଗରା, ମହୁରୀ ଆଦି ବଜାଇବାକୁ ଏକ ପାଟକଙ୍କୁ ବିବାହ କାର୍ଯ୍ୟରେ ଜଡ଼ିତ କରାଯାଏ । ଏପରିକି ବରପଟୁଆରରେ ଏଇମାନେ ହିଁ ଆଗେଇ ବାଦ୍ୟ ବଜାଇ ଚାଲନ୍ତି। ମଦ୍ୟପମାନଙ୍କୁ କୌଣସି ପିତୃକାର୍ଯ୍ୟ, ଦେବକାର୍ଯ୍ୟରେ ନିୟୋଜିତ ହେବା ପାଇଁ ଘୋର ବାରଣ କରାଯାଉଥିଲା। ଗ୍ରାମ୍ୟ ଦେଶୀ ଲୁଣ ଲୋକେ ଆଉ ଖାଉନାହାନ୍ତି କି ମିଳୁ ନାହିଁ ।ପ୍ୟାକେଟ ଲୁଣ ସବୁଆଡ଼େ। ଗ୍ରାମର ବହୁ ବୃତ୍ତି ଏବେ ଲୁପ୍ତପ୍ରାୟ। ଗାଁ' ର ସୁନ୍ଦର ଦୃଶ୍ୟ ଏବେ ଆଉ କାହିଁ ?

# ନାରଦଙ୍କୁ ଅଭିଶାପ

ହିନ୍ଦୁ ଧର୍ମରେ ଦେବର୍ଷି ନାରଦଙ୍କୁ ଭଗବାନଙ୍କ ପରମ ଭକ୍ତ ଏବଂ ଜ୍ଞାନର ଦୂତ ଭାବରେ ବିବେଚନା କରାଯାଏ । କିନ୍ତୁ ଏପରି ଏକ ସମୟ ଆସିଥିଲା ଯେତେବେଳେ ପ୍ରଜାପତି ଦକ୍ଷ ତାଙ୍କ ଉପରେ କ୍ରୋଧିତ ହୋଇ ନାରଦଙ୍କୁ ଅଭିଶାପ ଦେଇଥିଲେ । କୁହାଯାଉଛି ଯେ, ଏହି ଶାପ କାରଣରୁ ନାରଦ ଆଜି ବି ୩ ଲୋକରେ ଭ୍ରମଣ କରୁଛନ୍ତି । ପୌରାଣିକ କଥା ଅନୁସାରେ ପ୍ରଜାପତି ଦକ୍ଷଙ୍କର ୫ ହଜାର ପୁଅ ଥିଲେ । ଯେଉଁମାନେ ହର୍ଯ୍ୟଶ୍ୱ ନାମରେ ଜଣାଶୁଣା । ତାଙ୍କ ପୁଅମାନେ ସମ୍ପୂର୍ଣ୍ଣ ସୃଷ୍ଟି ଭ୍ରମଣ କରି ଭାର ଗ୍ରହଣ କରନ୍ତୁ ବୋଲି ଦକ୍ଷ ଚାହୁଁଥିଲେ । ଏହାରି ମଧ୍ୟରେ ଦେବର୍ଷି ନାରଦ ତାଙ୍କ ପାଖରେ ପହଞ୍ଚିଥିଲେ । ସେଠାରେ ସେ ହରିଶ୍ୱରଙ୍କୁ କିଛି ପ୍ରଶ୍ନ ପଚାରିଥିଲେ ଯାହାର ଉତ୍ତର ସେମାନଙ୍କ ପାଖରେ ନଥିଲା । ନାରଦ କହିଥିଲେ ଯେତେବେଳ ପର୍ଯ୍ୟନ୍ତ ପୃଥିବୀ ବିଷୟରେ କୌଣସି ଜ୍ଞାନ ନ ହୋଇଛି ସେତେବେଳ ଯାଏଁ କିଏ ଏହା ଉପରେ ଶାସନ କରିପାରିବ । ସେ ଯୁବକମାନଙ୍କୁ ପ୍ରଥମେ ସଂସାରକୁ ବୁଝିବାକୁ ଏବଂ ସତ ଖୋଜିବାକୁ ପରାମର୍ଶ ଦେଲେ । ନାରଦଙ୍କ କଥା ହର୍ଯ୍ୟଶ୍ୱମାନଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ଯେଉଁଥି ପାଇଁ ସେମାନେ ଜ୍ଞାନ ଅନ୍ୱେଷଣ ପାଇଁ ବାହାରିଥିଲେ ଏବଂ ଘରକୁ ଫେରି ନଥିଲେ । ତାଙ୍କ ପୁଅମାନେ ଘରକୁ ନ ଫେରିବାରୁ ଦକ୍ଷ ଦୁଃଖିତ ହୋଇଥିଲେ । ପରେ ସେ ଆହୁରି ହଜାର ପୁତ୍ରଙ୍କୁ ଜନ୍ମ ଦେଇଥିଲେ । ଯାହାର ନାଁ ଶଭାଳାଶ୍ୱ ରଖିଥିଲେ । ଏଥର ତାଙ୍କ ପୁଅମାନେ ଦକ୍ଷଙ୍କର ଇଚ୍ଛା ପୂରଣ କରିବେ ବୋଲି ଆଶା ରଖିଥିଲେ । କିନ୍ତୁ ଯେତେବେଳେ ଶଭାଳାଶ୍ୱମାନଙ୍କ ପାଖରେ ନାରଦ ପହଞ୍ଚିଲେ ସେମାନଙ୍କୁ ସମାନ ପରାମର୍ଶ ସେ ଦେଇଥିଲେ । ସେମାନେ ମଧ୍ୟ ସେମାନେ ଜ୍ଞାନ ଅନ୍ୱେଷଣ ପାଇଁ ବାହାରିଥିଲେ ଏବଂ ଘରକୁ ଫେରି ନଥିଲେ । ବାରମ୍ବାର ଦକ୍ଷ ନିଜ ପୁଅମାନଙ୍କୁ ହରାଇବା ପରେ ସେ ଧୈର୍ଯ୍ୟ ଶୂନ୍ୟ ହୋଇଗଲେ । ସେ ପରେ ନାରଦଙ୍କୁ ପଚାରିଥିଲେ ଯେ, ଯଦି ସମସ୍ତେ ନିଜ ଘର ଏବଂ ପରିବାର ଛାଡି ଯାଆନ୍ତି ତେବେ ସୃଷ୍ଟି କେମିତି ଆଗକୁ ବଢିବ ଏବଂ ଜଗତ କିପରି ଚାଲିବ ? ନାରଦ ଉତ୍ତର ଦେଇଥିଲେ ସେ କାହାକୁ ବାଧ୍ୟ କରିନଥିଲେ । ସେ କେବଳ ସତ୍ୟର ରାସ୍ତା ଦେଖାଇଥିଲେ । କିନ୍ତୁ ତାଙ୍କ ପୁଅମାନେ ଏହାକୁ ଅନୁସରଣ କରିବାକୁ ନିଜେ ନିଷ୍ପତ୍ତି ନେଇଥିଲେ । ଏହା ଶୁଣିବା ପରେ ଦକ୍ଷଙ୍କ କ୍ରୋଧ ଶାନ୍ତ ହୋଇନଥିଲା । ଫଳରେ ସେ ନାରଦଙ୍କୁ ଶାପ ଦେଇ କହିଥିଲେ ଯେ, ଯେମିତି ତାଙ୍କ ପୁଅମାନେ ସଂସାର ଭ୍ରମଣ କରିବାକୁ ଯାଇ ଫେରି ନଥିଲେ ସେମିତି ତୁମକୁ ମଧ୍ୟ ତିନି ଲୋକରେ ଭ୍ରମଣ କରିବାକୁ ପଡିବ । ଯେମିତି ତୁମକୁ ସ୍ଥାୟୀ ଠିକଣା ନ ମିଳୁ । ଧାର୍ମିକ ମାନ୍ୟତା ଅନୁସାରେ, ଦକ୍ଷଙ୍କ ଏହି ଶାପ ଯୋଗୁଁ ନାରଦ



ଗୋଟିଏ ସ୍ଥାନରେ କେବେ ବି ରୁହନ୍ତି ନାହିଁ । ସେ ସବୁବେଳେ ଭଗବାନଙ୍କ ନାଁ ଏବଂ ଧର୍ମ ଗାନ କରି ଗୋଟିଏ ଦୁନିଆରୁ ଅନ୍ୟ ଦୁନିଆକୁ ଭ୍ରମଣ କରୁଛନ୍ତି । ପୌରାଣିକ କଥା ଅନୁସାରେ ଦକ୍ଷଙ୍କ ପତ୍ନୀ ପ୍ରସୂତି ଆଦିଶକ୍ତିଙ୍କ ଜଣେ ବଡ଼ ଭକ୍ତ ଥିଲେ । ସେ ଏବଂ ଦକ୍ଷ ବର୍ଷ ବର୍ଷ ଧରି ତପସ୍ୟା କରିଥିଲେ । ସେମାନଙ୍କ ଭକ୍ତିରେ ଖୁସି ହୋଇ , ଆଦିଶକ୍ତି ସେମାନଙ୍କ କନ୍ୟା ଭାବରେ ଜନ୍ମ ନେବାକୁ ପ୍ରତିଜ୍ଞା କରିଥିଲେ । ଗୋଟିଏ ସମୟରେ ପ୍ରସୂତି ଏକ ତେଜସ୍ୱୀ କନ୍ୟାକୁ ଜନ୍ମ ଦେଲେ । ଯାହାର ନାମ ସତୀ ରଖିଥିଲେ । ସତୀଙ୍କ ଦ୍ୱାରା ଉଚ୍ଚାରିତ ପ୍ରଥମ ଶବ୍ଦ ଶିବ ଥିଲା ବୋଲି ବିଶ୍ୱାସ କରାଯାଏ । ପରେ ସତୀ ଭଗବାନ ଶିବଙ୍କୁ ବିବାହ କରିଥିଲେ । ଯାହାର କାହାଣୀ ହିନ୍ଦୁ ଧର୍ମରେ ବିଶେଷ ଗୁରୁତ୍ୱ ରଖେ ।

# ଭଦ୍ରକରେ ସିଏମ୍ ଟ୍ରଫି : ୭ ଜିଲ୍ଲାରୁ ୨୧୦ ପ୍ରତିଯୋଗୀ ସାମିଲ

ଭଦ୍ରକ,(ନିପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଭଦ୍ରକ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ସିଏମ୍ ଟ୍ରଫି ଜୋନାଲ ଭଲିବଲ୍ ପ୍ରତିଯୋଗିତା ଉଦ୍ଘାଟିତ ହୋଇଯାଇଛି ।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଉଦ୍ଘାଟନ କରିଥିଲେ । ଖେଳ କେବଳ



ପ୍ରତିଯୋଗିତା ନୁହେଁ, ବରଂ ଶୃଙ୍ଖଳା, ଏକତା ଓ ଭ୍ରାତୃଭାବର ବାର୍ତ୍ତା ବହନ କରେ ବୋଲି କହି ଉପସ୍ଥିତ ଥିବା ପ୍ରତିଯୋଗୀଙ୍କୁ ପ୍ରୋତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଧୀରେନ ପଲେଇ, ଯୁଗ୍ମ ସମ୍ପାଦକ ଅତିଶ ବେହେରା, ଉପସଭାପତି ଜତିକାନ୍ତ ନାୟକ, କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତି ଏବଂ ସଦସ୍ୟ ରବି ନାରାୟଣ ପାଣିଗ୍ରାହୀ ଓ ଏସ୍.କେ. ବସିର ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଜୋନାଲ ଭଲିବଲ୍ ପ୍ରତିଯୋଗିତାରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାରୁ ମୋଟ ୨୧୦ ଜଣ ପ୍ରତିଯୋଗୀ ଓ ୧୬ ଜଣ ଅଧିକାରୀ ଅଂଶଗ୍ରହଣ କରିଛନ୍ତି ।

# ବିଭିନ୍ନ ସମସ୍ୟାକୁ ନେଇ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

# ୧୦ଦିନରେ ଦାବି ପୂରଣ ନହେଲେ ହେବ ଆନ୍ଦୋଳନ

ରେଢ଼ାଖୋଲ,(ନିପ୍ର): ବିଜେଡ଼ି ପକ୍ଷରୁ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ବିଭିନ୍ନ ସମସ୍ୟାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରେଢ଼ାଖୋଲ ଅଞ୍ଚଳର ବିଭିନ୍ନ ସମସ୍ୟା ମୁଖ୍ୟତଃ ଏନ୍ ଏଚ୍ ୫୫ ରାଜରାସ୍ତା, ଉପଖଣ୍ଡ ଚିକିତ୍ସାଳୟରେ ଥିବା ରକ୍ତଭଣ୍ଡାର ବନ୍ଦ ଥିବା ସମ୍ବନ୍ଧରେ,ଟାଟା ପାୱାରର ଜୁଲୁମ ସମ୍ବନ୍ଧେ, ୩ମାସ ହେବ ହିତାଧିକାରୀ ଭତ୍ତା ପାଇନଥିବା ସମ୍ବନ୍ଧେ, ଗ୍ରାମାଞ୍ଚଳ ଗୁଡିକରେ ମେଗା ଜଳ ସେଚନ ବ୍ୟବସ୍ଥା ବିଷୟ ସହ ରେଢ଼ାଖୋଲ ରେ ଆରମ୍ଭ ହେବାକୁ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ବିଷୟରେ ମୁଖ୍ୟତଃ ବିଶେଷ କରି ସରକାରଙ୍କୁ ଅବଗତ କରିଛନ୍ତି । ରେଢ଼ାଖୋଲ ସହର ଦେଇ ପାଉଁଶ ବୋଝେଇ ଗାଡ଼ି ଅନବରତ ଯାତାୟତ ହେଉଥିବା ହେତୁ ୫୫ ନଂ ଜାତୀୟ ରାଜପଥ ଉପରେ ଗଦା ଗଦା ହୋଇ ପାଉଁଶ ଗୁଣ୍ଡ ପଡ଼ିରହି ଅଞ୍ଚଳସାରା ଧୂଳିମୟ ପରିବେଶ ସୃଷ୍ଟି କରୁଛି । ଏ ସମ୍ପର୍କରେ ବିଜେଡ଼ି ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରି ଏକ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରି ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ପ୍ରଶାସନ ଓ ଏନ୍ ଏଚ୍ ଆଇ କର୍ତ୍ତୃପକ୍ଷଙ୍କୁ ଏହାର ସମାଧାନ ପାଇଁ ଏକ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ତାହାକୁ ବେଖାତିର୍ କରି ପୁଣି ପାଉଁଶ ଗାଡ଼ି ଯାତାୟତ କରୁଛି ତାହା ସହ ଶେଷ ହୋଇ ପାରିନି ରାଜରାସ୍ତା କାମ କେଉଁଠି




ସରିଯାଇଥିଲେ ସୁଧା କିଛି ଦିନ ନ ଯାଉଣୁ ଉଠିଛି କଂକ୍ରିଟ ଓ ପିଚୁ । କିନ୍ତୁ ଏହାର କୌଣସି ସମାଧାନ ଆଜି ପର୍ଯ୍ୟନ୍ତ ହୋଇ ପାରିନାହିଁ । ଏବଂ ପାଉଁଶ ଗାଡ଼ି ଯୋଗୁଁ ଆଜିବି ଜାତୀୟ ରାଜପଥ ଉପରେ ପାଉଁଶ ଗୁଣ୍ଡ ଗଦା ଗଦା ହୋଇ ପଡ଼ି ଅଞ୍ଚଳସାରା ଧୂଳିମୟ ପରିବେଶ ସୃଷ୍ଟି ହୋଇଛି । ଦ୍ୱିତୀୟତଃ ପୂର୍ବ ସରକାର ସମୟରେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀ ମାନଙ୍କ ପାଇଁ ଏକ ରକ୍ତ ଭଣ୍ଡାର ନିର୍ମାଣ ହୋଇଥିଲା । ଏଥିରେ ରୋଗୀମାନେ ଉପକୃତ ହେଉଥିଲେ । କିନ୍ତୁ ଏହା ପ୍ରାୟ ୪ ମାସରୁ ଊର୍ଦ୍ଧ ହେବ ବନ୍ଦ ରହିଛି । ଏଥିରେ ରୋଗୀମାନେ ହନ୍ତସନ୍ତ ହେବାକୁ ପଡୁଛି । ତୃତୀୟତଃ ଟାଟା ପାୱାର ପକ୍ଷରୁ ଅଘୋଷିତ ବିଦ୍ୟୁତ୍ କାଟ ଚାଲିଥିବା ବେଳେ ସାଧାରଣ ଲୋକଙ୍କ ଘରେ ପଶି ଅଚଳ ଥିବା ବୈଦ୍ୟୁତିକ ଉପକରଣ ଉପରେ ଅତ୍ୟଧିକ ମାତ୍ରାରେ ମନମୁଖି ଫାଇନ୍ କାଟି ବିଦ୍ୟୁତ୍ ସରବରାହ କାଟିଦେଇ ଅଫିସ ଜାଇ ଜୋର୍ ଜବରଦସ୍ତ ଟଙ୍କା ଆଦାୟ କରାଯାଉଛି । ଏହି ସବୁ ମୁଖ୍ୟ ସମସ୍ୟା ଗୁଡିକୁ ଆଗାମୀ ୧୦ଦିନ ମଧ୍ୟରେ ତୁରନ୍ତ ସମାଧାନ ତଥା ବିଚାର ନ କଲେ ଆଗାମୀ ଆଗକୁ ବିଜେଡି ଏକ ବଡ଼ ଧରଣର ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଚେତାବନୀ ଦେଇଛନ୍ତି । ଏଥିରେ ରେଢ଼ାଖୋଲ ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠୀ, ଜିଲ୍ଲା ଉପସଭାପତି ଅନାଦି ଚରଣ ସାହୁ, ନଗର ବିଜେଡି ସଭାପତି ସିଦ୍ଧାର୍ଥ ପ୍ରଧାନ, ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନୀଲ କୁମାର ପ୍ରଧାନ, ନଗର ବିଜେଡି ଯୁବ ସଭାପତି ବିକାଶ ଦାସ, ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ପୂର୍ବତନ କାଉନସିଲର ରାଜୀବ ଲୋଚନ ପ୍ରଧାନ ପ୍ରମୁଖ ମଞ୍ଚାସିନ ରହିଥିଲେ ।

# ବ୍ଲକ କଲୋନୀରେ ଚାରାରୋପଣ

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କୃଷ୍ଣପ୍ରସାଦ ବ୍ଲକ କଲୋନୀ ପରିସରରେ ବିଡ଼ିଓ ଅମୀୟ କୁମାର ପଣ୍ଡାଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ପକ୍ଷରୁ ବିଶ୍ୱ ପରିବେଶ ଦିବସ ତିଛିଣି ସ୍ଥିତ ବୀଣାପାଣି ୟୁଥ କ୍ଲବ ପରିସରରେ ପାରିକୁଦ ବନପାଳ ଜିତେନ୍ଦ୍ରୀୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ ବନ ସଂରକ୍ଷକ ସୌମ୍ୟ ରଞ୍ଜନ ସାହୁ, ବାଲୁଗାଁ ରେଞ୍ଜର ରଶ୍ମିତା ଜେନା, ଅଲଣ୍ଡା ପଞ୍ଚାୟତ ବିଜେପି ସଭାପତି ଶରତ ଚନ୍ଦ୍ର ଜେନା, ତିଛିଣି ଗ୍ରାମ୍ୟ କମିଟି ସଭାପତି ଶ୍ରୀଧର ପଲେଇ, ସମ୍ପାଦକ ରତ୍ନାକର ତରେଇ, ବୀଣାପାଣି ୟୁଥ କ୍ଲବ ସଭାପତି ବସନ୍ତ ପଲେଇ, ହିରଣ୍ୟ ଜେନା, ଅମିନ ଦାସ ସମେତ ବନ ବିଭାଗ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ପରିବେଶର ସୁରକ୍ଷା ଦିଗରେ ଆଲୋଚନା କରିଥିଲେ । ସ୍ଥାନୀୟ ତ୍ରିଲୋଚନେଶ୍ୱର ବିଦ୍ୟାପୀଠ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ଚିଲିକା ନୂଆପଡା ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ରେଞ୍ଜର ସୂର୍ଯ୍ୟକାନ୍ତ ମହାରଣାଙ୍କ ପୌରହିତ୍ୟରେ ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ମିଡିଆସେଲ ସଂଯୋଜକ ଦୁଷ୍ମନ୍ତ କୁମାର ନାୟକ, ଜିଲ୍ଲାପରିଷଦ ଲକ୍ଷ୍ମୀଧର ସାହୁ, ତାଲିମ କେନ୍ଦ୍ର ଅଧ୍ୟକ୍ଷ ଚନ୍ଦ୍ରଶେଖର ସୁନ୍ଦରାୟ, ଗଛ ମଣିଷ ଅମିତା ତରେଇ, ବନପାଳ ଗୌରାଙ୍ଗ ପ୍ରଧାନ, ଅର୍ଜୁନ ପ୍ରଧାନ ସମେତ ଛାତ୍ରଛାତ୍ରୀ ବନ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ସଭିଏଁ ସାମିଲ ହୋଇ ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ପରିବେଶ ସୁରକ୍ଷାର ନାରା ଦେଇଥିଲେ । ଏକ ପେଡ଼ ମା କେ ନାମ ଅବସରରେ ପ୍ରତିଷ୍ଠାନ ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା । ସେହିପରି କୃଷ୍ଣପ୍ରସାଦ ବ୍ଲକର ସାତପଡ଼ା ପର୍ଯ୍ୟଟନ ସ୍ଥଳୀ ଠାରେ ହମାରା ବଚପନ ଟ୍ରଷ୍ଟ ଏକ୍ରିକ ପ୍ରକଳ୍ପ ଓ ସାତପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି ।

# ବିଦ୍ୟାଳୟ ଓ ଗାଁ ଜମିରେ ଚାରାରୋପଣ ନିଷ୍ପତ୍ତି

ନିମାପଡ଼ା,(ନିପ୍ର): ନିମାପଡ଼ା ବ୍ଲକ୍ ସ୍ତରୀୟ ବିଶ୍ୱ ପରିବେଶ ଦିବସ ଧନୁଆଁ ଗ୍ରାମ ପଂଚାୟତ ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ହୋଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ ସହ ତାହାର ଯତ୍ନ ନେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପୁରୀ ଜିଲ୍ଲା ନୋଡ଼ାଲ ଏଜେନ୍ସି ଜାଗେଶ୍ୱରୀ ଯୁବକ ସଂଘ ଆନୁକୂଲ୍ୟ ଏବଂ ବିଶ୍ୱସ୍ତରୀ ସାମାଜିକ ଅନୁଷ୍ଠାନ ଡ଼ାସ୍ରା ସହାୟତାରେ କାର୍ଯ୍ୟକ୍ରମ ପାଳିତ ହୋଇଥିଲା । ମହିଳା ଦକ୍ଷତା ବୃଦ୍ଧି, ଦେଶୀୟ ପ୍ରଜାତିର ଗଛଲତା ଏବଂ ଔଷଧୀୟ ବୃକ୍ଷରୋପଣ, ପ୍ଲାଷ୍ଟିକ୍ ବ୍ୟବହାର ନିୟନ୍ତ୍ରଣ, ନଦୀ ନାଳ ପୋଖରୀର ସୁରକ୍ଷା ଓ ପୁନରୁଦ୍ଧାର କ୍ଷେତ୍ରରେ ଆଗୁଆ ହେବା ପାଇଁ ମହିଳା ଗୋଷ୍ଠୀ ସଦସ୍ୟାମାନେ ଗୁରୁତ୍ୱ ଦେଇଥିଲେ । ସଂଘ ସଂପାଦକ ନକୁଳ ଚନ୍ଦ୍ର ସ୍ୱାଇଁ ସ୍ୱାଗତ ସୂଚନା ଦେଇଥିବା ବେଳେ ଅଧ୍ୟକ୍ଷା ଚାରୁଲତା ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ସାହୁ, ସ୍ୱାଧୀନତା ସଂଗ୍ରାମୀ ଉତରାଧିକାରୀ ସଂଗଠନ ସଭାପତି ଆର୍ତ୍ତବନ୍ଧୁ ସେନାପତି, ପଂଚାୟତ ଉଚ୍ଚ ବିଦ୍ୟାଳୟ, ବଉଳପଦା ପ୍ରଧାନଶିକ୍ଷକ ବିଶ୍ୱମ୍ବର ପଟ୍ଟନାୟକ, ପୂର୍ବତନ ସମିତି ସଭ୍ୟ ପ୍ରସନ୍ନ ବେହେରା, ଖେଳ ଶିକ୍ଷକ ପଦ୍ମ ଚରଣ ସ୍ୱାଇଁ, ପୂର୍ବତନ ସରପଂଚ ନମିତା ସାହୁ ପ୍ରମୁଖ ଯୋଗ ଦେଇ ବର୍ଷାଋତୁ ପୂର୍ବରୁ ବିଦ୍ୟାଳୟ ପରିସର ସମେତ ଗ୍ରାମ୍ୟ ପଡ଼ିଆରେ ବ୍ୟାପକ ବୃକ୍ଷରୋପଣ କରାଯିବା ନିମନ୍ତେ ଅନୁଷ୍ଠାନ ସଂପାଦକଙ୍କୁ ଅନୁରୋଧ କରିବା ପରେ ତାହା ଗୃହୀତ ହୋଇଥିଲା ।

# ଜୀବନ ରକ୍ଷା ପାଇଁ ବୃକ୍ଷ ଅମୃତତୁଲ୍ୟ

ନୟାଗଡ଼,(ନିପ୍ର): ନୟାଗଡ଼ ବ୍ଲକ ଇଟାମାଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କେନ୍ଦ୍ର ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଡ଼ାଃ ଜ୍ୟୋତିରଞ୍ଜନ ସାମନ୍ତରାୟ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ପରିବେଶ ସନ୍ତୁଳନ ରକ୍ଷା କରିବା ଏବଂ ଜୀବଜଗତର ଜୀବନ ରକ୍ଷା ପାଇଁ ବୃକ୍ଷଲତା ଅମୃତତୁଲ୍ୟ ଅମ୍ଳଜାନ ଯୋଗାଉଥିବାରୁ ବୃକ୍ଷରୋପଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସମାଜସେବୀ ତଥା ସଭାପତି ଭାଗିରଥି ବାଇଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । 'ଯଦୁମଣି ବରିଷ୍ଠ ନାଗରିକ ମଞ୍ଚ ଇଟାମାଟି" ର ସଦସ୍ୟ ଦୁର୍ଯ୍ୟୋଧନ ନାୟକ,ଜଗନ୍ନାଥ ଦାସ,ସଚ୍ଚିଦାନନ୍ଦ ସାଥୁଆ,କିଶୋର ଚନ୍ଦ୍ର ସାହୁ, ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ ଓ ଉମେଶ ଚନ୍ଦ୍ର ପଟ୍ଟନାୟକ , ସନାତନ ଲେଙ୍କା ପ୍ରମୁଖ ବ୍ୟକ୍ତିମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । ପ୍ରଜାପତି ବ୍ରହ୍ମାକୁମାରୀ



ଆଶ୍ରମର ସଞ୍ଚାଳିକା ସସ୍ମିତା ଭଉଣୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଭଉଣୀ ବିଷ୍ଣୁପ୍ରିୟା,ଲକ୍ଷ୍ମୀ,ବବିନା ଓ ଭାଇ ଅନ୍ତର୍ଯ୍ୟାମୀ,ଅମୂଲ୍ୟ,ନବୀନ,ଭଗବାନ,ରବି ଓ ବିରଞ୍ଚି ଆଦି ଭାଇମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନାଲକୋ ମାଇନ୍ସ କର୍ମଚାରୀ ସଂଘର ପ୍ରତିଷ୍ଠା ଦିବସ

ଦାମନଯୋଡି,(ନିପ୍ର): ନାଲକୋ ମାଇନ୍ସ କର୍ମଚାରୀ ସଂଘର ୩୬ତମ ପ୍ରତିଷ୍ଠା ଦିବସ ସେକ୍ଟର -୧ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଆଇ ଏନ ଟି ୟୁ ସି ର ସଭାପତି ସନ୍ତୋଷ କୁମାର ଜେନା ସଂଘୀୟ ପତାକା ଉତ୍ତୋଳନ କରିବା ସହିତ ସଭାପତି ଅଭିଭାଷଣ ପ୍ରଦାନ କରିଥିଲେ । କାର୍ଯ୍ୟାଳୟ ସମ୍ପାଦକ ଶ୍ୟାମସୁନ୍ଦର ଖରା, କୋଷାଧ୍ୟକ୍ଷ ସଞ୍ଜୟ ପ୍ରଧାନ ଓ ସଂଘର ଅନ୍ୟ ସଦସ୍ୟଙ୍କ ସମେତ ଠିକାଦାର କର୍ମଚାରୀ ସଂଘ , ଏଲ ଏ ପି/ଏସ ଏ ପି ସଂଘର ନେତୃବୃନ୍ଦ ଉପସ୍ଥିତ ଥିଲେ ।

# ୨୧ବର୍ଷ ବିତିଯାଇଥିଲେ ସୁଦ୍ଧା ମିଳିନି ଦୋକାନ ଗୃହ

ରେଢ଼ାଖୋଲ,(ନିପ୍ର) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍ ଏ ସି ୱାର୍ଡ ନଂ ୪, କଇଥସାହି ଗାଁର ସୁଦର୍ଶନ ସାହୁ, ବୟସ (୭୩) । ଦେବୋତର ଟ୍ରଷ୍ଟ ବୋର୍ଡ, ରେଢାଖୋଲ ଅଧିନରେଥିବା ଦୋକାନ ଗୃହରୁ ଏକ ଦୋକାନ ଗୃହଟିଏ ପାଇବା ପାଇଁ ୨୧ ବର୍ଷ ବିତିଯାଇଥିଲେ ସୁଧା ମିଳିଲାନି ଦୋକାନ ଘରଟିଏ । ଏନେଇ ସେ ବାର ଦୁଆର ଶୁଣ୍ଠି ପିଣ୍ଡା ହେଉଛନ୍ତି ବୋଲି କହିଛନ୍ତି ସୁଦର୍ଶନ । ଆଗରୁ ସାହୁଙ୍କ ଏକ ପାନ ଦୋକାନ ଥିଲା । ୨୦ଜଣ ଦୋକାନୀ ଭାଇ ବିଭିନ୍ନ ପ୍ରକାର ଦୋକାନ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ । ଗତ ତା.୧୫.୦୩.୨୦୦୫ରିଖରେ ଏନ୍.ଏ.ସି. କର୍ତ୍ତୃପକ୍ଷ ସେହି ଦୋକାନିଙ୍କ ଦୋକାନ ଭାଙ୍ଗି ଦେଇ ଦେବୋତ୍ତର ବୋର୍ଡ଼ ପକ୍ଷରୁ ନୂତନ ଘର ତଥା ମାର୍କେଟ କମ୍ପ୍ଲେକ୍ସ ତିଆରି ହେଲା । ସେଥିରୁ ଦୋକାନ ଗୃହ ସମସ୍ତଙ୍କୁ ମିଳିଥିବା ବେଳେ ସୁଦର୍ଶନଙ୍କୁ ମିଳିପାରିନଥିଲା । ବାରମ୍ବାର ଏହି ବିଷୟରେ ସଂପୃକ୍ତ ତଥା ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ତ ହୋଇ ସଂମ୍ପୂର୍ଣ ରୂପେ ହତାସ ହୋଇପଡ଼ିଥିଲେ । ପରିଶେଷରେ ତତ୍କାଳୀନ ଉପ-



ଜିଲ୍ଲାପାଳ, ରେଢାଖୋଲ ମହୋଦୟ ଦୁଇମାସ ମଧ୍ୟରେ ଦୋକାନ ଗୃହ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏବଂ ଦୋକାନ ଗୃହ ବାବଦକୁ ଅମାନତ ହିସାବରେ ଟ.୧୫ ହଜାର ଟଙ୍କା ମଧ୍ୟ ପଇଠ କରିଥିଲେ ତଥାପି ତାଙ୍କୁ ଦୋକାନ ଗୃହ ମିଳି ପାରିନାହିଁ । ଦେବୋତର ବୋର୍ଡ ଦୋକାନଗୃହ ନିର୍ମାଣ କରିବାର ତିନି ବର୍ଷ ପରେ ମୁ ଦେଇଥିବା ୧୫ହଜାର ଟଙ୍କା ମୋତେ ଫେରସ୍ତ କରିବାକୁ କହି ଆଜି ପର୍ଯ୍ୟନ୍ତ ସେ ଟଙ୍କା ମୋତେ ଫେରସ୍ତ କରି ନଥିବା ବେଳେ ରସିଦ ମଧ୍ୟ ଦେଇନାହାନ୍ତି ଏହା ସହ ଦୋକାନ ଘରଟିଏ ମଧ୍ୟ ମିଳି ପାରିନାହିଁ । ଏମିତିକି ଦୋକାନ ଘର ନ ମିଳି ମଧ୍ୟ ସେ ମାସିକ ଭଡା ବାବଦରେ ମାସକୁ ୭୮୪ଟଙ୍କା ୪ମାସ ଦେଇଥିବା ସେ କହିଛନ୍ତି । ବର୍ତ୍ତମାନ ମାନସିକ ଯନ୍ତ୍ରଣାରେ ଜର୍ଜରିତ । ଦୋକାନ ଗୃହ ଅଭାବରୁ ଘରେ ଥିବା ବେକାରୀ ପୁଅ କର୍ମ ସଂସ୍ଥା ଯୋଗାଡ କରି ନପାରି ଘୋର୍ ଦୁର୍ଦ୍ଦିନରେ ଦିନ ବିତୁଛି ବୋଲି କହିଛନ୍ତି । ଏନେଇ ସେ ଜିଲ୍ଲାପାଳ ସମ୍ବଲପୁର,ଉପ ଜିଲ୍ଲାପାଳ ରେଢ଼ାଖୋଲ, ବିଡ଼ିଓ, ତହସିଲଦାର ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦୋକାନ ଘର ଖଣ୍ଡିଏ ପାଇଁ ଦୁଃଖ ଜଣାଇଛନ୍ତି ।

# ପରିବେଶ ସୁରକ୍ଷା ପାଇଁ ଶପଥ ଗ୍ରହଣ

ହିଞ୍ଜିଳିକାଟୁ,(ନିପ୍ର): ହିଞ୍ଜିଳି ତାଲୁକା ଆଇନସେବା କମିଟି ଅଧ୍ୟକ୍ଷା ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ବିଶ୍ୱପରିବେଶ ଦିବସ ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ, ତହସିଲଦାର ତପନ କୁମାର ମହାପାତ୍ର, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁ, ବରିଷ୍ଠ ଆଇନଜୀବି ଦ୍ୱିତୀକୃଷ୍ଣ ସାବତ ମଂଚାସୀନ ରହିଥିଲେ । ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ । ଆଜି ଯଦି ଆମେ ପରିବେଶ ପ୍ରତି ସଚେତନ ନ ହେବା, ତେବେ ଆଗାମୀ ପିଢ଼ି ଏହାର ଭୟଙ୍କର ପରିଣାମ ଭୋଗିବେ ନେଇ ଅତିଥି ମାନେ ଅଭିଭାଷଣ ରଖିଥିଲେ । ସଭା ଶେଷରେ ବରିଷ୍ଠ ଆଇନଜୀବି ଦ୍ୱିତୀକୃଷ୍ଣ ସାବତ ପରିବେଶ ସୁରକ୍ଷା ପାଇଁ ସମସ୍ତେ ଶପଥ ଗ୍ରହଣ କରିଥିଲେ । ପରେ ମେଡିକାଲ ପରିସରରେ ଅତିଥି ମାନଙ୍କ ଦ୍ୱାରା ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା ।

# ହିଞ୍ଜିଳିକାଟୁରେ ୩୨୧ ୟୁନିଟ ରକ୍ତ ସଂଗୃହୀତ

ହିଞ୍ଜିଳିକାଟୁ,(ନିପ୍ର): ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ କୁକୁଡ଼ାଖଣ୍ଡି ଫାର୍ମ ହାଉସ ପରିସରରେ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ପ୍ରାରମ୍ଭରେ ଶୁଭେଚ୍ଛୁ, କର୍ମୀ ଓ ସମର୍ଥକଙ୍କ ଗହଣରେ ବିଧାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଶିବିରରେ ମୋଟ ୩୨୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ତ ଭଣ୍ଡାରର ସୀମିତ ଚାହିଦା ଏବଂ ଜରୁରୀ ଆବଶ୍ୟକତା ପୂରଣ କରିବା ଦିଗରେ ଆମ ସମସ୍ତଙ୍କ ଉତ୍ସର୍ଗୀକୃତ ସେବା ଓ ସହଯୋଗ



ନିଶ୍ଚିତ ଭାବେ ମହତ କାର୍ଯ୍ୟ ବୋଲି ବିଧାୟକ ରକ୍ତଦାତା ମାନଙ୍କୁ ଉତ୍ସାହିତ କରି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ହିଞ୍ଜିଳି ବିଧାନ ସଭାର ପୂର୍ବତନ ବିଧାୟକ ପ୍ରାର୍ଥୀ ଶମ୍ଭୁ ପାଣିଗ୍ରାହୀ, ହିଞ୍ଜିଳି ବ୍ଲକ ପୂର୍ବତନ ସଭାପତି ଶିବରାମ ପ୍ରଧାନ, ଶେରଗଡ ବ୍ଲକ ସଭାପତି କୁନା ବିଷୋୟୀ, ଯୁବ ସମାଜ ସେବୀ ତଥା କଂଗ୍ରେସ ଦଳର ଦକ୍ଷ ସଂଗଠକ ପ୍ରଦୀପ କୁମାର ମହାରଣା, ହିଞ୍ଜିଳିକାଟୁର ଟାଣୁଆ ନେତା ଜଗନ୍ନାଥ ଗୌଡଶହ ଶହ ସଂଖ୍ୟାରେ ଯୁବ ଗୋଷ୍ଠୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ସି.ଏମ୍. ଟ୍ରଫି କବାଡ଼ି ଆନ୍ତଃଜିଲ୍ଲା ଜୋନ୍-୨(କଟକ) ଚାମ୍ପିଅନସିପ୍ ଉଦ୍‌ଘାଟିତ

କଟକ,(ନିପ୍ର): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଗ୍ରାସରୁଟ୍ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ଚିହ୍ନଟ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଟ୍ରଫି-୨ ଅୟୋଜିତ ହେଉଛି । ଜୋନ୍ ସ୍ତରୀୟ କବାଡ଼ି ଚାମ୍ପିଅନସିପ୍-୨୦୨୬ର ପ୍ରଥମ ସଂସ୍କରଣ କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ଉଦ୍‌ଘାଟିତ ହୋଇଯାଇଛି । ପ୍ରତିଯୋଗିତାରେ କଟକ ଜିଲ୍ଲା ସମେତ ବାଲେଶ୍ୱର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର ଜିଲ୍ଲାର ମୋଟ ୮ଟି ଦଳରେ ଉଭୟ ବାଳକ ଓ ବାଳିକା ଅଂଶଗ୍ରହଣ କରିଛନ୍ତି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାଂସଦ ଡଃ ଭର୍ତ୍ତୃହରି ମହତାବ କହିଲେ ଯେ, ଯୁବ ଖେଳାଳିମାନେ ନିଜକୁ ଆନ୍ତର୍ଜାତିକ ସ୍ତରରେ ସାମିଲ କରିବା ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ । କବାଡ଼ି ହେଉଛି ଭାରତର ସ୍ୱଦେଶ କ୍ରୀଡ଼ା । କ୍ରୀଡ଼ା କ୍ଷେତ୍ରରେ ନିପୁଣତା ହାସଲ କରିବାକୁ ହେଲେ ନିରନ୍ତର ପରିଶ୍ରମ, ଅଭ୍ୟାସ ଏବଂ ଉପଯୁକ୍ତ ଶିକ୍ଷା ଗ୍ରହଣ କରିବା ଆବଶ୍ୟକ । ଝାରସୁଗୁଡ଼ାର ଜଣେ ଦୌଡ଼ାଳିଙ୍କ ସଫଳତା ସମ୍ପର୍କରେ ମାନ୍ୟବର ପ୍ରଧାନମନ୍ତ୍ରୀ ତାଙ୍କ 'ମନ କି ବାତ୍' କାର୍ଯ୍ୟକ୍ରମରେ ଉଲ୍ଲେଖ କରିଥିଲେ । ଯାହା ଓଡ଼ିଶାର କ୍ରୀଡ଼ା ପ୍ରତିଭା




ପାଇଁ ଗର୍ବର ବିଷୟ । ପ୍ରଥମ ଦିନରେ ବାଳିକା ବିଭାଗ ର ପ୍ରଥମ ମ୍ୟାଚ୍‌ରେ ପୁରୀ ଜିଲ୍ଲା ୪୯-୩୩ ପଏଣ୍ଟରେ ଜଗତସିଂହପୁର ଜିଲ୍ଲାକୁ ପରାସ୍ତ କରି ୧୬ ପଏଣ୍ଟ ବ୍ୟବଧାନରେ ବିଜୟୀ ହୋଇଛି ଏବଂ ବାଳକ ବିଭାଗ ର ପ୍ରଥମ ମ୍ୟାଚ୍‌ରେ ଯାଜପୁର ଜିଲ୍ଲା ୪୭-୩୭ ପଏଣ୍ଟରେ ଖୋର୍ଦ୍ଧା ଜିଲ୍ଲାକୁ ପରାସ୍ତ କରି ୧୦ ପଏଣ୍ଟ ବ୍ୟବଧାନରେ ବିଜୟ ହାସଲ କରିଛି । ସମ୍ମାନିତ ଅତିଥି ଭାବେ ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିରଦୋସ ଯୋଗଦେଇ ଅଂଶଗ୍ରହଣ କରିଥିବା ଦଳ ଗୁଡିକୁ ଶୁଭେଚ୍ଛା ଜଣାଇଥିଲେ । ବିଜେପି ବରିଷ୍ଠ ସଦସ୍ୟ ନୟନ ମହାନ୍ତି, ଓଡ଼ିଶା ଅଲିମ୍ପିକ୍ ସଂଘର ସମ୍ପାଦକ ଅଭିଜିତ ପାଲ୍, ବିଶିଷ୍ଟ ଅଭିନେତା ତଥା ସଦସ୍ୟ ଶ୍ରୀତମ ଦାସ, ଓଡ଼ିଶା ଫେନ୍ସିଂ ଆସୋସିଏସନ୍‌ର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ତଥା ଓଡ଼ିଶା କବାଡ଼ି ଆସୋସିଏସନ୍‌ର ସମ୍ପାଦକ ଅଜୟ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଓଡ଼ିଶା ସାଇକେଲିଂ ଆସୋସିଏସନ୍‌ର ପ୍ରସନ୍ନ ରାଉତ ଏବଂ ଜେ.ଏନ୍. ଇନ୍‌ଡୋର ଷ୍ଟାଡିୟମ୍‌ର ଭାରପ୍ରାପ୍ତ ଅଧିକାରୀ ଗଙ୍ଗାଧର ବେହେରା ଉପସ୍ଥିତ ଥିଲେ । ସଭାରେ ଓଡ଼ିଶା କବାଡ଼ି ଆସୋସିଏସନ୍‌ର ଉପସଭାପତି ପୃଥ୍ୱୀରାଜ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ରାଜ୍ୟର କ୍ରୀଡ଼ା ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ସହିତ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାମାନଙ୍କୁ ରାଜ୍ୟ ଏବଂ ଜାତୀୟ ସ୍ତରରେ ପ୍ରତିଷ୍ଠିତ ହେବାର ସୁଯୋଗ ପ୍ରଦାନ କରିବା ମୁଖ୍ୟମନ୍ତ୍ରୀ ଟ୍ରଫି ର ମୂଳ ଲକ୍ଷ୍ୟ ।

# ନିଶ୍ଚେତକ ସହାୟତାରେ ପ୍ରଥମ ସଫଳ ଓ ଗୁଣବତ୍ତା ଶଲ୍ୟ ଚିକିତ୍ସା

ହିଞ୍ଜିଳିକାଟୁ,(ନିପ୍ର): ଦୀର୍ଘ ବର୍ଷ ଧରି ହିଞ୍ଜିଳିକାଟୁ ସ୍ଥିତ ପୂର୍ବରୁ କାର୍ଯ୍ୟକ୍ଷମ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବର୍ତ୍ତମାନର ଉପଖଣ୍ଡ ଚିକିତ୍ସାଳୟରେ ଗର୍ଭବତୀ ମହିଳାଙ୍କ ଜଟିଳ ଅସ୍ତ୍ରୋପଚାର ଓ ଶଲ୍ୟ ଚିକିତ୍ସା ସେବା ପ୍ରଦାନ କ୍ଷେତ୍ରରେ ବହୁ ସମସ୍ୟା ଦେଖା ଦେଇଥିଲା । ଫଳରେ ସ୍ଥାନୀୟ ସହର ଓ ଗାଁ ଗହଳର ରୋଗୀ ଅସ୍ତ୍ରୋପଚାର ନିମନ୍ତେ ବ୍ରହ୍ମପୁର କିମ୍ବା ଅନ୍ୟ ସହରକୁ ଯାଇ ଚିକିତ୍ସିତ ହେଉଥିଲେ । ବହୁ ଖର୍ଚ୍ଚାନ୍ତର ସମ୍ମୁଖୀନ ହୋଇ ସୁସ୍ଥ ହୋଇ ଘରକୁ ଫେରୁଥିଲେ । ସମ୍ପ୍ରତି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଏହି ସୁବିଧା ସୁଯୋଗ ଉପଲବ୍ଧ ହେବା ପରେ ଅଞ୍ଚଳବାସୀଙ୍କ ବହୁ ଦିନର ସମସ୍ୟା ଦୂରୀଭୂତ ହେବା ସହ ରୋଗୀଙ୍କ ଅସ୍ତ୍ରୋପଚାର ପରେ ଆଶା ଆକାଂକ୍ଷା ପୂରଣ ହୋଇଛି । ଶୁକ୍ରବାର ନିଶ୍ଚେତକ ସହାୟତାରେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ପ୍ରଥମ ଶଲ୍ୟ



ଚିକିତ୍ସା ସଫଳ ଓ ଉତ୍ତମ ସାବ୍ୟସ୍ତ ହୋଇଛି । ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡାକ୍ତର ଶ୍ରୀକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶଲ୍ୟ ଚିକିତ୍ସା ବିଶେଷଜ୍ଞ ଡାକ୍ତର ତପନ ମଲ୍ଲ, ନିଶ୍ଚେତକ ଡାକ୍ତର ଅଶୋ ରାଜ ଏବଂ ତାଙ୍କ ଟିମ୍ ଜଣେ ଅଣ୍ଡକୋଷ ବୃଦ୍ଧି ସମସ୍ୟାରେ ପୀଡ଼ିତ ରୋଗୀର ସଫଳ ଅସ୍ତ୍ରୋପଚାର ନିଶ୍ଚେତକ ସହାୟତାରେ ସମ୍ପନ୍ନ ହୋଇଛି । ଏହି ଅସ୍ତ୍ରୋପଚାର ବେଳେ ନର୍ସିଂ ଅଧିକାରୀ ରେଣୁବାଳା ବେହେରା ଓ ରଶ୍ମୀ ଚୌଧୁରୀ, ଆଟେଡାଣ୍ଟ ଦିପ୍ତିମୟ ଚୌଧୁରୀ ପ୍ରମୁଖ ସହଯୋଗ କରିଥିଲେ । ପୂର୍ବରୁ ସାମାନ୍ୟ ନିଶ୍ଚେତକ ସହାୟତାରେ ଛୋଟ ଛୋଟ ଅସ୍ତ୍ରୋପଚାର ସମ୍ପନ୍ନ ହେଉଥିଲା,ଯାହାକି ଅସ୍ତ୍ରୋପଚାର ସମୟରେ ରୋଗୀ ଯନ୍ତ୍ରଣା ଏବଂ କଷ୍ଟ ସ୍ୱୀକାର କରୁଥିଲେ । ଏଭଳି ସ୍ଥିତିରେ ଦୀର୍ଘ ୧୬ ବର୍ଷ ପୂର୍ବରୁ ଉପଖଣ୍ଡ ଚିକିତ୍ସାଳୟରେ ଶେଷ ଅସ୍ତ୍ରୋପଚାର କରା ଯାଇଥିଲା । ସମ୍ପ୍ରତି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଅଭିଜ୍ଞ ନିଶ୍ଚେତକ ଡାକ୍ତରଙ୍କ ଯୋଗଦେବା ପରେ ନିଶ୍ଚେତକ ସହାୟତାରେ ଏବଂ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କ ପାଇଁ ଯନ୍ତ୍ରଣା ଶୂନ୍ୟ ଏବଂ ଉତ୍ତମ ଗୁଣବତ୍ତା ସମ୍ପନ୍ନ ଅସ୍ତ୍ରୋପଚାର ସମ୍ଭବ ହୋଇ ପାରିଛି ବୋଲି ଡାକ୍ତର ସାହୁ ସୂଚନା ଦେଇଛନ୍ତି ।

# ବ୍ୟାପକ ବୃକ୍ଷରୋପଣ ଆମର ପ୍ରଥମ କର୍ତ୍ତବ୍ୟ

ପୁରୀ/ବ୍ରହ୍ମଗିରି,(ନିପ୍ର): ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ମନ୍ତ୍ରଣାଳୟ ଅଧୀନ ପାଇଁ ଭାରତ କେନ୍ଦ୍ର, ପୁରୀ ଜିଲ୍ଲା ଏବଂ ରାଷ୍ଟ୍ରୀୟ ସଦ୍‌ଭାବନା ମଞ୍ଚ ତରଫରୁ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣିଆ ଗ୍ରାମ ପଞ୍ଚାୟତର ବ୍ରାହ୍ମଣିଆ ବାତ୍ୟା ଆଶ୍ରୟସ୍ଥଳୀ ଠାରେ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଇନଜୀବୀ ଦିଗମ୍ବର ବେହେରା ଅଧ୍ୟକ୍ଷତା କରିଥିଲେ । ସ୍ଥାନୀୟ ସରପଞ୍ଚ ନିରଞ୍ଜନ ସେଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପରିବେଶ ସୁରକ୍ଷାରେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ବ୍ରହ୍ମଗିରି ଓକିଲ ସଂଘ ସଭାପତି ଆଇନଜୀବୀ ରମା ଶଙ୍କର ପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଆମ ସଂସ୍କୃତି ଦାରୁ ବୃକ୍ଷ ଆଧାରିତ । ଜନ୍ମର ଏନ୍ତୁଡ଼ିଶାଳରୁ ମରଣର ଜୁଇ ଶେଯ ପର୍ଯ୍ୟନ୍ତ ବୃକ୍ଷର ଆବଶ୍ୟକତା ରହିଛି । ବର୍ତ୍ତମାନ ପୃଥିବୀ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ଘଟି ଚାଲିଛି । ବିଶ୍ୱ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ହେବାରେ ଲାଗିଛି । ଏହାକୁ ସ୍ଥାନୀୟ ସ୍ତରରେ ମୁକାବିଲା କରିବାକୁ ହେଲେ ବ୍ୟାପକ ବୃକ୍ଷରୋପଣ କରିବାକୁ ହେବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ବବିତା ସ୍ୱାଇଁ, ସମାଜସେବୀ ସସ୍ମିତା ସାହୁ, ବ୍ରହ୍ମା କୁମାରୀ ଭଗ୍ନୀ ମଞ୍ଜୁଲତା ଦେବୀ, ଟୁଇଟର ଆକ୍ଟିଭିଷ୍ଟ ବିସ୍ମୟ ମିଶ୍ର, ଅକ୍ଷୟ




କୁମାର ଜେନା, ସମାଜସେବୀ ପ୍ରଦୀପ କୁମାର ମହାରଣା ପ୍ରମୁଖ ଯୋଗଦାନ କରି ବିଶ୍ୱ ତାପାୟନ, ଜଳବାୟୁ ପରିବର୍ତ୍ତନ ଓ ବ୍ୟାପକ ବୃକ୍ଷରୋପଣ ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥିମାନେ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ବିଭିନ୍ନ ଫଳ ଚାରାରୋପଣ କରିଥିଲେ । ପୂର୍ବରୁ ଆୟୋଜିତ ହୋଇଥିବା ପରିବେଶ ସୁରକ୍ଷା ସମ୍ପର୍କୀତ ବକ୍ତୃତା ପ୍ରତିଯୋଗିତାର ଚାରିଜଣ ବିଜେତାଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ସହିତ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଷ୍ଟଡି କମ୍ପ୍ଲେକ୍ସର ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ରାଷ୍ଟ୍ରୀୟ ସଦ୍‌ଭାବନା ମଞ୍ଚ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଉପାଧ୍ୟକ୍ଷ ସଞ୍ଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । ଆବାହକ ସମୀର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ମହିଳା,ଚାଷୀ,ଯୁବକ, ଯୁବତୀ ଓ ଛାତ୍ରଛାତ୍ରୀମାନେ ଯୋଗଦାନ କରିଥିଲେ ।

# ପ୍ରଦୂଷଣ ରୋକିବାକୁ ସଚେତନତା ଜରୁରୀ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ,କୁଚିଣ୍ଡା ବନ୍ୟପ୍ରାଣୀ ବନାଞ୍ଚଳ ବିଭାଗ,କୁଚିଣ୍ଡା ତହସିଲ,ରୋପ ଅନୁଷ୍ଠାନ, ନୂଆଦିଲ୍ଲୀ ବାଲ ସୁରକ୍ଷା ଇନିସିଏଟିଭର ମିଳିତ ଆନୁକୁଲ୍ୟରେ ହୋଇଥିବା କାର୍ଯ୍ୟକ୍ରମରେ ରୋପ ନିର୍ଦ୍ଦେଶକ ପ୍ରଦୀପ ମହାକୁଳ ସଭା ପରିଚାଳନା କରିଥିଲେ । ଏନେଇ ଏକ ସଚେତନତା ଶୋଭାଯାତ୍ରା ହୋଇଥିଲା । ଏହାକୁ କୁଚିଣ୍ଡା ଏନଏସି ଏମପି ପ୍ରତିନିଧି ଅରୁଣ ଅଗ୍ରୱାଲ ଓ ଡା.ଶରତ ଚନ୍ଦ୍ର ଗୌନ୍ତିଆ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ହୋଇଥିବା ସଚେତନତା ସଭାରେ ତହସିଲଦାର ସରିତା ଓରାମ, ଡେପୁଟୀ କଲେକ୍ଟର ସଞ୍ଜୟ ମିଶ୍ର, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା.ସୁବୋଧ କୁମାର ନାୟକ, ଅତିରିକ୍ତ ତହସିଲଦାର ଅନିମା ସୋରେନ, କୁଚିଣ୍ଡା ଥାନା ଆଇଆଇସି ରାଧାକାନ୍ତ ବାରିକ, କୁଚିଣ୍ଡା ଉପଖଣ୍ଡ କୃଷି ଅଧିକାରୀ ପ୍ରସନ୍ନ ସ୍ୱାଇଁ,ଡା.ଶରତ ଚନ୍ଦ୍ର ଗୌନ୍ତିଆ,ବ୍ଲକ କୃଷି ଅଧିକାରୀ ସୁସ୍ମିତା କିରୋ, କୁଚିଣ୍ଡା କଲେଜ ଏନଏସଏସ ଅଫିସର ଖୁର୍ସିଦହାରା ଗେମ, ଅରୁଣୋଦୟ ବିଦ୍ୟାଳୟ ସମ୍ପାଦକ ମନୋଜ କୁମାର ସାହୁ, ଶିକ୍ଷକ ଚକ୍ରଧର ମାଝି, ଫରେଷ୍ଟର ଅନୁରାଧା ଖର୍ସେଲ,ରୋପ ଅଧ୍ୟକ୍ଷା ଆରତୀ ନାୟକ,ଏସିଇ କମ୍ପ୍ୟୁଟର ଏକାଡ଼େମୀ ନିର୍ଦ୍ଦେଶକ ରାଜେଶ ଶର୍ମା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ବିଶ୍ୱ ପରିବେଶ ଦିବସ ଉପରେ ଆଲୋଚନା କରି ପ୍ଲାଷ୍ଟିକ ବର୍ଜନ ସହ ପ୍ରଦୂଷଣ ରୋକିବାକୁ ଜନ ସଚେତନତା କାର୍ଯ୍ୟକ୍ରମ ନିତାନ୍ତ ଜରୁରୀ ଅଟେ ବୋଲି କହିଥିଲେ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ କୃଷି କ୍ଷେତ୍ର ପରିଦର୍ଶିକା ରୋଜାଲିନ ପ୍ରଧାନ, ସ୍ୱେଚ୍ଛାସେବୀ ମାମୁନି ହାତୀ,ସୀମା ସାହୁ, ବୈଶାଳୀ କିଷାନ,ବିମଳ ମେହେର,ତୃପ୍ତିମୟୀ ଦାଶ, ଭୂମିଶ୍ୱେତା ଧୂରୁଆ,ଚୁମକି ବାଘଙ୍କ ସମେତ ବନ ବିଭାଗ ଓ କୁଚିଣ୍ଡା ତହସିଲ କର୍ମଚାରୀମାନେ ସହଯୋଗ କରିଥିଲେ ।

ତିଥି :(ସପ୍ତମୀ): (ଧନିଷ୍ଠା କୁମ୍ଭ)
ଅମୃତ ବେଳା: ଦିବା ଘ ୬।୪୬ ଗତେ ଘ ୯।୧୦ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେ ନିଜ ଉପରେ ବିଜୟ ପ୍ରାପ୍ତ କରିଛି, ସେହି ଶୀତ-ଉଷ୍ଣ, ସୁଖ-ଦୁଃଖ ତଥା ମାନ-ଅପମାନରେ ପ୍ରଶାନ୍ତ ବା ନିର୍ବିକାର ରହୁଥିବା ମନୁଷ୍ୟଙ୍କୁ ପରମାତ୍ମା ନିତ୍ୟପ୍ରାପ୍ତ ଅଟନ୍ତି ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ଆଶା ଅପେକ୍ଷା ଆଶଙ୍କା ଅଧିକ

ନୂଆ ଆର୍ଥିକ ବର୍ଷର ଦ୍ୱିତୀୟ ମୁଦ୍ରାନୀତି ସମୀକ୍ଷା ବୈଠକରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋରେଟକୁ ଅପରିବର୍ତ୍ତିତ ରଖିଛି । ରେପୋରେଟ ହେଉଛି ଯେଉଁ ହାରରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ରିଜର୍ଭ ବ୍ୟାଙ୍କ ଠାରୁ ପାଣ୍ଠି ଆଣିଥାଆନ୍ତି । ପରେ ତାହାକୁ ଯୋଗ୍ୟ ଆଗ୍ରହୀ ଗ୍ରାହକଙ୍କୁ ଋଣ ଆକାରରେ ହସ୍ତାନ୍ତର କରିଥାଆନ୍ତି । ପରବର୍ତ୍ତୀ ସମୟରେ ଗ୍ରାହକ ଋଣକୁ କିସ୍ତି କ୍ରମେ ଶୁଝିଥାଆନ୍ତି । ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କକୁ ସ୍ୱଳ୍ପମିଆଦି ଆବଶ୍ୟକତା ଆଧାରରେ ଧାର ଦେଇଥାଆନ୍ତି । ଯେବେ ରେପୋରେଟ ବଢେ ସେତେବେଳେ ଆର୍ଥିକ ଗତିବିଧି ପ୍ରଭାବିତ ହୋଇଥାଏ । ଘର କି ଗାଡ଼ି ବାବଦକୁ ହେଉ ଅବା ବ୍ୟାବସାୟିକ ବାବଦରେ ଗ୍ରାହକ ଆଣିଥିବା ଋଣ ଅଧିକ ମହଙ୍ଗା ହୁଏ, ଯେବେ ରେପୋରେଟ ବଢେ ।

ସହଜେ ମଧ୍ୟପ୍ରାଚ୍ୟ ଯୁଦ୍ଧ ବିଭୀଷିକା କାରଣରୁ ଢେର୍ ଦିନ ହେବ ତୈଳ ଓ ଇନ୍ଧନ ଯୋଗାଣ ବାଧାପ୍ରାପ୍ତ ହୋଇସାରିଛି । ଫଳରେ ଆମ ଦେଶର ଅର୍ଥନୀତି ପ୍ରଭାବିତ ହୋଇଛି । ତୈଳ ହେଉ କି ଗ୍ୟାସ ଦର ବୃଦ୍ଧି ହେଉ ଏହା ପଛରେ ଯୁଦ୍ଧର ଘନଘଟା କିଭଳି ଦାୟୀ ତାହା ଲୋକେ ଅଙ୍ଗେ ନିଭାଉଛନ୍ତି । ଏପରି ପରିସ୍ଥିତିରେ ଋଣ ମହଙ୍ଗା ହେଲେ ଆର୍ଥିକ ଚାପ ବଢିବା ସାର । କିନ୍ତୁ କହିହେବନାହିଁ ଏହି ରେପୋରେଟ ସ୍ଥିତି ଆଗକୁ କେତେ ରହିବ । କାରଣ ମୌସୁମୀଜନିତ ବର୍ଷାଭାବ ଆଗକୁ ଯଦି ଘଟେ, ତାହାର ପ୍ରଭାବ ଚାଷ କାର୍ଯ୍ୟ ଉପରେ ନିଶ୍ଚୟ ପଡ଼ିବ । ପରିଣାମର ଉତ୍ପାଦନ କମିବ । ରିଜର୍ଭ ବ୍ୟାଙ୍କ ଭଲ ଭାବରେ ଜାଣନ୍ତି ଦେଶରେ ଦରଦାମ ସମସ୍ୟା ଲାଗିରହିଛି । ଏଥିରେ ଯୁଦ୍ଧଜନିତ ଅସ୍ଥିରତା ବହୁ ଭାବରେ ଦାୟୀ । ରିଜର୍ଭ ବ୍ୟାଙ୍କ ମଧ୍ୟ ଜିଡିପି ଅଭିବୃଦ୍ଧି ବା ଆର୍ଥିକ ବିକାଶ ଅନୁମାନ ଏଥର ହ୍ରାସ କରିଛି । ଏହି ଅନୁମାନ ୬.୯ ପ୍ରତିଶତରୁ ଖସି ପହଞ୍ଚିଛି ୬.୬ ପ୍ରତିଶତରେ । ଏହି ଅଭିବୃଦ୍ଧି ହାର କମିବା ଅର୍ଥ ଦରଦାମ୍ ଉପରେ ପ୍ରଭାବ ଅନିବାର୍ଯ୍ୟ ।

ଘଡ଼ିକେ ଘୋଡ଼ା ଛୁଟିବା ସ୍ଥିତିରେ ରହିଛି ମଧ୍ୟପ୍ରାଚ୍ୟ ଯୁଦ୍ଧ । ଇରାନ ହେଉ କି ଆମେରିକା ସହମତି ଭିତ୍ତିରେ ଏକାଠି ବସି ଯୁଦ୍ଧ ବନ୍ଦ କରିବା ଉପରେ ଗୁରୁତ୍ୱ ଦେଉନଥିବା ହେତୁ ବିଶ୍ୱରେ ଉଦ୍‌ବେଗ ବଢୁଛି ପଛକେ କମିବାର ନାଁ ଧରୁନାହିଁ । ଇରାନ ତାହାର ସମ୍ପତ୍ତି ହସ୍ତାନ୍ତର ହେଉ ଓ ହର୍ମୁଜ ଖୋଲିବା ପ୍ରତିବନ୍ଧକ ଆମେରିକା ହଟାଉ ଏହା ଚାହୁଁଛି । ଏହା ହୋଇପାରିଲେ କଥାବାର୍ତ୍ତା କରିବ । ନଚେତ୍ କଥାବାର୍ତ୍ତା ଆଶା ନାହିଁ । ଯେଉଁ ଆଣବିକ ସାମଗ୍ରୀ କଥା ଆମେରିକା ଉଠାଇଆସିଛି ତହିଁରୁ ସାମାନ୍ୟ ପରିମାଣର ଟେର୍ ଆମେରିକା ଏଯାବତ୍ ପାଇନାହିଁ । ସୁତରାଂ ଆମେରିକାର ମତିଗତି ଅସ୍ପଷ୍ଟ । ହୁଏତ ଆଗକୁ ଯୁଦ୍ଧ ଜାରି ରଖିପାରେ । ତାହାରି ମଧ୍ୟରେ ବିଶ୍ୱରେ ଗ୍ୟାସ ଓ ଇନ୍ଧନ ଚାହିଦା ଯୋଗାଣ ଶୃଙ୍ଖଳ ବିପର୍ଯ୍ୟସ୍ତ କାରଣରୁ ଆନୁଷଙ୍ଗିକ ପ୍ରଭାବ ସର୍ବତ୍ର ଅନୁଭୂତ ହେଉଛି । ଏଭଳି ସ୍ଥିତିରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରେପୋରେଟ ଅପରିବର୍ତ୍ତିତ ରଖିବା ଆଶ୍ୱସ୍ତି ସତ୍ତ୍ୱେ ଅଭିବୃଦ୍ଧି ହାର କମିବା ଆକଳନ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ବଢାଇବା ଆଶଙ୍କାକୁ ଅଧିକ ଦୃଢ଼ୀଭୂତ କରୁଛି ।

# ବିପର୍ଯ୍ୟସ୍ତ ବେଡ୍ ଆଣ୍ଡ ବ୍ରେକଫାଷ୍ଟ ବ୍ୟବସ୍ଥା

**ରାଜଧାନୀ ଦିଲ୍ଲୀରେ ପ୍ରତିଦିନ ହାରାହାରି ୨୦ ଟି ଅଗ୍ନିକାଣ୍ଡ ଘଟେ । ୨୦ ସ୍ଥାନରେ ନିଆଁ ଲାଗିଥାଏ । ୨୦୨୪ - ୨୫ ମସିହାରେ ୭୩୧୨ ଅଗ୍ନିକାଣ୍ଡ ଘଟିଥିଲା । ତନ୍ମଧ୍ୟରୁ ୯୮% କେସରେ ଅନାପତ୍ତି ପ୍ରମାଣପତ୍ର ନ ଥିଲା । ୬୯୩ ଦୋକାନ / ହୋଟେଲ ମଧ୍ୟରୁ ୬୯୧, ୪୫୦ କଳକାରଖାନା ମଧ୍ୟରୁ ୪୪୬ ଓ ୨୦୦ ଗୋଦାମ ଘର ମଧ୍ୟରୁ ୧୯୯ଙ୍କ ପାଖରେ ସତ୍ୟାପନ କିମ୍ବା ଅନାପତ୍ତି ପ୍ରମାଣପତ୍ର ନାହିଁ । ୨୦୨୪ ଆମ୍ ଆଦମୀ ପାର୍ଟି ଦିଲ୍ଲୀ ଶାସନ କାଳରେ ନିଆଁ ଲାଗି ୦୭ ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଥିଲା ।**

**ଡକ୍ଟର ପ୍ରମୋଦ କୁମାର ପଣ୍ଡା**

ପର୍ଯ୍ୟଟକଙ୍କୁ ସ୍ୱଚ୍ଛ, ସୁଲଭ ଓ ସୁରକ୍ଷିତ ଘରୋଇ ରହିବା, ଖାଇବା ପ୍ରଦାନ କରିବା, ସ୍ଥାନୀୟ ସଂସ୍କୃତି ଓ ପରମ୍ପରା ସହିତ ପରିଚିତ କରାଇବା ଓ ଗୃହକର୍ତ୍ତା, ବିଶେଷକରି ମହିଳାମାନଙ୍କ ପାଇଁ, ଅତିରିକ୍ତ ଆୟର ଅବସର ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ 'ବେଡ୍ ଆଣ୍ଡ ବ୍ରେକଫାଷ୍ଟ' ଯୋଜନା ଦେଶବ୍ୟାପୀ ଆରମ୍ଭ କରାଯାଇଥିଲା । ଦିଲ୍ଲୀ ସରକାର ଏହି ଯୋଜନା ୨୦୦୭ ମସିହାରେ ଆରମ୍ଭ କରିଥିଲେ । ସରକାରଙ୍କ ନିୟମ / ନିର୍ଦ୍ଦେଶ ପୂରଣ କରୁଥିବା ଗୃହକର୍ତ୍ତାଙ୍କୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଅନୁମତିପତ୍ର / ଲାଇସେନ୍ସ ପ୍ରଦାନ କରାଯାଇଥାଏ । ହୋମ-ଷ୍ଟେରେ ପର୍ଯ୍ୟଟକ ପରିବାର ସହିତ ମିଶିକି ରୁହନ୍ତି । କିନ୍ତୁ ବେଡ୍ ଆଣ୍ଡ ବ୍ରେକଫାଷ୍ଟ ଯୋଜନା ମାଲିକଙ୍କ ଗୃହ ସଂଲଗ୍ନ ଏକ ସ୍ୱତନ୍ତ୍ର ବ୍ୟବସ୍ଥା । ନିଜ ଘରେ ହୋଟେଲ । ରାଜଧାନୀ ଦିଲ୍ଲୀରେ ଏମାନଙ୍କ ସଂଖ୍ୟା ୨୦୦୦ ପରେ ହେବ । ଅଧିକାଂଶ ଅବୈଧ । ସରକାରଙ୍କ ନିୟମକାନୁନର ଖୋଲା ଉଲ୍ଲଂଘନ କରି ନିର୍ମିତ ।

ମାଲବୀୟ ନଗର, ଦିଲ୍ଲୀରେ ଚାଲୁଥିବା ଫ୍ଲୋରିସ ଷ୍ଟେ ଏକ ବେଡ୍ ଆଣ୍ଡ ବ୍ରେକଫାଷ୍ଟ ଯୋଜନା ଅନ୍ତର୍ଗତ ହୋମ ଷ୍ଟେ ସେଣ୍ଟର । ୨୦୦୭ ମସିହାରେ ଏହାକୁ ଛଅଗୋଟି ରୁମ ଓ ୧୨ ବେଡ଼ ପାଇଁ ଲାଇସେନ୍ସ ମିଳିଥିଲା । କିନ୍ତୁ ପ୍ରଶାସନର ନାକତଳେ ଏହାକୁ ବେନିୟମ ଭାବେ ୨୫ ରୁମ ବିଶିଷ୍ଟ ଏକ ପାଞ୍ଚ ମହଲା କୋଠାରେ ପରିବର୍ତ୍ତିତ କରାଯାଇଥିଲା । ଅନତି ଦୂରରେ ମାକ୍ସ ହସ୍ପିଟାଲ । ଯେଉଁ ସ୍ଥାନକୁ ଦେଶ ଓ ଦେଶ ବାହାରୁ ଲୋକେ ଚିକିତ୍ସା ପାଇଁ ଆସନ୍ତି । ଏହି ବି ଆଣ୍ଡ ବି ହୋଟେଲରେ ଜୁନ ୩, ୨୦୨୬ ସକାଳ ପ୍ରାୟ ୮.୪୫ ରେ ଭୀଷଣ ନିଆଁ ଲାଗିଥିଲା । ଏହି ଭୟଙ୍କର ଅଗ୍ନିକାଣ୍ଡରେ ୨୧ ଜଣଙ୍କ ଦୁଃଖଦ ମୃତ୍ୟୁ ଘଟିଛି । ୧୦ ଭାରତୀୟ ଓ ୧୧ ବିଦେଶୀ । ୧୦ ଭାରତୀୟଙ୍କ ମଧ୍ୟରୁ ୮ ଜଣ ଗୁରୁଗାଓଁର ଗୋଟିଏ ପରିବାରର । ଏହି ହୋଟେଲର ଏଣ୍ଟ୍ରି ଓ ଏକ୍‌ଜିଟ ପାଇଁ କେବଳ ଗୋଟିଏ ଗେଟ, ତାହା ପୁଣି ସେନ୍ସର ଚାଳିତ । ଅଗ୍ନିକାଣ୍ଡ ପରେ ଏହି ଗେଟ ସ୍ୱୟଂ ବନ୍ଦ ହୋଇଗଲା । ବାହାରକୁ ବାହାରିବାକୁ ଅନ୍ୟକୌଣସି ଅପାତକାଳୀନ ଗେଟର ବ୍ୟବସ୍ଥା ନ ଥିଲା । ଅଗ୍ନି ନିର୍ବାପକ ଯନ୍ତ୍ରସବୁ ଅଚଳ, ଅକାମି । ଏସି ବ୍ୟବହାର ପାଇଁ ସମସ୍ତ କୋଠରିରେ ନିବୁଜ ଝରକା । ଅନ୍ତେବାସୀଙ୍କୁ ନା ତ ବାହାରୁ ଉଦ୍ଧାର କରାଯାଇପାରିବ ନା ସେମାନେ ସ୍ୱୟଂ ବାହାରକୁ ଯାଇପାରିବେ । ସେଠୁ ପୁଲିସ ଷ୍ଟେସନ ଚାରି ମିନିଟ, ପୁଲିସ ଫାଣ୍ଡି ଏକ ମିନିଟ ଏବଂ ଫାୟାର ଷ୍ଟେସନ ତିନି ମିନିଟର ରାସ୍ତା । ତଥାପି ଠିକ୍ ସମୟରେ ସହାୟତା ମିଳି ପାରିନଥିଲା । ଜୀବନ ବିକଳରେ ଲୋକେ ଝରକା ଭାଙ୍ଗି ପାଞ୍ଚ ମହଲା ଉପରୁ ତଳକୁ ଡେଇଁ ପଡ଼ିଥିଲେ । ସ୍ଥାନୀୟ ଲୋକେ ତଳେ ଗଦି ବିଛାଇ ରଖିଥିବାରୁ ଲୋକଙ୍କ ପ୍ରାଣ ବଞ୍ଚିଯାଇଥିଲା । କିନ୍ତୁ ଅଧିକାଂଶ ଗଭୀର ଭାବେ ଆହତ ହୋଇଥିଲେ । ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୨୧ ଜଣ ଲୋକ ଅକାଳରେ ଜୀବନ ହାରିଥିଲେ । ଫ୍ଲୋରିସ ଷ୍ଟେ ର ନା ତ ଫାୟାର ସେଫ୍ଟି ସାର୍ଟିଫିକେଟ ଥିଲା ନା ଅଗ୍ନିଶମ ବିଭାଗର ପରିଦର୍ଶନ । କେବେ ଏହି ଅବୈଧ ହୋଟେଲକୁ ବନ୍ଦ କରିବାକୁ ଚେଷ୍ଟା କରଯାଇନ ଥିଲା । କେବଳ ଫ୍ଲୋରିସ ଷ୍ଟେ ନୁହଁ, ଦିଲ୍ଲୀର ବହୁ ବି ଆଣ୍ଡ ବି ହୋଟେଲ ଏବଂ ଅନ୍ୟ ସଂସ୍ଥାନର ସ୍ଥିତି ଏକା ଭଳି । ଅବୈଧ, ବେନିୟମ ।



ରାଜଧାନୀ ଦିଲ୍ଲୀରେ ପ୍ରତିଦିନ ହାରାହାରି ୨୦ ଟି ଅଗ୍ନିକାଣ୍ଡ ଘଟେ । ୨୦ ସ୍ଥାନରେ ନିଆଁ ଲାଗିଥାଏ । ୨୦୨୪ - ୨୫ ମସିହାରେ ୭୩୧୨ ଅଗ୍ନିକାଣ୍ଡ ଘଟିଥିଲା । ତନ୍ମଧ୍ୟରୁ ୯୮% କେସରେ ଅନାପତ୍ତି ପ୍ରମାଣପତ୍ର ନ ଥିଲା । ୬୯୩ ଦୋକାନ / ହୋଟେଲ ମଧ୍ୟରୁ ୬୯୧, ୪୫୦ କଳକାରଖାନା ମଧ୍ୟରୁ ୪୪୬ ଓ ୨୦୦ ଗୋଦାମ ଘର ମଧ୍ୟରୁ ୧୯୯ଙ୍କ ପାଖରେ ସତ୍ୟାପନ କିମ୍ବା ଅନାପତ୍ତି ପ୍ରମାଣପତ୍ର ନାହିଁ । ୨୦୨୪ ଆମ୍ ଆଦମୀ ପାର୍ଟି ଦିଲ୍ଲୀ ଶାସନ କାଳରେ ନିଆଁ ଲାଗି ୦୭ ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଥିଲା । ଏବେ ଦିଲ୍ଲୀରେ ବିଜେପି ସରକାର । କିନ୍ତୁ ସ୍ଥିତି ଯଥା ପୂର୍ବଂ ତଥା ପରଂ । କିଛି ପରିବର୍ତ୍ତନ ନାହିଁ । ଫ୍ଲୋରିସ ଷ୍ଟେ ହୋଟେଲରେ ଅଗ୍ନିକାଣ୍ଡ ଯୋଗୁଁ ୨୧ ଜୀବନ ନଷ୍ଟ ହୋଇଛି । ସରକାର ଯୋଜନା ଉପରେ ଯୋଜନା ପ୍ରସ୍ତୁତ କରିଚାଲିଛନ୍ତି । ନିୟମ ତିଆରି ହେଉଛି । ଅଥଚ ସବୁ କାନୁନ କେବଳ ମାତ୍ର କାଗଜ ଓ ନାଳି ଫାଇଲ ତଳେ ଚାପି ହୋଇ ରହୁଛି । କାର୍ଯ୍ୟକାରୀ ହେଉନି । କ୍ଷେତ୍ର ପରିଦର୍ଶନର ଦେଖାନାହିଁ । ବାର୍ଷିକ ଅଡିଟ କଥା ପଚାରେ କିଏ ? ଏଥିରେ ସମ୍ପୃକ୍ତ ବିଭାଗ ଯେତେ ଦାୟୀ ତାଠୁ ଅଧିକ ଦାୟୀ ବିଭାଗୀୟ ମୁଖ୍ୟ । ହୋଟେଲ ଓ ହସ୍ପିଟାଲ ଭଳି ଅତି ସମ୍ବେଦନଶୀଳ ସ୍ଥାନରେ ଅଗ୍ନିକାଣ୍ଡ ବିଭାଗୀୟ ପାରଦର୍ଶିତା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରେ । ଦୁର୍ଘଟଣା ପରେ ମାଲିକ ଫେରାର ହୁଅନ୍ତି । ଲୁକଆଉଟ ଅର୍ଡର ଜାରି ହୁଏ । କାରଣ ଖୋଜା ଚାଲେ । ଅତି ସହଜରେ କାଗଜପତ୍ର / ପ୍ରମାଣପତ୍ର ଇତ୍ୟାଦି ପରିଚାଳକଙ୍କ ନିକଟରେ ନାହିଁ କହି ସବୁ ଦୋଷ ତାଙ୍କ ମୁଣ୍ଡ ଉପରେ ଲଦି ଦିଆଯାଏ ।

ଅଗ୍ନିକାଣ୍ଡ କିମ୍ବା ଅନ୍ୟକୌଣସି ଦୁର୍ଘଟଣା ପାଇଁ କଣ କେବଳ ବ୍ୟକ୍ତି ଦାୟୀ, ବ୍ୟବସ୍ଥା ନୁହଁ ? ସରକାରୀ ନିୟମକାନୁନର ଉଲଂଘନ କେବଳ ମାଲିକ କରୁଛନ୍ତି, ବ୍ୟବସ୍ଥାରେ ଅବସ୍ଥାପିତ ବଡ଼ବଡ଼ ବାବୁମାନେ ନୁହଁ ? ଜନତାଙ୍କ ଟିକସରୁ ସୃଷ୍ଟ ସରକାରୀ ରାଜକୋଷରୁ ସରକାରୀ ବାବୁମାନେ ମୋଟା ଅଙ୍କର ଦରମା ନେଇ ନିଜ ନିଜର ଦାୟିତ୍ୱ ଠିକ ରୂପେ ସମ୍ପନ୍ନ ନ କରିବା କ'ଣ ଠିକ କଥା ? ତାହା ଗୋଆ ସ୍ଥିତ ବିର୍ଚ୍ଚ ବାଏ ରୋମିଓ ଲେନ ନାଇଟ କ୍ଲବରେ ୩.୧୨.୨୦୨୫ ରେ ସାଙ୍ଘାତିତ ଭୀଷଣ ଅଗ୍ନିକାଣ୍ଡ ହେଉ କିମ୍ବା ୪.୬.୨୦୨୬ ରେ ବିହାର ମୁଜାଫରପୁର ଜିଲ୍ଲା ସ୍ଥିତ ଘରୋଇ ପ୍ରସାଦ ହସ୍ପିଟାଲର ଆଇସିୟୁରେ ସର୍ଟ ସର୍କିଟ କାରଣରୁ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ । ମରୁଛନ୍ତି ଜନତା । ମାଲେମାଲ ହେଉଛନ୍ତି ମାଲିକ, ସରକାରୀ ବାବୁ । ଏସମସ୍ତ ଦୁର୍ଘଟଣା ମାନବକୃତ । ବିପର୍ଯ୍ୟସ୍ତ ବ୍ୟବସ୍ଥା । ଅବହେଳା, ବେପରୁଆ ମନୋଭାବ ଏବଂ ଅସାବଧାନତା । ଏବେ କିଛି ଦିନ ପାଇଁ ଖୁବ୍ ତନାଘନା ହେବ । ତଦନ୍ତ ଚାଲିବ । କିଛି ଗିରଫ ହେବେ । ଜମାନତରେ ଆସିବେ । ତାପରେ ସବୁ ନିରବି ଯିବ । ପୂର୍ବଭଳି ବ୍ୟବସାୟ ଚାଲିବ । ଆମେ ସମସ୍ତେ ଭୁଲିଯିବା ଓ ପୁଣି ଏକ ଅଗ୍ନିକାଣ୍ଡକୁ ଅପେକ୍ଷା କରିବା !

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨୮୩୧୯୦

# କିଏ ଚୋରି କରୁଛି ଯୁବପିଢ଼ିର ଭବିଷ୍ୟତ ?

**ଶୁଭଲକ୍ଷ୍ମୀ ମିଶ୍ର**

'ଯୁବପିଢ଼ି କୌଣସି ଦେଶର କେବଳ ବର୍ତ୍ତମାନ ନୁହେଁ, ତାହାର ଭବିଷ୍ୟତ ମଧ୍ୟ ।' କିନ୍ତୁ ସେହି ଭବିଷ୍ୟତ ଯଦି ଅନିଶ୍ଚିତତା, ଦୁର୍ନୀତି ଓ ଅବ୍ୟବସ୍ଥାର ଅନ୍ଧକାରରେ ହଜିଯାଏ, ତେବେ ଦେଶର ଅଗ୍ରଗତିର ସ୍ୱପ୍ନ କେତେ ଦୂର ସାକାର ହୋଇପାରିବ ?' ଆଜି ଏହି ପ୍ରଶ୍ନ ଭାରତର କୋଟି କୋଟି ଛାତ୍ରଛାତ୍ରୀଙ୍କ ମନରେ ଉଙ୍କି ମାରୁଛି ।

ପିଲାଦିନେ ବାପାମାଆମାନେ ଛୁଆଙ୍କୁ ଶିଖାନ୍ତି – 'ଭଲ ପାଠ ପଢିବୁ, କାଳିଆ ଘୋଡାରେ ଚଢିବୁ, ମଧୁବାବୁ ସଙ୍ଗେ ଲଢ଼ିବୁ ।' ସେହି କଥା ଶୁଣି ଛୁଆମାନେ ସ୍ୱପ୍ନ ଦେଖନ୍ତି – କିଏ ଡାକ୍ତର ହେବ, କିଏ ଇଞ୍ଜିନିୟର, କିଏ ଶିକ୍ଷକ, ତ ଆଉ କିଏ ପ୍ରଶାସନିକ ଅଧିକାରୀ । ସେମାନଙ୍କର ଲକ୍ଷ୍ୟ ଥାଏ କେବଳ ନିଜ ପାଇଁ ନୁହେଁ, ପରିବାର ଓ ସମାଜ ପାଇଁ ମଧ୍ୟ କିଛି କରିବା । କିନ୍ତୁ ବୟସ ବଢ଼ିବା ସହିତ ସେମାନେ ଯେତେବେଳେ ବାସ୍ତବତାର ସାମ୍ନା କରନ୍ତି, ସେତେବେଳେ ଜଣାପଡ଼େ ଯେ ପରିଶ୍ରମ ଓ ଯୋଗ୍ୟତା ଥିଲେ ମଧ୍ୟ ସଫଳତାର ପଥ ସବୁବେଳେ ସମସ୍ତଙ୍କୁ ସମାନ ନୁହେଁ । କେବେ ଭାଗ୍ୟ ସାଥ ଦିଏନି, ତ ଆଉ କେବେ ବ୍ୟବସ୍ଥାର ତ୍ରୁଟି ସେମାନଙ୍କ ସ୍ୱପ୍ନ ଓ ସଫଳତା ମଧ୍ୟରେ ଏକ ଅଦୃଶ୍ୟ ପାଚେରି ତିଆରି କରିଦିଏ ।

ଗତ କିଛି ବର୍ଷ ଧରି ଭାରତର ପରୀକ୍ଷା ବ୍ୟବସ୍ଥାକୁ ନେଇ ଉଠୁଥିବା ପ୍ରଶ୍ନଗୁଡ଼ିକ ଏହି ଚିନ୍ତାକୁ ଆହୁରି ଗମ୍ଭୀର କରିଛି । ନିଟ୍ ପରୀକ୍ଷାରେ ପେପର ଲିକ୍ ବିବାଦ, ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ଅନିୟମିତତା, ପରୀକ୍ଷା ବାତିଲ ଏବଂ ଫଳ ପ୍ରକାଶରେ ବିଳମ୍ବ ଭଳି ଘଟଣାମାନେ ଦେଶର ଶିକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ପରୀକ୍ଷା ଅନିୟମିତତା କେବଳ ଏକ ପରୀକ୍ଷାର ଫଳାଫଳକୁ ପ୍ରଭାବିତ କରେ ନାହିଁ, ବରଂ ଲକ୍ଷ ଲକ୍ଷ ଯୁବକ-ଯୁବତୀଙ୍କ ମନୋବଳକୁ ଭାଙ୍ଗିଦିଏ । ଯେପରି ଘଟିଛି ନିଟ୍ କ୍ଷେତ୍ରରେ । ଯେଉଁମାନେ ବର୍ଷ ବର୍ଷ ଧରି ନିଜର ସମୟ, ଶ୍ରମ, ଧନ ଓ ଆଶାକୁ ଗୋଟିଏ ପରୀକ୍ଷା ଉପରେ ନିବେଶ କରନ୍ତି, ସେମାନେ ହଠାତ୍ ନିଜକୁ ଅନିଶ୍ଚିତତାର ଅନ୍ଧକାରରେ ଦେଖନ୍ତି । ଅନେକ ଛାତ୍ରଛାତ୍ରୀ ମାନସିକ ଚାପର ଶିକାର ହୁଅନ୍ତି, ନିରାଶାରେ ଭୋଗନ୍ତି ଏବଂ କେତେକ କ୍ଷେତ୍ରରେ ଚରମ ପଦକ୍ଷେପ ନେବାକୁ ମଧ୍ୟ ବାଧ୍ୟ ହୁଅନ୍ତି । ଏହାର ପ୍ରଭାବ କେବଳ ସେମାନଙ୍କ ଉପରେ ନୁହେଁ, ବରଂ ପରିବାର ଓ ସମାଜ ଉପରେ ମଧ୍ୟ ପଡ଼େ । ସରକାରୀ ଚାକିରି ପାଇଁ ପ୍ରସ୍ତୁତି କରୁଥିବା ଆଶାୟୀମାନଙ୍କର ସ୍ଥିତି ମଧ୍ୟ ଭିନ୍ନ ନୁହେଁ । ଲକ୍ଷ ଲକ୍ଷ ଯୁବକ-ଯୁବତୀ ବର୍ଷ ବର୍ଷ ଧରି କଠିନ ପରିଶ୍ରମ କରି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତି । ଅନେକଙ୍କ ପାଇଁ ଏହା କେବଳ ଚାକିରି ନୁହେଁ, ଏକ ସ୍ୱପ୍ନ, ଏକ ପରିଚୟ ଏବଂ ପରିବାରର ଭରସା । କିନ୍ତୁ ଯେତେବେଳେ ପେପର ଲିକ୍, ପରୀକ୍ଷା ବାତିଲ କିମ୍ବା ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତାର ଖବର ଆସେ, ସେମାନଙ୍କର ବିଶ୍ୱାସ ଭାଙ୍ଗିଯାଏ ବା ପ୍ରଭାବିତ ହୁଏ ।

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି – ଏହି ଭୁଲଗୁଡ଼ିକର ମୂଲ୍ୟ କିଏ ଦେଉଛି ? ଯେଉଁମାନେ ଦାୟୀ, ସେମାନେ କିଛି ସମୟ ପରେ ଭୁଲିଯାଆନ୍ତି; କିନ୍ତୁ ଯୁବପିଢ଼ି ହରାଇଦିଏ ନିଜ ଜୀବନର ମୂଲ୍ୟବାନ ବର୍ଷଗୁଡ଼ିକ । ସେମାନଙ୍କର ଆତ୍ମବିଶ୍ୱାସ, ଆଶା ଏବଂ ଭବିଷ୍ୟତର ସୁଯୋଗ ଧୀରେ ଧୀରେ କ୍ଷୟ ହୋଇଯାଏ । ଏହି ଅସନ୍ତୋଷ କେବଳ ସାମାଜିକ ଗଣମାଧ୍ୟମରେ ସୀମିତ ରହିନାହିଁ, ବରଂ ଏହା ଏକ ସଂଗଠିତ ଜନଆନ୍ଦୋଳନର ରୂପ ନେଉଛି । ନିକଟରେ 'କକ୍‌ରୋଚ୍ ଜନତା ପାର୍ଟି' ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି । ସଂଗଠନର ପ୍ରତିଷ୍ଠାତା ଅଭିଜିତ ଦୀପକେ ୬ ଜୁନ୍‌ରେ ନୂଆଦିଲ୍ଲୀର ଜନ୍ତର-ମନ୍ତରରେ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଆୟୋଜନ କରିବାକୁ ଘୋଷଣା ହିଁ ଏକ ପ୍ରତିବାଦ । ଏହି ଆନ୍ଦୋଳନର ମୂଳ ଦାବି ହେଉଛି ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା, ଦାୟିତ୍ୱବୋଧ ଏବଂ ଶିକ୍ଷା କ୍ଷେତ୍ରରେ ଘଟୁଥିବା ଅନିୟମିତତା ପାଇଁ ଜବାବ ଦେବା ନିଶ୍ଚିତ କରିବା । ଉଲ୍ଲେଖର ବିଷୟ ଯେ ଏହି ପ୍ରତିବାଦକୁ ସମର୍ଥନ କରିବାକୁ ସାମାଜିକ କର୍ମୀ ଓ ଶିକ୍ଷା ସଂସ୍କାରର ପ୍ରବକ୍ତାମାନେ ମଧ୍ୟ ଆଗକୁ ଆସିଥିବା ଖବର ପ୍ରକାଶ ପାଇଛି ।

ଏହା ସମୟର ଦାବି ଯେ ପରୀକ୍ଷା ଓ ନିଯୁକ୍ତି ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ଦାୟିତ୍ୱବାନ ଓ ପ୍ରଯୁକ୍ତିନିର୍ଭର କରାଯାଉ । ପେପର ଲିକ୍ ଓ ଦୁର୍ନୀତିରେ ଜଡ଼ିତ ବ୍ୟକ୍ତିମାନଙ୍କ ବିରୋଧରେ କଠୋର ଏବଂ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବା ଦରକାର । କାରଣ ଏହା କେବଳ ଏକ ପରୀକ୍ଷାର ପ୍ରଶ୍ନ ନୁହେଁ, ଏହା ଦେଶର ଭବିଷ୍ୟତର ପ୍ରଶ୍ନ । ଯୁବପିଢ଼ିର ଭବିଷ୍ୟତ କୌଣସି ଚୋର ଅନ୍ଧାର ରାତିରେ ଚୋରି କରୁନାହିଁ; ବରଂ ଦିନର ଆଲୁଅରେ । ଅବ୍ୟବସ୍ଥା, ଦୁର୍ନୀତି, ଅବହେଳା ଦ୍ୱାରା ଆଜି ଦେଶର ଯୁବପିଢ଼ି କେବଳ ଚାକିରି ନୁହେଁ, ନ୍ୟାୟ ଓ ସମାନ ସୁଯୋଗ ମାଗୁଛି । ଜନ୍ତର-ମନ୍ତର ହେଉ କି ରାସ୍ତାଘାଟ, ସେମାନଙ୍କ ସ୍ୱରରେ ଗୋଟିଏ ପ୍ରଶ୍ନ ପ୍ରତିଧ୍ୱନିତ ହେଉଛି— "ଆମ ଭବିଷ୍ୟତର ଦାୟିତ୍ୱ କିଏ ନେବ ?" ଯେପର୍ଯ୍ୟନ୍ତ ଏହି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ମିଳୁନାହିଁ, ସେପର୍ଯ୍ୟନ୍ତ ଯୁବପିଢ଼ିର ଅସନ୍ତୋଷ ଏବଂ ସଂଘର୍ଷ ଜାରି ହିଁ ରହିବ ।

# ସୁପ୍ରିମକୋର୍ଟଙ୍କ ରାୟ : କମ୍ ଯୋଗ୍ୟତା ପାଇଁ ଉଦ୍ଦିଷ୍ଟ ଚାକିରିରେ ଉଚ୍ଚଶିକ୍ଷିତଙ୍କୁ ମନା

**ଦେଶର କୋଣ ଅନୁକୋଣରେ ଥିବା ତୃଣମୂଳ ସ୍ତରର ସାଧାରଣ ଓ ଆର୍ଥିକ ଅନଗ୍ରସର ପରିବାରର ଚାକିରି ଆଶାୟୀ ଯୁବକଯୁବତୀମାନେ, ଯେଉଁମାନେ ଉଚ୍ଚଶିକ୍ଷା ପାଇଁ ଅର୍ଥ ଅଭାବରୁ କଲେଜ କିମ୍ବା ବିଶ୍ୱବିଦ୍ୟାଳୟର ସୀମା ସ୍ପର୍ଶ କରିପାରିନାହାନ୍ତି, ସେମାନଙ୍କ ପାଇଁ ଏହି ରାୟ ଏକ ବଡ ଆଶ୍ୱାସନା, ଆଶାର କିରଣ ଏବଂ ସେମାନଙ୍କର ସାମାଜିକ ଅଧିକାରକୁ ସୁରକ୍ଷିତ କରୁଥିବା ଏକ ଅମୋଘ ଅସ୍ତ୍ର ସଦୃଶ ପ୍ରମାଣିତ ହୋଇଛି, ଯାହା ଭବିଷ୍ୟତର ସମସ୍ତ ସରକାରୀ ନିଯୁକ୍ତି ନୀତିକୁ ବ୍ୟାପକ ଭାବେ ପ୍ରଭାବିତ ଓ ନିୟନ୍ତ୍ରଣ କରିବ ।**

**ସୌଭାଗ୍ୟ ରଂଜନ ମହାନ୍ତି**

ସୁପ୍ରିମକୋର୍ଟଙ୍କ ବଡ ରାୟ : କମ୍ ଯୋଗ୍ୟତା ପାଇଁ ଉଦ୍ଦିଷ୍ଟ ଚାକିରିରେ ଉଚ୍ଚଶିକ୍ଷିତଙ୍କୁ ମନା ଏବଂ ଭାରତୀୟ ନିଯୁକ୍ତି ବ୍ୟବସ୍ଥାରେ ଏହାର ଦୂରଗାମୀ ଐତିହାସିକ ପ୍ରଭାବ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଏବଂ ଶିକ୍ଷାଗତ ଯୋଗ୍ୟତାର ମାପଦଣ୍ଡକୁ ନେଇ ପ୍ରକାଶ ପାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ଏବଂ ସଂସ୍କାରମୂଳକ ରାୟ ଭାରତୀୟ ପ୍ରଶାସନିକ ଏବଂ ସାମାଜିକ ବ୍ୟବସ୍ଥାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ଜଷ୍ଟିସ ଅହସାନୁଦ୍ଦିନ ଅମାନୁଲ୍ଲା ଏବଂ ଜଷ୍ଟିସ ଆର.ମହାଦେବନଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ଏହି ମମଲାର ଶୁଣାଣି କରି ସ୍ପଷ୍ଟ ଭାବରେ ନିର୍ଦ୍ଦେଶ ଦେଇଛନ୍ତି ଯେ ଯେଉଁ ସରକାରୀ, ସାର୍ବଜନୀନ କିମ୍ବା ବ୍ୟାଙ୍କିଂ କ୍ଷେତ୍ରର ଚାକିରିଗୁଡିକ ନିର୍ଦ୍ଦିଷ୍ଟ ଭାବେ କମ୍ ଶିକ୍ଷାଗତ ଯୋଗ୍ୟତା ସମ୍ପନ୍ନ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ବା ଉଦ୍ଦିଷ୍ଟ ସେହିସବୁ ପଦବୀରେ ଅତ୍ୟଧିକ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିବା ବ୍ୟକ୍ତିମାନଙ୍କୁ କୌଣସି ପରିସ୍ଥିତିରେ ବି ନିଯୁକ୍ତି ଦିଆଯାଇପାରିବ ନାହିଁ । ବର୍ତ୍ତମାନ ସମୟରେ ସମଗ୍ର ଦେଶରେ ଦେଖାଦେଇଥିବା ଉଦ୍‌ବେଗଜନକ ବେକାରି ସମସ୍ୟା, ଶିକ୍ଷିତ ଯୁବପିଢିଙ୍କ ମଧ୍ୟରେ ଚାକିରି ପାଇଁ ବ୍ୟାକୁଳତା ଏବଂ ପ୍ରତିଯୋଗିତାମୂଳକ ପରିବେଶକୁ ଧ୍ୟାନରେ ରଖି ଅଦାଲତ ଏହି ଐତିହାସିକ ନିଷ୍ପତ୍ତି ଶୁଣାଇଛନ୍ତି, କାରଣ ବାସ୍ତବ ସ୍ଥିତି ଏପରି ହୋଇଛି ଯେ ଯେତେବେଳେ ବି କୌଣସି ସରକାରୀ ବିଭାଗରେ ଚତୁର୍ଥ ଶ୍ରେଣୀ, ପିଅନ, ସ୍ୱିପର, ଡ୍ରାଇଭର କିମ୍ବା ସଫେଇ କର୍ମଚାରୀ ଭଳି ତଳ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଉଛି, ସେତେବେଳେ ଦଶମ ବା ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଆଶାୟୀଙ୍କ ବଦଳରେ ପିଏଚଡି, ଏମ୍‌ବିଏ, ବିଟେକ୍ ଏବଂ ବହୁ ସ୍ନାତକୋତର ଡିଗ୍ରୀ ହାସଲ କରିଥିବା ଉଚ୍ଚଶିକ୍ଷିତ ପ୍ରାର୍ଥୀମାନେ ହଜାର ହଜାର ସଂଖ୍ୟାରେ ଆବେଦନ କରୁଛନ୍ତି । ଏହି ପ୍ରକ୍ରିୟା ଯୋଗୁଁ ଯେଉଁମାନେ ପ୍ରକୃତରେ ସୀମିତ ସମ୍ବଳ ଏବଂ ଗରିବୀ କାରଣରୁ କେବଳ ମାଟ୍ରିକ କିମ୍ବା ଅଣ-ସ୍ନାତକ ସ୍ତର ପର୍ଯ୍ୟନ୍ତ ପଢିଛନ୍ତି ଏବଂ ଯେଉଁମାନଙ୍କ ପାଇଁ ସେହି ନିର୍ଦ୍ଦିଷ୍ଟ ତଳ ପଦବୀଗୁଡିକ ଜୀବିକା ଅର୍ଜନର ଏକମାତ୍ର ମାଧ୍ୟମ, ସେମାନେ ଏହି ଅତ୍ୟାଧିକ ଉଚ୍ଚଶିକ୍ଷିତ ପ୍ରାର୍ଥୀଙ୍କ ସହ ପ୍ରତିଯୋଗିତା କରିବାରେ ସମ୍ପୂର୍ଣ୍ଣ ଅସମର୍ଥ ହେଉଛନ୍ତି । ସାମାଜିକ ନ୍ୟାୟରୁ ବଂଚିତ ହେଉଛନ୍ତି । ଏହି ଗମ୍ଭୀର ସାମାଜିକ ଏବଂ ଅର୍ଥନୈତିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ଏହି କଠୋର ଆଇନଗତ କଟକଣା ଜାରି କରିଛନ୍ତି, ଫଳରେ ସମାଜର ସବୁଠାରୁ ତଳ ସ୍ତରରେ ଥିବା ଏବଂ କମ୍ ଶିକ୍ଷିତ ଆଶାୟୀଙ୍କ ରୋଜଗାର ଓ ସାମ୍ବିଧାନିକ ସୁଯୋଗର ଅଧିକାର ସୁରକ୍ଷିତ ହୋଇପାରିବ ।

ସୁପ୍ରିମକୋର୍ଟଙ୍କ ନିକଟକୁ ଆସିଥିବା ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ନିଯୁକ୍ତି ସମ୍ପର୍କିତ ମାମଲାର ପୁଙ୍ଖାନୁପୁଙ୍ଖ ବିଚାର କରିବା ପରେ ଖଣ୍ଡପୀଠ ଏହି ଦିଗ୍‌ଦର୍ଶନ ଦେଇଛନ୍ତି, ଯେଉଁଠାରେ ଜଣେ ଆବେଦନକାରୀ ନିଜର ଉଚ୍ଚତର ସ୍ନାତକ ଡିଗ୍ରୀ ବିଷୟରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ସମ୍ପୂର୍ଣ୍ଣ ଭାବେ ଲୁଚାଇ ରଖି କେବଳ ଦଶମ ଶ୍ରେଣୀ ଯୋଗ୍ୟତା ମାଗିଥିବା ଏକ ଅଧସ୍ତନ ପଦବୀରେ ସଫଳତାର ସହ ଚାକିରି ହାସଲ କରିଥିଲେ, ମାତ୍ର ପରବର୍ତ୍ତୀ ସମୟରେ ଯେତେବେଳେ ତାଙ୍କର ଏହି ଉଚ୍ଚ ଯୋଗ୍ୟତା ବିଷୟରେ କର୍ତ୍ତୃପକ୍ଷ ଜାଣିବାକୁ ପାଇଲେ ସେତେବେଳେ ସୁପ୍ରିମକୋର୍ଟ ଏହି କାର୍ଯ୍ୟକୁ ଏକ ଗୁରୁତର 'ପ୍ରତାରଣା' ଏବଂ 'ସତ୍ୟର ଅପଳାପ' ବୋଲି ଅଭିହିତ କରିବା ସହିତ ଉକ୍ତ ପ୍ରାର୍ଥୀଙ୍କ ଚାକିରି ନିଯୁକ୍ତିକୁ ସମ୍ପୂର୍ଣ୍ଣ ରଦ୍ଦ ବା ବାତିଲ କରିଛନ୍ତି । କୋର୍ଟ ନିଜର



ରାୟରେ ଗୁରୁତ୍ୱାରୋପ କରି କହିଛନ୍ତି ଯେ ରାଜ୍ୟ କିମ୍ବା ସରକାରୀ ସଂସ୍ଥାଗୁଡିକ ହେଉଛନ୍ତି ସମାଜ ପାଇଁ ଜଣେ ଆଦର୍ଶ ନିଯୁକ୍ତିଦାତା , ତେଣୁ ସେମାନଙ୍କର ପ୍ରାଥମିକ ଦାୟିତ୍ୱ ହେଉଛି ସମାଜର ପ୍ରତ୍ୟେକ ଶ୍ରେଣୀ, ବିଶେଷ କରି ସାମାଜିକ ଏବଂ ଶିକ୍ଷାଗତ ଦୃଷ୍ଟିରୁ ପଛୁଆ ବର୍ଗଙ୍କୁ ସମାନ ଏବଂ ନ୍ୟାୟୋଚିତ ସୁଯୋଗ ପ୍ରଦାନ କରିବା, କାରଣ ଯଦି କମ୍ ଯୋଗ୍ୟତା ବିଶିଷ୍ଟ ପଦବୀରେ ଅତ୍ୟଧିକ ଯୋଗ୍ୟତାସମ୍ପନ୍ନ ଲୋକଙ୍କୁ ପ୍ରବେଶ ଅନୁମତି ଦିଆଯାଏ, ତେବେ ତାହା ପ୍ରକୃତ ଦରିଦ୍ର, ସମ୍ବଳହୀନ ଏବଂ କମ୍ ଶିକ୍ଷିତ ଯୁବକଯୁବତୀଙ୍କ ବଂଚିବାର ଅଧିକାର ଓ ସମାନତାର ଅଧିକାର ପ୍ରତି ଏକ ଚରମ ଅନ୍ୟାୟ ସଦୃଶ ହେବ । ଏହି ଐତିହାସିକ ରାୟର ସୁଦୂରପ୍ରସାରୀ ପ୍ରଭାବ ସ୍ୱରୂପ ଭବିଷ୍ୟତରେ ପ୍ରକାଶ ପାଇବାକୁ ଥିବା ସମସ୍ତ ସରକାରୀ ବିଜ୍ଞପ୍ତି ଏବଂ ନିଯୁକ୍ତି ପ୍ରକ୍ରିୟାରେ କେବଳ ସର୍ବନିମ୍ନ ଯୋଗ୍ୟତା ନୁହେଁ, ବରଂ ସର୍ବୋଚ୍ଚ ଶିକ୍ଷାଗତ ଯୋଗ୍ୟତା ର ସୀମା ମଧ୍ୟ କଡାକଡି ଭାବେ ନିର୍ଦ୍ଧାରଣ ଓ ଲାଗୁ କରାଯିବ, ଯାହାଦ୍ୱାରା ଦେଶର ଲକ୍ଷ ଲକ୍ଷ ସାଧାରଣ ଶିକ୍ଷିତ ଯୁବପିଢି ନିଜ ନିଜର ଶିକ୍ଷା ସୀମା ମଧ୍ୟରେ ରହି ସମ୍ମାନର ସହ ପ୍ରତିଯୋଗିତା କରିପାରିବେ । ଚାକିରି ପାଇପାରିବେ । ଏହା ବ୍ୟତୀତ ନିଯୁକ୍ତି ସମୟରେ କୌଣସି ପ୍ରକାରର ନିଜର ଅସଲ ଯୋଗ୍ୟତାକୁ ଲୁଚାଇବା କିମ୍ବା ମିଥ୍ୟା ଶପଥପାଠ ଦେଇ ଚାକିରି ହାସଲ କରିବା ଭଳି ଦୁର୍ନୀତି ଉପରେ ସମ୍ପୂର୍ଣ୍ଣ ରୂପେ ରୋକ ଲାଗିବ, ଯାହା ଭାରତୀୟ ନିଯୁକ୍ତି ବ୍ୟବସ୍ଥାରେ ସ୍ୱଚ୍ଛତା, ସାଧୁତା ଏବଂ ପ୍ରଶାସନିକ ଶୃଙ୍ଖଳା ଫେରାଇ ଆଣିବାରେ ଏକ ବୈପ୍ଲବିକ ପଦକ୍ଷେପ ସାବ୍ୟସ୍ତ ହେବ । ଏହି ବଡ ନିଷ୍ପତ୍ତି କେବଳ ଆଇନଗତ ଦୃଷ୍ଟିକୋଣରୁ ନୁହେଁ, ବରଂ ସାମାଜିକ-ଅର୍ଥନୈତିକ ସମୀକରଣ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, କାରଣ ଏହାଦ୍ୱାରା ସରକାରୀ ବିଭାଗଗୁଡିକରେ କାର୍ଯ୍ୟଦକ୍ଷତା ଏବଂ ସନ୍ତୁଳନ ରକ୍ଷା ହୋଇପାରିବ, ଯେହେତୁ ପୂର୍ବରୁ ଅନେକ ସମୟରେ ଦେଖାଯାଇଛି ଯେ ଜଣେ ଉଚ୍ଚଶିକ୍ଷିତ ବ୍ୟକ୍ତି (ଯେପରିକି ଜଣେ ଇଞ୍ଜିନିୟର କିମ୍ବା ମାଷ୍ଟର ଡିଗ୍ରୀଧାରୀ) ମାତ୍ର ଗୁଜରାଣ ମେଂଟାଇବା ପାଇଁ ଏକ ପିଅନ ବା ସଫେଇ କର୍ମଚାରୀ ପଦବୀରେ ଯୋଗ ତ ଦେଇଦିଅନ୍ତି, କିନ୍ତୁ ମାନସିକ ସ୍ତରରେ ସେ ସେହି କାର୍ଯ୍ୟକୁ ଆଦରି ପାରନ୍ତି ନାହିଁ ଏବଂ ପରବର୍ତ୍ତୀ ସମୟରେ କୌଣସି ଉଚ୍ଚ ପଦବୀ ମିଳିବା ମାତ୍ରେ ଚାକିରି ଛାଡି ଚାଲିଯାଆନ୍ତି, ଯାହାଦ୍ୱାରା ସରକାରଙ୍କ ଆର୍ଥିକ ସମ୍ବଳ ଓ ସମୟ ନଷ୍ଟ ହେବା ସହ ସେହି ପଦବୀଟି ପୁଣି ଥରେ ଶୂନ୍ୟ ହୋଇଯାଏ ଏବଂ ଜଣେ ପ୍ରକୃତ ଅଣ-ଶିକ୍ଷିତ ବା କମ୍ ଶିକ୍ଷିତ ଗରିବ ଯୁବକ ସେହି ସୁଯୋଗରୁ ସବୁଦିନ ପାଇଁ ବଂଚିତ ହୋଇ ରହିଯାଏ । ସୁପ୍ରିମକୋର୍ଟ ଏହି ମାନସିକତା ଏବଂ ପ୍ରଶାସନିକ ଅସନ୍ତୁଳନକୁ ଗଭୀର ଭାବେ ଅନୁଧ୍ୟାନ ସ୍ପଷ୍ଟ କରିଛନ୍ତି ଯେ ପ୍ରତ୍ୟେକ ପଦବୀର ଏକ ନିଜସ୍ୱ ଗରିମା ଓ ସୀମା ରହିଛି ଏବଂ ସେହି ଅନୁଯାୟୀ ହିଁ ପ୍ରାର୍ଥୀ ଚୟନ ହେବା ବିଧେୟ । ଏହି ରାୟ ସେହି ସମସ୍ତ ନିଯୁକ୍ତି ପ୍ରକ୍ରିୟା ପାଇଁ ଏକ ବାଧ୍ୟତାମୂଳକ ନିୟମାବଳୀ ପାଳନ୍ଟିବ ଯେଉଁଠାରେ ନିୟମାବଳୀରେ ସର୍ବୋଚ୍ଚ ଯୋଗ୍ୟତା ବିଷୟରେ ଉଲ୍ଲେଖ ରହିଛି, ତେଣୁ ଯଦି କୌଣସି ପ୍ରାର୍ଥୀ ଆବେଦନ ସମୟରେ ନିଜର ଅଧିକ ଶିକ୍ଷାଗତ ଯୋଗ୍ୟତାକୁ ଗୋପନ ରଖନ୍ତି, ତେବେ ତାହାକୁ ନିଯୁକ୍ତିଦାତାଙ୍କ ସହ ଏକ ସାଂଘାତିକ ଜାଲିଆତି ବୋଲି ଧରାଯିବ ଏବଂ ଭବିଷ୍ୟତରେ ସେହି ବ୍ୟକ୍ତିଙ୍କ ବିରୋଧରେ କଡା ଫୌଜଦାରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପଥ ମଧ୍ୟ ଉନ୍ମୁକ୍ତ ହୋଇଛି । ସାମ୍ବିଧାନିକ ବ୍ୟବସ୍ଥାର ଧାରା ୧୪ ଏବଂ ୧୬ ଅନୁଯାୟୀ ସମସ୍ତ ନାଗରିକଙ୍କୁ ସମାନ ସୁଯୋଗ ପ୍ରଦାନ କରିବାର ଯେଉଁ ବ୍ୟବସ୍ଥା ରହିଛି, ତାହାର ପ୍ରକୃତ ସଂଜ୍ଞା ଏହି ରାୟ ମାଧ୍ୟମରେ ପ୍ରତିଫଳିତ ହୋଇଛି, କାରଣ ସମାନତା କେବଳ ସମାନ ଲୋକଙ୍କ ମଧ୍ୟରେ ହିଁ ସମ୍ଭବ, ଜଣେ ଉଚ୍ଚଶିକ୍ଷିତ ସମ୍ପନ୍ନ ବ୍ୟକ୍ତି ସହ ଜଣେ କେବଳ ପ୍ରାଥମିକ ଶିକ୍ଷା ପାଇଥିବା ଗରିବ ଯୁବକର ସମାନ ପ୍ରତିଯୋଗିତା କେବେ ହେଲେ ନ୍ୟାୟସଙ୍ଗତ ହୋଇପାରିବ ନାହିଁ ।

ଦେଶର କୋଣ ଅନୁକୋଣରେ ଥିବା ତୃଣମୂଳ ସ୍ତରର ସାଧାରଣ ଓ ଆର୍ଥିକ ଅନଗ୍ରସର ପରିବାରର ଚାକିରି ଆଶାୟୀ ଯୁବକଯୁବତୀମାନେ, ଯେଉଁମାନେ ଉଚ୍ଚଶିକ୍ଷା ପାଇଁ ଅର୍ଥ ଅଭାବରୁ କଲେଜ କିମ୍ବା ବିଶ୍ୱବିଦ୍ୟାଳୟର ସୀମା ସ୍ପର୍ଶ କରିପାରିନାହାନ୍ତି, ସେମାନଙ୍କ ପାଇଁ ଏହି ରାୟ ଏକ ବଡ ଆଶ୍ୱସନା, ଆଶାର କିରଣ ଏବଂ ସେମାନଙ୍କର ସାମାଜିକ ଅଧିକାରକୁ ସୁରକ୍ଷିତ କରୁଥିବା ଏକ ଅମୋଘ ଅସ୍ତ୍ର ସଦୃଶ ପ୍ରମାଣିତ ହୋଇଛି, ଯାହା ଭବିଷ୍ୟତର ସମସ୍ତ ସରକାରୀ ନିଯୁକ୍ତି ନୀତିକୁ ବ୍ୟାପକ ଭାବେ ପ୍ରଭାବିତ ଓ ନିୟନ୍ତ୍ରଣ କରିବ ।

ଶିଶୁପାଳଗଡ,-୭୫୧୦୦୨
ମୋ-୯୪୩୭୯୯୪୩୭୯

# ପ୍ରକୃତି ବନ୍ଧୁ ପୁରସ୍କାର ପାଇଲେ ଆସିକାର ଯୁବ ସାମ୍ବାଦିକ

ଆସିକା,୬।୬ (ନିପ୍ର): ଆଗ୍ରହ ଥିଲେ ସବୁ କାମ ସମ୍ଭବ ହୋଇପାରିବ।ଏହାର ଏକ ଉଦାହରଣ ସୃଷ୍ଟି କରିଛନ୍ତି ଆସିକା ଆଦର୍ଶ ବିଦ୍ୟାମନ୍ଦିର ସମ୍ପାଦକ ତଥା ଯୁବ ସାମ୍ବାଦିକ ପରିବେଶ ପ୍ରେମୀ




କମଳେନ୍ଦୁ ହୋତା। ପେସାରେ ସେ ଜଣେ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତିତ୍ୱ ତଥା ନିର୍ଭୀକ ସାମ୍ବାଦିକ। ମାତ୍ର ନିଶା ତାଙ୍କର ଚାରାରୋପଣ । ପରିବେଶର ସୁରକ୍ଷା ଲାଗି ରାତି ପାହିଲେ ତାଙ୍କୁ ଘାରୁଛି ଚାରାରୋପଣ ଚିନ୍ତା । ବିଶ୍ୱ ପରିବେଶ ଦିବସ ଏହି ଅବସରରେ ବ୍ରହ୍ମପୁର ଜିଲ୍ଲା ବନଖଣ୍ଡ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ବିଶ୍ୱ ପରିବେଶ ଦିବସ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖାରଙ୍କ ଆୟୋଜନ କରିଥିବା ବେଳେ ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର ନାରାୟଣ ବେଜଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ କୁମାର ସାବତ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ୬୮ ବାଟାଲିୟନ କମଣ୍ଡିଙ୍ଗ ଅଫିସର ଶାରଦା ପ୍ରସଦା ଦାସ ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ଉପସ୍ଥିତ ଥିଲେ। ଏହି ଅବସରରେ ଗଞ୍ଜାମ ଜିଲ୍ଲାର ପ୍ରତି ବ୍ଲକରୁ ଜଣେ ପ୍ରକୃତି ପ୍ରେମୀଙ୍କୁ ପ୍ରକୃତି ବନ୍ଧୁ ଉପାଧି ମିଳିଥିଲା ବେଳେ ଆସିକା ବ୍ଲକରୁ କମଳେନ୍ଦୁ ହୋତାଙ୍କୁ ଏହି ଉପାଧି ମିଳିଛି।

# ସୌରା ଭାଷାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା

ରାୟଗଡା,୬।୬ (ନିପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ଜନଜାତି ଅଞ୍ଚଳରେ ଅଧିକ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ୧୩୮-ଗୁଣୁପୁର ବିଧାନସଭା କ୍ଷେତ୍ରର ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଗୁଣୁପୁର ଅଭିଷେଖ ଦୁଦାଳଙ୍କ ନେତୃତ୍ୱରେ ଗୁଣୁପୁର ବ୍ଲକ ଅନ୍ତର୍ଗତ ଲାଞ୍ଜିଆ ସୌରା ଜନଜାତି ଅଧ୍ୟୁଷିତ ରେଜିଙ୍ଗଟାଲ ଗ୍ରାମ ପରିଦର୍ଶନ କରିଥିଲେ। ଏହି ଅବସରରେ ଉପ ଜିଲ୍ଲାପାଳ ଗୁଣପୁର ଅଭିଷେକ ଦୁଦାଳ, ତହସିଲଦାର ତଥା ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ , ଗୁଣୁପୁର; ବ୍ଲକ ଉନ୍ନୟନ ଅଧିକାରୀ ତଥା ଏଇଆରଓ , ଗୁଣୁପୁର; ସହକାରୀ ଜିଲ୍ଲାପାଳ ତଥା ଏଇଆରଓ , ଗୁଣୁପୁର ଉପସ୍ଥିତ ରହି କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପର ତଦାରଖ କରିଥିଲେ। ପରିଦର୍ଶନ ସମୟରେ ବୁଥ୍ ସ୍ତରୀୟ ଅଧିକାରୀ ଅଜିତ ସବର ସ୍ଥାନୀୟ ଲାଞ୍ଜିଆ ସୌରା ସମ୍ପ୍ରଦାୟର ଲୋକଙ୍କ ସହ ସେମାନଙ୍କ ମାତୃଭାଷା ସୌରା ଭାଷାରେ ସିଧାସଳଖ ସମ୍ବାଦ କରିଥିଲେ। ସେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ମତଦାତା ତାଲିକାରେ ନାମ ଅନ୍ତର୍ଭୁକ୍ତି, ସଂଶୋଧନ ଏବଂ ଅଦ୍ୟତନ ପ୍ରକ୍ରିୟା ସମ୍ପର୍କରେ ଗ୍ରାମବାସୀଙ୍କୁ ବିସ୍ତୃତ ଭାବେ ଅବଗତ କରାଇଥିଲେ। ନିଜ ଭାଷାରେ ସୂଚନା ପାଇବା ଫଳରେ ଗ୍ରାମବାସୀମାନେ କାର୍ଯ୍ୟକ୍ରମକୁ ସହଜରେ ବୁଝିପାରିଥିଲେ ଏବଂ ଉତ୍ସାହର ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ରକୃତି ସୁରକ୍ଷା ପାଇଁ ଆହ୍ୱାନ

ଧାମନଗର,୬।୬ (ନିପ୍ର);ବିଶ୍ୱ ପରିବେଶ ଦିବସ ଅବସରରେ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦ' ପକ୍ଷରୁ ପରିବେଶ ସୁରକ୍ଷା ଓ ସଚେତନତା ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଐତିହାସିକ ମୁକୁନ୍ଦଦେବଙ୍କ ନିହତ ପୀଠ ଗୋହିରାଟିକିରି ଠାରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନର ଦ୍ରୁତ ଜଳବାୟୁ ପରିବର୍ତ୍ତନ ଓ ବଢୁଥିବା ପ୍ରଦୂଷଣ ସମୟରେ ପରିବେଶକୁ ସୁସ୍ଥ ରଖିବା ପ୍ରତ୍ୟେକ ନାଗରିକର ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।ଏହି କାର୍ଯ୍ୟକ୍ରମରେ ଧାମନଗର ପଞ୍ଚାୟତ ସମିତିର ଉପାଧକ୍ଷ ଜଗବନ୍ଧୁ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପରିଷଦର ଉପ-ସଭାପତି ହୃଦାନନ୍ଦ କର,ପୂର୍ବତନ ଏବିଇଓ ଭୋଳାନାଥ ସାହୁ ଯୋଗ ଦେଇଥିଲେ। ପରିଷଦର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରି ପରିବେଶକୁ ସବୁଜ ସୁନ୍ଦର କରି ଗଢ଼ି ତୋଳିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ପ୍ରକୃତିର ସୁରକ୍ଷା ପାଇଁ ବୃକ୍ଷରୋପଣ, ଜଳ ସଂରକ୍ଷଣ, ପରିଷ୍କାର ପରିଚ୍ଛନ୍ନତା, ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ, ବନୀକରଣ, ପ୍ରଦୂଷଣ ମୁକ୍ତ ପରିବେଶ, ଜୈବ ବିବିଧତା ସଂରକ୍ଷଣ, କୁହୁଡ଼ି ଓ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ସଚେତନତାର ବାର୍ତ୍ତା ଦିଆଯାଇଥିଲା। 'ଗଛ ଲଗାଅ, ଜୀବନ ବଞ୍ଚାଅ'ର ବାର୍ତ୍ତା ସମସ୍ତଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଥିଲା।

# ଅବକାରୀ ଚଢାଉରେ ଦେଶୀମଦ ସହ ପୋଚ ନଷ୍ଟ

ଆଠଗଡ଼,୬।୬ (ନିପ୍ର): ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଅ ,କଂସର, ବାଉଁଶ ଟାଙ୍ଗୋର, ସରସ୍ୱତୀପୁର ଓ ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ



ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ନରସିଂହପୁର ଅବକାରୀ ବିଭାଗ, ଜିଲ୍ଲା ମୋବାଇଲ ୟୁନିଟ,ସଦର ଅବକାରୀ ଥାନା ଓ ଖୁଣ୍ଟୁଣୀ ବନବିଭାଗ ସହିତ ଏକ ମିଳିତ ଚଢ଼ାଉ କରାଯାଇଥିଲା। ଏହି ଚଢାଉରେ ସର୍ବମୋଟ ୩୦୮୦ ଲିଟର ଦେଶୀମଦ ସହ ୨୧୮୭୫ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ଏଥିସହ ଏକ ଦୁଇ ଚକିଆ ଗାଡ଼ି ଜବତ କରାଯିବା ସହ ୬ଟି ମାମଲା ରୁଜୁ କରାଯାଇଛି।କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନ, ଜିଲ୍ଲା ମୋବାଇଲ ୟୁନିଟର ଅବକାରୀ ନିରୀକ୍ଷକ ବି.ବି. ବର୍ମା, ନରସିଂହପୁର ଅବକାରୀ ଥାନା, ବାଙ୍କୀ ଅବକାରୀ ଥାନା,କଟକ ସଦର ଅବକାରୀ ଥାନାର ଅବକାରୀ ସହ ଉପ ନିରୀକ୍ଷକ ବରୁଣ ପାତ୍ର ଓ ଖୁଣ୍ଟୁଣୀ ବନବିଭାଗ ସମେତ ସମସ୍ତ ଅବକାରୀ ସହକର୍ମୀ ଉକ୍ତ ଚଢ଼ାଉରେ ଅଂଶଗ୍ରହଣ କରିଥିଲେ।

# ବିରଞ୍ଚିପୁରରେ ଜନ ଅଭିଯୋଗ ଶୁଣାଣି

ବୁଗୁଡ଼ା,୬।୬ (ନିପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବିରଞ୍ଚିପୁର ପଞ୍ଚାୟତରେ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ସମସ୍ୟାଗୁଡ଼ିକର ସମାଧାନ ପାଇଁ ମନ୍ତ୍ରୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ, ଜମି ପଟ୍ଟା ଏବଂ ଭତ୍ତା ବଣ୍ଟନ କରାଯାଇଥିଲା।ସୂଚନାଯୋଗ୍ୟ ଯେ, ଗତ ଦୁଇ ଦିନ ତଳେ ବିରଞ୍ଚିପୁର ପଞ୍ଚାୟତର କିଛି ଲୋକ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପଞ୍ଚାୟତରେ କୌଣସି ସରକାରୀ ଉନ୍ନତିମୂଳକ କାର୍ଯ୍ୟ ହୋଇନଥିବା ଅଭିଯୋଗ ଆଣିଥିଲେ। ଏହାର କଡ଼ା ଜବାବ ଓ ସ୍ପଷ୍ଟୀକରଣ ରଖି ମନ୍ତ୍ରୀ ଶ୍ରୀ ମଲ୍ଲିକ ସଭାରେ ପଞ୍ଚାୟତରେ ହୋଇଥିବା ସମସ୍ତ ସରକାରୀ ଓ ପ୍ରଗତିଶୀଳ କାର୍ଯ୍ୟର ଏକ ସମ୍ପୂର୍ଣ୍ଣ ଚିଠା ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ପ୍ରଶାସନିକ ସେବାକୁ ଲୋକଙ୍କ ନିକଟତର କରିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ।

# ବନ୍ଧ ପୁନରୁଦ୍ଧାର ନେଇ କଂଗ୍ରେସ-ବିଜେଡି ମୁହାଁମୁହିଁ

ବଲାଙ୍ଗିର,୬।୬ (ନିପ୍ର):ବଲାଙ୍ଗିର ପୌର ପରିଷଦ ପକ୍ଷରୁ ସହରର ଚାଲିଥିବା ବନ୍ଧ ଗୁଡିକର ପଙ୍କ ଉଦ୍ଧାର ଠିକରେ ହେଉ ନଥିବା ନେଇ ଆଜି ସ୍ଥାନୀୟ ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ ନରସିଂହ ବନ୍ଧ ଆଡିରେ ଏକ ପ୍ରତିବାଦ ସଭା କରାଯାଇଥିଲା । ଏହା ଦେଖି ଅନ୍ୟ ପଟେ ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ଏକ ରାଲି କରି ବିଜେଡି କାଉନସିଲର ଏବଂ କର୍ମୀମାନେ କଂଗ୍ରେସ କରୁଥିବା ପ୍ରତିବାଦ ସଭା ନିକଟରେ ପହଚିଂ ପ୍ରତିବାଦ କରିଥିଲେ । ଏକା ସ୍ଥାନରେ କଂଗ୍ରେସ କର୍ମୀ ଓ ବିଜେଡି କର୍ମୀ ମୁହାଁ ମୁହିଁ ପରିସ୍ଥିତି ହୋଇଥିଲା । ଏଭଳି ପରିସ୍ଥିତିକୁ ଦେଖି ସ୍ଥାନୀୟ ଏସଡିପିଓ ଏବଂ ଟାଉନଥାନା ଆଇଆଇସି ଅବନୀ ସାହୁଙ୍କ ନେତୃତ୍ୱରେ ପୁଲିସ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୃତୟନ କରିଥିଲା । ବିଜେଡି କର୍ମୀମାନେ ନିଜ ନେତା ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ଜୟକାର କରିବା ସହ ବିରୋଧୀ କଂଗ୍ରେସ ନେତାଙ୍କ ବିରୋଧରେ ସ୍ଲୋଗାନ ଦେଉଥିବା ଦେଖିବାକୁ ମିଳୁଥିଲା । ଅନ୍ୟପଟେ କଂଗ୍ରେସ କର୍ମୀମାନେ ନିଜ ନେତା ପୂର୍ବତନ ବିଧାୟକ ନରସିଂହ ମିଶ୍ରଙ୍କ ସ୍ଲୋଗାନ ଦେଉଥିବା ବେଳେ ବିଜେଡି ନେତାଙ୍କ ବିରୋଧରେ ସ୍ଲୋଗାନମାନ ଦେଉଥିଲେ । କଂଗ୍ରେସ କର୍ମୀଙ୍କ କହିବା ଅନୁସାରେ ବହୁ ଶୀଘ୍ର ବର୍ଷାର ଆଗମନ ହେବ । ତେଣୁ ତା ପୂର୍ବରୁ ଜଳାଶୟ ଗୁଡିକର ପଙ୍କ



ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉ ଏବଂ ବନ୍ଧ ଆଡି ଭିତରେ ପକାଯାଉଥିବା ମାଟି ଉଠାଯାଇ ବାହାରେ ପକାଯାଉ ବୋଲି ଦାବି କରିଥିଲେ । ଏହାସହ ବର୍ଷା ଆସିଗଲେ ମାଟି ଉଠାକାମ ବନ୍ଦ ହୋଇଯିବ ଏବଂ ମାଟି ବନ୍ଧ ଭିତରେ ରହିଯିବ । ଏହାଦ୍ୱାରା ଦୁର୍ନୀତିକୁ ବଲାଙ୍ଗିର ପୌର ପରିଷଦ ପ୍ରଶୟ ଦେବା ସହ ନିଜେ ଦୁର୍ନୀତିରେ ଲିପ୍ତ ଥିବା କଂଗ୍ରେସ ଅଭିଯୋଗ କରିଛି । ଅନ୍ୟପଟେ ବିଜେଡି ବନ୍ଧ ଗୁଡିକର ପୁନଃଉଦ୍ଧାର ଏବଂ ପଙ୍କ ଉଦ୍ଧାର କାମକୁ କଂଗ୍ରେସ ସହି ନ ପାରି ଆଜି ପ୍ରତିବାଦ କରୁଛି ବୋଲି ଓଲଟା ଅଭିଯୋଗ କରୁଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ଯଦି କଂଗ୍ରେସ କାମ ଠିକ ରେ ହେଉନାହିଁ ବୋଲି ପ୍ରତିବାଦ କରୁଥିଲା ତେବେ ବିଜେଡିର ବିଧାୟକ ଏବଂ ପୌରପରିଷଦ ଅଧ୍ୟକ୍ଷା ଥାଇ ଏହି ପ୍ରତିବାଦ ବିରୋଧରେ ନିଜେ କାହିଁକି ପ୍ରତିବାଦ କରୁଥିଲେ। ବିଜେଡି ଭଲ କାମ କରି ବିରୋଧୀଙ୍କ ମୁହଁ ଚୁପ କରିଦେଇ ପରିଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା । ତେବେ ଆଗକୁ ଦେଖିବାର ଅଛି ଏହି ବନ୍ଧ ପଙ୍କ ଉଦ୍ଧାର ରାଜନୀତ କେଉଁ ଦିଗକୁ ମୋଡ ନେଉଛି । ଆଜିର ଏହି ପ୍ରତିବାଦ ସଭାରେ କଂଗ୍ରେସ ଦଳ ପକ୍ଷରୁ ମନୀଷ ମିଶ୍ର, ହିମାଂଶୁ ନାୟକ, କୈଳାଶ ମିଶ୍ର, ଝୁଲୁ ପଟ୍ଟନାୟକଙ୍କ ସମେତ ବହୁ ପୁରୁଷ ଓ ମହିଳା କଂଗ୍ରେସ କର୍ମୀ ଉପସ୍ଥିତ ଥିବା ବେଳେ ବିଜେଡି ଦଳ ପକ୍ଷରୁ କାଉନସିଲାର ନନ୍ଦିନି ବନଛୋର, ସମ୍ଭୁ ନାଗଙ୍କ ସମେତ ବହୁ କାଉନସିଲର ବିଜେଡି ନେତା ବୁଲୁ ବେହେରା, ପିଙ୍କୁ ମିଶ୍ର ଏବଂ ବିଜେଡିର ମହିଳା ଓ ପୁରୁଷ କର୍ମୀମାନେ ଉପସ୍ଥିତ ଥିଲେ । ପ୍ରକାଶ ଯେ, ଗତ ଦୁଇମାସ ତଳେ ବଲାଙ୍ଗିର ପୌରପରିଷଦ ପକ୍ଷରୁ ବଲାଙ୍ଗିର ସହରରେ ଥିବା ବହୁ ବନ୍ଧ ଗୁଡିକର ପାଣି କାଟି ଦେଇ ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ତେବେ ଏହି ପଙ୍କ ଗୁଡିକ ଶୁଖି ନଥିବା ରୁ ଏବଂ ବର୍ଷା ଆସୁଥିବାରୁ ସେହି ପଙ୍କ ଗୁଡିକକୁ ବନ୍ଧ ଭିତରେ ଖେଳେଇବା ସହ ବନ୍ଧହିଡ ଗୁଡିକ ଆଗରେ ପକାଇ ଦେଆଯାଉଛି । ଯାହାକି ବର୍ଷା ହେଲେ ପୁଣି ବନ୍ଧ ଭିତରକୁ ସେହି ମାଟି ଗୁଡିକ ପ୍ରବେଶ କରିବ । ଯେଉଁ ମାଟି ଗୁଡିକ ସ୍ଥାନାନ୍ତର କରାଯାଉଛି ତାହା ରାସ୍ତା ଉପରେ ପଡି ରହୁଛି ଏବଂ ଖରା ଯୋଗୁଁ ଶୁଖି ଯାଇ ଧୂଳି ଉଡି ପରିବେଶକୁ ଖରାପ କରୁଥିବା କୁହାଯାଉଛି ।

# ଭାପୁର - ପ୍ରାକ୍‌ଶିକ୍ଷା ପାଇଁ ଭିତ୍ତିଭୂମିର ଅଭାବ

## ବହୁ ସମସ୍ୟା ଦେଇ ଚାଲିଛି ଅଙ୍ଗନବାଡି !

ଭାପୁର,୬।୬ (ନିପ୍ର): ଶିଶୁଟିଏ ପ୍ରାକ ଶିକ୍ଷା ଅଙ୍ଗନବାଡି କେନ୍ଦ୍ରରୁ ଆରମ୍ଭ କରିଥାଏ। ସେଥିପାଇଁ ଭାପୁର ବ୍ଲକର ପ୍ରତ୍ୟକ ଗ୍ରାମରେ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇଛି । କିନ୍ତୁ, ବ୍ଲକର ଅଧିକାଂଶ କେନ୍ଦ୍ରରେ କୋମଳମତି ଶିଶୁ ମାନେ ଅବ୍ୟବସ୍ଥା ମଧ୍ୟରେ ଶିକ୍ଷା ଗ୍ରହଣ କରୁଛନ୍ତି। କେଉଁ କେନ୍ଦ୍ରରେ ନିଜସ୍ୱ ଗୃହ ନାହିଁ ତ କେଉଁ କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ନାହିଁ ଫଳରେ,ଭିତ୍ତିଭୂମି ଅଭାବରୁ ଶିଶୁ ମାନେ ସୌକ୍ଷିକ ଜ୍ଞାନ ଆହରଣ କରିପାରୁ ନାହାନ୍ତି। ଉଲ୍ଲେଖଯୋଗ୍ୟ,ଭାପୁର ବ୍ଲକରେ ୧୫୩ ଗୋଟି ଅଙ୍ଗନବାଡି କେନ୍ଦ୍ର ଚାଲିଛି। ଭାପୁର ବ୍ଲକର ୪ ଗୋଟି ସେକ୍ଟର ମଧ୍ୟରୁ ୧୧୪ ଗୋଟି କେନ୍ଦ୍ରରେ ନିଜସ୍ୱ ଗୃହ ରହିଛି ଆଉ ବାକି ୩୯ ଗୋଟି କେନ୍ଦ୍ର କୋଠଘର, ମନ୍ଦିର ବେଢା କି କାହା ବାରଣ୍ଡାରେ




ଶିକ୍ଷାଦାନ ଚାଲିଛି। ଯେଉଁ ଅଙ୍ଗନବାଡି କେନ୍ଦ୍ର ରେ ନିଜସ୍ୱ ଗୃହ ନାହିଁ ସେ କେନ୍ଦ୍ରରେ କର୍ମୀମାନେ ଶିକ୍ଷାଦାନ ପାଇଁ ବହୁ ସମସ୍ୟା ଭୋଗୁଛନ୍ତି। ଏହି ସମସ୍ତ କେନ୍ଦ୍ରରେ ୩୩୬୧ ଜଣ ଶିଶୁ ଶିକ୍ଷା ଗ୍ରହଣ କରୁଛନ୍ତି।ସେମାନଙ୍କ ମଧ୍ୟରେ ଝିଅଙ୍କ ସଂଖ୍ୟା ୧୫୬୧ ରହିଥିବା ବେଳେ ପୁଅଙ୍କ ସଂଖ୍ୟା ୧୮୦୦ ରହିଛି।ବଡସହରା ସେକ୍ଟରରେ ୪୧ ଟି କେନ୍ଦ୍ର ରହିଥିବା ବେଳେ ୧୦ ଟି କେନ୍ଦ୍ରରେ ନିଜସ୍ୱ ଗୃହ ନାହିଁ,ବାଘୁଆପଲ୍ଲୀ ସେକ୍ଟର ରେ ୩୫ ଟି କେନ୍ଦ୍ର ରହିଥିବାବେଳେ ୮ଟି କେନ୍ଦ୍ରରେ ନିଜସ୍ୱ ଗୃହ ନାହିଁ ,ପଦ୍ମାବତୀ ସେକ୍ଟର ରେ ୩୮ ଗୋଟି କେନ୍ଦ୍ର ରହିଥିବାବେଳେ ୧୩ ଗୋଟି କେନ୍ଦ୍ରରେ ନିଜସ୍ୱ ଗୃହ ନାହିଁ ଏବଂ ଭାପୁର ସେକ୍ଟରରେ ୩୯ ଗୋଟି କେନ୍ଦ୍ର ରହିଥିବାବେଳେ ୮ ଗୋଟି କେନ୍ଦ୍ରରେ ନିଜସ୍ୱ ଗୃହ ନାହିଁ। ବ୍ଲକର ୧୫୩ ଟି କେନ୍ଦ୍ର ମଧ୍ୟରୁ ୬୬ ଗୋଟି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ହୋଇଛି,୫୨ ଗୋଟି କେନ୍ଦ୍ରରେ ବାଉଣ୍ଡରୀ ୱାଲ ହୋଇଛି,୧୧୫ ଗୋଟି କେନ୍ଦ୍ରରେ ରୋଷେଇ ଘର ରହିଛି,୧୦୦ ଗୋଟି କେନ୍ଦ୍ରରେ ଶୌଚାଳୟ ବ୍ୟବସ୍ଥା ରହିଥିବା ଜଣାପଡିଛି କିନ୍ତୁ,ବାକି ଅନ୍ୟ ସବୁ କେନ୍ଦ୍ର ବହୁ ଅବ୍ୟବସ୍ଥା ମଧ୍ୟରେ ଚାଲିଥିବା ନେଇ ଅଭିଯୋଗ ହୋଇଛି । ଏହିଭଳି ବହୁ ଝଡଝଞ୍ଜା ଦେଇ ଗତି କରୁଥିବା ଭାପୁର ବ୍ଲକର ଅଙ୍ଗନବାଡି କେନ୍ଦ୍ର ଗୁଡିକର ସମସ୍ୟା ସମାଧାନ ନିମନ୍ତେ ଜନସାଧାରଣ ଦାବି କରିଛନ୍ତି।

# ଦୁଇ ବାଇକ ମୁହାଁମୁହିଁ ଧକ୍କା

ଭବାନୀପାଟଣା, ୬/୬ (ନି.ପ୍ର)- କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ଶ୍ରୀକୃଷ୍ଣ ନଗର ନିକଟସ୍ଥ ଜାତୀୟ ପଥ-୨୬ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବାରୁ ଅଞ୍ଚଳରେ ଚଞ୍ଚଳତା ସୃଷ୍ଟି ହୋଇଛି। ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବାଫଳରେ ଘଟଣାସ୍ଥଳରେ ଭୟାବହ ପରିସ୍ଥିତି ଉଦ୍ଭବ ହୋଇଥିଲା। ସୂଚନା ଅନୁସାରେ, ଓଡି-୦୮ ଆର-୮୬୮୫ ଏବଂ ଓଡି-୦୮ ଏକ୍ସ-୦୮୫୦ ନମ୍ବର ବିଶିଷ୍ଟ ଦୁଇଟି ବାଇକ ମଧ୍ୟରେ ଜୋରଦାର ଧକ୍କା ଘଟିଥିଲା। ଧକ୍କାର ପ୍ରଭାବ ଏତେ ଭୟଙ୍କର ଥିଲା ଯେ ଜଣେ ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଥିଲେ। ଗୁରୁତର ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ଭର୍ତ୍ତି କରାଯାଇଛି। ତାଙ୍କର ନାମ କାବେରୁ ରଣା, ସେ କଷାକେନ୍ଦୁ କୁମାର ପଡ଼ାର ବୋଲି ଜଣାପଡ଼ିଛି। ବର୍ତ୍ତମାନ ସେ ଗୁରୁତର ଅବସ୍ଥାରେ ରହିଥିବା ସହ ଜୀବନ ଓ ମୃତ୍ୟୁ ମଧ୍ୟରେ ସଂଘର୍ଷ କରୁଛନ୍ତି ବୋଲି ଡାକ୍ତରମାନେ ସୂଚନା ଦେଇଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ସହଯୋଗ କରି ଆହତଙ୍କୁ ହସ୍ପିଟାଲକୁ ପଠାଇଥିଲେ। ଏହି ଦୁର୍ଘଟଣା ଫଳରେ କିଛି ସମୟ ପର୍ଯ୍ୟନ୍ତ ଜାତୀୟ ପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏହି ଘଟଣା ପୁଣି ସଡ଼କ ସୁରକ୍ଷା ପ୍ରତି ଅବହେଳାର ଭୟାବହ ପରିଣାମକୁ ସାମ୍ନାକୁ ଆଣିଛି।

# ଡୋଳାମଣି ସାହୁ ପାଇଲେ ପ୍ରକୃତି ବନ୍ଧୁ ପୁରସ୍କାର

ଭବାନୀପାଟଣା, ୬/୬ (ନି.ପ୍ର)- କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମାଲଗାଁ ଗ୍ରାମପଞ୍ଚାୟତର କନ୍ଧ ବାନ୍ଦୋପଲା ନିବାସୀ ଡୋଳାମଣି ସାହୁ ପାଇଲେ ପ୍ରକୃତି ବନ୍ଧୁ ପୁରସ୍କାର ୨୦୨୬ । ସେ ଏକାଧାରରେ ଜଣେ ଶିକ୍ଷକ, ସମାଜ ସେବୀ ଓ ପରୋପକାରୀ ବନ୍ଧୁ ଅଟନ୍ତି। ଦୀର୍ଘ ଦିନ ରୁ ସେ ପରିବେଶ ସୁରକ୍ଷା ପାଇଁ ସ୍ଥାନୀୟ ଯୁବକ ସଂଘ,ବନ ସୁରକ୍ଷା ସମିତି, ମହିଳା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଂକୁ ନେଇ ପରିବେଶ ସୁରକ୍ଷା, ବୃକ୍ଷ ରୋପଣ, ବନ୍ୟ ପ୍ରାଣୀ ସୁରକ୍ଷା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜନ କରି ଜନ ମାନସରେ ସୁଖ୍ୟାତି ଅର୍ଜନ କରିଛନ୍ତି । ବର୍ତ୍ତମାନ କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଗୁଣପୁର ବିଦ୍ୟାଳୟ ରେ କାର୍ଯ୍ୟରତ । ଶିକ୍ଷଦାନକୁ ପେସା ଓ ପରିବେଶ ସୁରକ୍ଷା କୁ ନିଶା ବୋଲି ଚିନ୍ତାକରି ବଣ ପାହାଡ଼ ଘେରା ଥୁଆମୂଳ ରାମପୁର ବ୍ଲକର ବିଭିନ୍ନ ଗ୍ରାମରେ ଜନ ସଚେତନତା ସଭା, ପଥ ପ୍ରାନ୍ତ ନାଟକ ଓ ଲିଫ୍ ଲେଟ ବଣ୍ଟନ କାର୍ଯ୍ୟକ୍ରମ ମାନ ଆୟୋଜନ କରି ବର୍ଷ ତମାମ ଜନ ସାଧାରଣଙ୍କୁ ସଚେତନ ବାର୍ତ୍ତା ଦେବା ଜାରି ରଖିଥାନ୍ତି ।

# ଜିଲ୍ଲାପାଳଙ୍କ ହସ୍ତକ୍ଷେପରେ କୁମ୍ଭିକୋଟାର ପାନୀୟ ଜଳ ସମସ୍ୟାର ସମାଧାନ

ରାୟଗଡ଼,୬।୬ (ନିପ୍ର): ରାୟଗଡ଼ ସଦର ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମରେ ଦେଖାଦେଇଥିବା ପାନୀୟ ଜଳ ସମସ୍ୟାର ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ୱରିତ୍ ସମାଧାନ କରାଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନରେ ପ୍ରଶାସନିକ ଅଧିକାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସମସ୍ୟାର ସମାଧାନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ଗ୍ରହଣ କରିଥିଲେ। ଉପଜିଲ୍ଲାପାଳ ରମେଶ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଆରଡବ୍ଲୁଏସଏସ ଏସ.ଡି.ଓ ମନୋଜ ନାୟକ, ରାୟଗଡ଼ା ବ୍ଲକର ଏ.ବିଡିଓ କାଳୁଚରଣ ନାୟକ, ଆରଡବ୍ଲୁଏସଏସ ଜେ.ଇ ଅଜିତ ମିଶ୍ର ଏବଂ ଏ.ଇ ସୁଶ୍ରୀ ଦୀପ୍ତି ସକ୍ରିୟ ଭାବେ ଘଟଣାସ୍ଥଳରେ ଉପସ୍ଥିତ ରହି ପାନୀୟ ଜଳ ସମସ୍ୟାର ତ୍ୱରିତ ସମାଧାନ ପାଇଁ କାର୍ଯ୍ୟ କରିଥିଲେ। ପାନୀୟ ଜଳ ଯୋଗାଣକୁ ତୁରନ୍ତ ସ୍ୱାଭାବିକ କରିବା ପାଇଁ ଜଳ ଟ୍ୟାଙ୍କର ନିୟୋଜିତ କରାଯିବା ସହ ଡିଜି ସେଟ୍ ମାଧ୍ୟମରେ ଜଳ ଉତ୍ତୋଳନ ବ୍ୟବସ୍ଥା କରାଯାଇଥିଲା। ସେହିପରି ଜଳ ଉତ୍ସର ଆବଶ୍ୟକ ମରାମତି ଓ ସଫେଇ କାର୍ଯ୍ୟ ପାଇଁ ଜେସିବି ନିୟୋଜିତ କରାଯାଇଥିବା ବେଳେ ଦୀର୍ଘମିଆଦୀ ଜଳ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବୋରୱେଲ ଖନନ ଯାନ ମଧ୍ୟ ନିୟୋଜିତ କରାଯାଇଥିଲା। ଫଳରେ ଗ୍ରାମରେ ପାନୀୟ ଜଳ ଯୋଗାଣ ସ୍ୱାଭାବିକ ହୋଇଥିଲା ଏବଂ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ହୋଇପାରିଥିଲା। ପ୍ରଶାସନର ଏହି ତ୍ୱରିତ ଓ ଫଳପ୍ରଦ ପଦକ୍ଷେପକୁ ଗ୍ରାମବାସୀ ସ୍ୱାଗତ କରିବା ସହ ଜିଲ୍ଲା ପ୍ରଶାସନ ପ୍ରତି କୃତଜ୍ଞତା ଜଣାଇଥିଲେ। ସମସ୍ୟାର ସମାଧାନ ପରେ ପରିସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଥିଲା



# ପୋଲିଓ ନିରାକରଣ ସହ ଡେଙ୍ଗୁ,ମ୍ୟାଲେରିଆ ଓ ଫାଇଲେରିଆ ନିରାକରଣ ସଚେତନତା

କଟକ,୬।୬ (ନିପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସେବା ସମିତି ପକ୍ଷରୁ ପୋଲିଓ ନିରାକରଣ, ଡେଙ୍ଗୁ,ମ୍ୟାଲେରିଆ ଓ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସଦଭାବନା ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ଜିଲ୍ଲାସ୍ତରରେ ଲୋକମାନଙ୍କୁ ସଚେତନତା କରିବା ଉକ୍ତ ବୈଠକର ମୁଖ୍ୟ ଉଦ୍ଦେଶ୍ୟ । ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଜିଲ୍ଲା ସ୍ତରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଗୋଟେ ଦିନ ଡ୍ରାଏ ଡେ ପାଳନ କରିବା ଅର୍ଥାତ ପାଣି ଜମିଥିବା ସ୍ଥାନଗୁଡିକୁ ଶୁଖିଲା ରଖିବା , ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ପରିଷ୍କାର ପାରିଚ୍ଛନତା ରକ୍ଷା କରିବା, ଜ୍ୱର ହେବା ମାତ୍ରେ ଖୁବ ଶୀଘ୍ର ରକ୍ତ ପରୀକ୍ଷା କରି ଔଷଧ ସେବନ କରିବା, ମଶାରି ଟାଙ୍ଗି ଶୋଇବା,ଗାଁ କଲ୍ୟାଣ ସମିତି ଓ ପଂଚାୟତରାଜ ସଦସ୍ୟମାନଙ୍କୁ ନେଇ ସଚେତନତା ସଭା ଆଦି ଅୟୋଜନ କରିବା, ଡେଙ୍ଗୁ ପ୍ରବଣ ସ୍ଥାନରେ ନୋଟିସ ଲଗାଇ ପରିବେଶକୁ ସଫା କରିବା ଇତ୍ୟାଦି ଉପରେ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ଅୟୋଜନ ପୂର୍ବକ ଜୁନ ମାସ ୨୮ ତାରିଖରେ ଜନ୍ମରୁ ୫ବର୍ଷ ବୟସର ସମସ୍ତ ପିଲାଙ୍କୁ ପୋଲିଓ ନିରାକରଣ ନିମନ୍ତେ ପୋଲିଓ ଦେବା,(ପ୍ରଥମ ଦିନ ୨୮ତାରିଖ ରବିବାରରେ ବୁଥରେ) ଏବଂ ୨୯ ଓ ୩୦ ତାରିଖରେ ଘର ଘର ବୁଲି ପଲସ ପୋଲିଓ କାର୍ଯ୍ୟ କରାଯିବ । ଜୁନ ୧୬ରୁ ଜୁଲାଇ ୩୧ତାରିଖ ମଧ୍ୟରେ ୨ ମାସରୁ ୫ବର୍ଷର ପିଲାମାନଙ୍କୁ ଡାଇରିଆରୁ ରକ୍ଷା ପାଇବା ପାଇଁ ଓଆରଏସ ଏବଂ ଜିଙ୍କ ବଟିକା ଦିଆଯିବ। ଏହି କାର୍ଯ୍ୟକ୍ରମ ଘରେ ଘରେ ଓ ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ କରାଯିବା ନେଇ ବୈଠକରେ ଆଲୋଚନା କରଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ଓ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ସଂପର୍କରେ ସୂଚନା ପ୍ରଦାନ କରଯାଇଥିଲା। ସୂଚନା ଅନୁଯାୟୀ ଗତ ବର୍ଷ ଡେଙ୍ଗୁରେ ୧୬୩ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଚଳିତ ବର୍ଷ ଏପର୍ଯ୍ୟନ୍ତ ମାତ୍ର ୧୬ ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଗତ ବର୍ଷ ମ୍ୟାଲେରିଆରେ ୨୪୮ଜଣ ଆକ୍ରାନ୍ତ ହୋଇଥିବା ବେଳେ ଚଳିତ ବର୍ଷ ଏପର୍ଯ୍ୟନ୍ତ ମାତ୍ର ୩୪ଜଣ ଆକ୍ରାନ୍ତ ହୋଇଛନ୍ତି।

# ଜଳକଷ୍ଟ ଦୂର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି ଜଳ ଯୋଗାଣ ବିଭାଗ

ଡାବୁଗାଁ ,୬।୬ (ନିପ୍ର); ଡାବୁଗାଁ ଅଂଚଳରେ ବର୍ତ୍ତମାନ ଦିନରେ ତାପମାତ୍ରା ୪୦/୪୫ ଡିଗ୍ରୀ ରହୁଥିବା ବେଳେ ମଧ୍ୟ ଲୋକଙ୍କ ଜଳକଷ୍ଟ ଦୂର କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ପାନୀୟ ଜଳ ଯୋଗାଣ ବିଭାଗର କାର୍ଯ୍ୟରତ କର୍ମଚାରୀମାନେ। ଏମାନଙ୍କ କାର୍ଯ୍ୟ ପ୍ରକୃତରେ ପ୍ରଶଂସନୀୟ କାରଣ ଖରା ବର୍ଷା ଶୀତରେ ନିରନ୍ତର ସେବା ଯୋଗାଇ ଲୋକଙ୍କ ପାନୀୟ ଜଳ କଷ୍ଟ ଦୂର କରିବା ପାଇଁ ସବୁବେଳେ ତତ୍ପର ରୁହନ୍ତି। ସ୍ୱଳ୍ପ ବେତନରେ ମଧ୍ୟ ନିଜର କାର୍ଯ୍ୟ ସୁଚାରୁରୂପେ କରି ଲୋକଙ୍କୁ ଜଳ ସଙ୍କଟରୁ ଦୁରେଇ ରଖିବା ପାଇଁ ସବୁ ସମୟରେ ପ୍ରୟାସ ଜାରି ରଖି ଜଳ ଜଗାଉଛନ୍ତି ଆମ ଅଂଚଳର ଗାଁ ଗହଳିରେ। ଏମାନଙ୍କ ପ୍ରତି ସରକାର ଦୃଷ୍ଟି ଦେଇ ଯଦି ଆଗାମୀ



ଦିନରେ ତାଙ୍କ ପରିଶ୍ରମର ଉଚିତ ମୂଲ୍ୟ ଦେବା ସହ ସ୍ଥାୟୀ ନିଯୁକ୍ତିର ବ୍ୟବସ୍ଥା କରିଥାନ୍ତା ତାହା ହେଲେ ଭଲ ହୋଇ ଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ରାସ୍ତା କଡରେ ଫୋପଡ଼ା ହେଉଛି ବର୍ଜ୍ୟବସ୍ତୁ

ଭାପୁର,୬।୬ (ନିପ୍ର):ବ୍ଲକର ପ୍ରତି ପଞ୍ଚାୟତରେ ବର୍ଜ୍ୟବସ୍ତୁକୁ ନଷ୍ଟ କରିବା ପାଇଁ ବିଜେଡି ସରକାର ସମୟରେ ଲକ୍ଷାଧିକ ଟଙ୍କା ଅନୁଦାନ ହୋଇ ବର୍ଜ୍ୟବସ୍ତୁ ଗୃହ ପ୍ରତି ପଂଚାୟତରେ ନିର୍ମାଣ ହୋଇଥିଲା ଏବଂ ଗ୍ରାମାଞ୍ଚଳରୁ ବର୍ଜ୍ୟବସ୍ତୁ ଆଣିବା ପାଇଁ ସ୍ୱତନ୍ତ୍ର ଗାଡି ପ୍ରଦାନ କରାଯାଇଥିଲା। ଏହି ବର୍ଜ୍ୟବସ୍ତୁକୁ ନଷ୍ଟ କରିବା ସରକାରଙ୍କ ଆଭିମୁଖ୍ୟ ରହିଥିଲା।ଏହି ପରିପ୍ରେକ୍ଷୀରେ ଭାପୁର ବ୍ଲକର ୨୦ ଗୋଟି ପଞ୍ଚାୟତରେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଥିଲା ଏବଂ ପଞ୍ଚାୟତ ଜନପ୍ରତିନିଧି ମାନେ ଏହାର ସୁପରିଚାଳନା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ନୟାଗଡ଼ ଜିଲ୍ଲା ବାଇଗୁଣିଆ ପଞ୍ଚାୟତରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ପଞ୍ଚାୟତର ବର୍ଜ୍ୟବସ୍ତୁ ଗାଡି ଟି ୱାର୍ଡମାନଙ୍କରୁ ବର୍ଜ୍ୟବସ୍ତୁ ଆଣି ବଜାର ଜନଗହଳି ନିକଟ ରାସ୍ତା କଡରେ ବର୍ଜ୍ୟବସ୍ତୁକୁ ଫୋପାଡୁଥିବା ଦେଖାଯାଇଥିଲା। ଏହି ଘଟଣାକୁ କେତେକ ସମାଜସେବୀ ଦେଖି ବିରୋଧ କରିବାରୁ ସେ ଅଳିଆକୁ ଗାଡି ଡ୍ରାଇଭର ପୁଣିଥରେ ନିଜ ହାତରେ ତୋଳି ଅନ୍ୟ ଆଡେ ଫୋପାଡ଼ି ଥିଲା।ବିଜେପି ସରକାର ସ୍ୱଚ୍ଛତା ପାଇଁ ଡିଣ୍ଡିମ ପିଟୁଥିବା ବେଳେ ତାଙ୍କର ଜନପ୍ରତିନିଧିମାନଙ୍କ ଆଦେଶରେ ଗାଁ ଗହଳି ମାନଙ୍କରେ ହେଉଥିବା ଏହିଭଳି ହୀନକାର୍ଯ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଦିଲ୍ଲୀରେ ୫ ଘଣ୍ଟା ଗର୍ଜିଲା 'କକ୍ରୋଚ ଜନତା ପାର୍ଟି'

## ଶିକ୍ଷାମନ୍ତ୍ରୀଙ୍କୁ ଚେତାବନୀ, ଇସ୍ତଫା ନଦେଲେ ବିକ୍ଷୋଭ



ନୂଆଦିଲ୍ଲୀ,୬।୬ : ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ କକ୍ରୋଚ ଜନତା ପାର୍ଟି (ସିଜେପି) ଆହ୍ୱାନରେ ବହୁସଂଖ୍ୟକ ଛାତ୍ରଛାତ୍ରୀ ଓ ଚାକିରି ଆଶାୟୀ ଯୁବକଯୁବତୀ ଓ ସେମାନଙ୍କ ଅଭିଭାବକ ଶନିବାର ଦିଲ୍ଲୀର ଯନ୍ତରମନ୍ତରଠାରେ ୫ ଘଣ୍ଟା ଧରି ପ୍ରଦର୍ଶନ କରିଥିଲେ। ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଦାବି କରିଥିଲେ ଯେ, ଶିକ୍ଷାମନ୍ତ୍ରୀ ପ୍ରଧାନ ପାଞ୍ଚ ଦିନ ମଧ୍ୟରେ ଇସ୍ତଫା ଦିଅନ୍ତୁ, ନଚେତ୍ ସେମାନେ ଆସନ୍ତା ଶନିବାରରେ ଯନ୍ତର ମନ୍ତରଠାରେ ପୁଣି ଥରେ ପ୍ରତିବାଦ କରିବେ। ଯନ୍ତର ମନ୍ତରଠାରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପ୍ରତିବାଦ କରିବାକୁ ସିଜେପି ଅନୁମତି ପାଇଥିଲା। ତେବେ ଅଭିଜିତ୍ ଓ ସୋନମ୍ ୱାଙ୍ଗଚୁକ୍ ଅପରାହ୍ଣ ପ୍ରାୟ ୩ଟାରେ ପ୍ରତିବାଦ ସ୍ଥଳ ଛାଡ଼ି ଚାଲିଯାଇଥିଲେ। ଏହା ପରେ ପ୍ରତିବାଦ ଶେଷ ହୋଇଯାଇଥିଲା। ଅଭିଜିତ ଶନିବାର ସକାଳେ ଆମେରିକାରୁ ନୂଆଦିଲ୍ଲୀ ଫେରିଥିଲେ। ବିମାନବନ୍ଦରରୁ ସେ ସିଧାସଳଖ ଯନ୍ତରମନ୍ତର ଯାଇଥିଲେ। ଅଭିଜିତ ଆମ୍ବେଦକରଙ୍କ ଆତ୍ମଜୀବନୀ ଓ ସମ୍ବିଧାନର କପି ହାତରେ ଧରି ପହଞ୍ଚି ଥିଲେ। ସାମାଜିକ କର୍ମକର୍ତ୍ତା ସୋନମ ୱାଙ୍ଗଚୁକ୍ ମଧ କକ୍ରୋଚ ଜନତା ପାର୍ଟିର ପ୍ରଦର୍ଶନରେ ସାମିଲ ହୋଇଥିଲେ। ସିଜେପିର ପ୍ରବକ୍ତା ଆଶୁତୋଷ ରାଙ୍କା ମଧ ସାମିଲ ଥିଲେ। ଆଶୁତୋଷ ଆଇଆଇଟି କାନପୁରରୁ ପାଠ ପଢ଼ିଛନ୍ତି। ସେ ଗତବର୍ଷ ଲଣ୍ଡନରୁ ଭାରତ ଫେରିଥିଲେ। ସିଜେପିର ପ୍ରଦର୍ଶନକୁ ଲକ୍ଷ୍ୟ କରି ବିମାନବନ୍ଦର, ରେଲୱେ ଷ୍ଟେସନ, ବସ୍‌ଷ୍ଟେସନ୍ ଓ ଦିଲ୍ଲୀର ସୀମାରେ ସୁରକ୍ଷା ବୃଦ୍ଧି କରାଯାଇଥିଲା। ୧୦୦୦ରୁ ଅଧିକ ପୁଲିସ ଓ ଅର୍ଦ୍ଧସାମରିକ ବାହିନୀ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ଥିଲେ। ବଜାର ଓ ସମ୍ବେଦନଶୀଳ ସ୍ଥାନରେ ଆଇନ କାନୁନ ବ୍ୟବସ୍ଥା ବଜାୟ ରଖିବାକୁ କୁହାଯାଇଥିଲା। ସକାଳ ୭ଟା ୪୫ରେ ଅଭିଜିତ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚି ଥିଲେ। ୧୦ଟା ୩୦ରେ ଯନ୍ତରମନ୍ତରରେ ପହଞ୍ଚି ଥିଲେ। ମଧ୍ୟାହ୍ନ ୧୨ଟାରେ ଅଭିଜିତ ମଞ୍ଚରେ ପହଞ୍ଚି ଭାଷଣ ଦେଇଥିଲେ। ହଜାରରୁ ଅଧିକ ପ୍ରଦର୍ଶନକାରୀ ଆନ୍ଦୋଳନରେ ସାମିଲ ହୋଇଥିବା ସିଜେପି ଦାବି କରିଛି। ଅଭିଜିତ ଆଜି ଭାରତରେ ପହଞ୍ଚିବା ପରେ ଚାରିଟି ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ। ଅଭିଜିତ କହିଥିଲେ, ଯେତେବେଳେ ବିମାନ ଦିଲ୍ଲୀରେ ପହଞ୍ଚିବାର ଥିଲା ସେତେବେଳେ ଏପରି ଅନୁଭବ ହେଲା ଯେ, ମୋର ସ୍ୱାଧୀନତା ଶେଷ ହେବାକୁ ଯାଉଛି। ଜେଲ ଯିବା ଭୟରେ ବହୁ ଲୋକ ବୁଝାମଣା କରିନିଅନ୍ତି କିମ୍ବା ବିକ୍ରି ହୋଇଯାଆନ୍ତି। କିନ୍ତୁ ଏହି ଦେଶର ଛାତ୍ର ଓ ଯୁବ ବିକ୍ରି ହୋଇନାହାନ୍ତି। ମୁଁ ଭାରତ ଫେରୁଥିବା ଯୋଗୁ ମୋ ମା' କାନ୍ଦୁଥିଲେ। ତାଙ୍କୁ ଡର ଥିଲା ଯେ, ମୋତେ ଗିରଫ କରାଯିବ। ସରକାରଙ୍କ ବ୍ୟବସ୍ଥା ଉପରେ ଯାହାର ପୁଅ ପ୍ରଶ୍ନ ଉଠାଉଥିବ ସେ ସମସ୍ତଙ୍କ ମା'ଙ୍କୁ ଭୟ ଲାଗିବା ସ୍ୱାଭାବିକ। ସରକାର ବର୍ଷ ବର୍ଷ ଧରି ହିନ୍ଦୁ ମୁସଲମାନ ରାଜନୀତିରେ ଆମକୁ ଫସେଇ ରଖିଛନ୍ତି। ହିନ୍ଦୁ ଓ ମୁସଲମାନ କରିବା ଦ୍ୱାରା କାହାକୁ ବି ଚାକିରି ମିଳିବ ନାହିଁ ବୋଲି ଅଭିଜିତ କହିଥିଲେ।

## ପିକ୍‌ଅପ୍-ଟ୍ରକ ମୁହାଁମୁହିଁ ଧକ୍କା, ୯ ମୃତ, ୧୫ ଗୁରୁତର



ପଞ୍ଜାବ,୬।୬ : ପଞ୍ଜାବ ଫିରୋଜପୁର ଫାଜିଲ୍କା ରୋଡରେ ଟ୍ରକ ଏବଂ ପିକଅପ୍ ଧକ୍କା ହେବା ଯୋଗୁଁ ୯ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ରୁ ଅଧିକ ଆହତ ହୋଇଛନ୍ତି । ଆହତଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେଣୁ ଆଗକୁ ମୃତକଙ୍କ ସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି। ଖବର ମୁତାବକ, ଫିରୋଜପୁର ଫାଜିଲ୍କା ରୋଡରେ ଜଙ୍ଗାବାଲା ଗାଁ ନିକଟରେ ଏକ ଟ୍ରକ ଏବଂ ମହିନ୍ଦ୍ର ପିକଅପ୍ ଜିପ୍ ମଧ୍ୟରେ ଜୋରଦାର ଧକ୍କା ହୋଇଥିଲା । ଦୁର୍ଘଟଣାରେ ଜିପରେ ଥିବା ୪ ଜଣଙ୍କର ଘଟଣା ସ୍ଥଳରେ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୪ ଜଣ ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ସେଠାରେ ଅନ୍ୟ ୪ ଜଣଙ୍କ ଜୀବନ ଚାଲିଯାଇଛି । ତେବେ ଜିପରେ ମୋଟ୍ ୨୫ ଜଣ ରହିଥିଲେ ବୋଲି ଜଣାପଡିଛି । ଜିପରେ କ୍ଷମତା ଠାରୁ ଅଧିକ ଲୋକ ରହିଥିଲେ। ସମସ୍ତ ମୃତକ ସଂପର୍କୀୟ ବୋଲି ଜଣାପଡିଛି । ଦୁର୍ଘଟଣାର ଶିକାର ହୋଇଥିବା ଲୋକ ଜଲାଲାବାଦରୁ କୌଣସି ସଂପର୍କୀୟଙ୍କ ଘରକୁ ଯାଉଥିଲେ । ଆହତ ସମସ୍ତଙ୍କୁ ଫିରୋଜପୁର ସିଭିଲ ହସପିଟାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି । ଗୁରୁତର ଆହତଙ୍କୁ ଗୁରୁ ଗୋବିନ୍ଦ ସିଂହ ମେଡିକାଲ କଲେଜକୁ ରେଫର କରାଯାଇଛି ।

## ପଶ୍ଚିମବଙ୍ଗରେ ବିପୁଳ ଅବୈଧ ଅସ୍ତ୍ରଶସ୍ତ୍ର ଜବତ କଲା ଏସ୍‌ଟିଏଫ

କୋଲକାତା,୬।୬: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଶନିବାର ରାଜ୍ୟରେ ଅବୈଧ ଅସ୍ତ୍ରଶସ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ନେଟୱର୍କକୁ ସଫଳତାର ସହିତ ଧରିବା ପାଇଁ ରାଜ୍ୟ ପୁଲିସକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, କଳା ଦିନ ଶେଷ ହୋଇଛି। ରାଜ୍ୟରେ ଶାନ୍ତି ଓ ଗଣତନ୍ତ୍ରର ଜୟ ହେବ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ କହିଥିଲେ। ସ୍ୱତନ୍ତ୍ର ଟାସ୍କଫୋର୍ସ (ଏସ୍‌ଟିଏଫ୍) ଗୁଇନ୍ଦା ତଥ୍ୟ ଆଧାରରେ କୁମ୍ରାଖାଲି, ବାସନ୍ତୀ ଓ ସନ୍ଦେଶଖାଲିରେ ସିରିଜ ଚଢାଉ କରି ବିପୁଳ ପରିମାଣର ବନ୍ଧୁକ ଓ ଗୁଳିଗୋଳା ଉଦ୍ଧାର କରିଥିଲା। ଅଧିକାରୀ 'ଏକ୍ସ'ରେ ସୂଚନା ଦେଇଛନ୍ତି ଯେ, ଶାନ୍ତି ଭଙ୍ଗ କରିବା ପାଇଁ ଲୁଚାଇ ରଖାଯାଇଥିବା ବିପୁଳ ପରିମାଣର ବେଆଇନ ବନ୍ଧୁକ ଓ ଗୁଳି ଜବତ ହୋଇଛି। ପଶ୍ଚିମବଙ୍ଗ ପୁଲିସର ପ୍ରଶଂସା କରି ଅଧିକାରୀ କହିଛନ୍ତି ଯେ, ଗୁଇନ୍ଦା ତଥ୍ୟ ଆଧାରରେ ଏସ୍‌ଟିଏଫ୍ କୁମ୍ରାଖାଲିର ସରବେରିଆ ବଜାର, ବାସନ୍ତୀ ଓ ସନ୍ଦେଶଖାଲି ଅଞ୍ଚଳରେ ବ୍ୟାପକ ଚଢ଼ଉ କରିଥିଲା। ପୂର୍ବ ସରକାରଙ୍କ ଶାସନ ସମୟରେ ବର୍ଷ ବର୍ଷ ଧରି ଏପରି ଅବୈଧ ଅସ୍ତ୍ରଶସ୍ତ୍ର ଗଚ୍ଛିତ କରାଯାଇଥିଲା ଓ ସାଧାରଣ ନାଗରିକଙ୍କୁ ଆତଙ୍କିତ କରିବା ପାଇଁ ବ୍ୟବହାର କରାଯାଇଥିଲା। ହିଂସାର ଏହି ସଂସ୍କୃତି ଅନେକ ବିରୋଧୀ ଦଳର କର୍ମୀ ବିଶେଷକରି ବିଜେପି କାର୍ଯ୍ୟକର୍ତ୍ତାଙ୍କ ମୂଲ୍ୟବାନ ଜୀବନ ନେଇଥିଲା।

## ଟିଭିକେରେ ମିଶିଲେ ଏଆଇଏଡିଏମକେର ଚାରି ପୂର୍ବତନ ମନ୍ତ୍ରୀ



ତାମିଲନାଡୁ,୬।୬: ଏଆଇଏଡିଏମ୍‌କେକୁ ଶନିବାର ପୁଣି ଥରେ ବଡ଼ଧରଣର ଝଟ୍‌କା ମିଳିଛି। ଏଆଇଏଡିଏମ୍‌କେର ଆଭ୍ୟନ୍ତରୀଣ ବିବାଦର ଫଳସ୍ୱରୂପ ଦଳର ଚାରି ଜଣ ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବିଧାୟକ ଟିଭିକେରେ ଯୋଗ ଦେଇଛନ୍ତି । ଶନିବାର ସେମାନେ ଚେନ୍ନାଇସ୍ଥିତ ଟିଭିକେ ମୁଖ୍ୟାଳୟକୁ ଯାଇ ଦଳରେ ଯୋଗ ଦେଇଥିଲେ। ଟିଭିକେରେ ଯୋଗ ଦେଇଥିବା ଏଆଇଏଡିଏମ୍‌କେ ନେତାମାନେ ହେଲେ ଉଦୁମଲାଇ କେ ରାଧାକ୍ରିଷ୍ଣନ୍, ଏମସି ସମ୍ପଥ, କଦମବୁର ସି ରାଜୁ ଓ ଏନ୍‌ଆର୍ ଶିବାପଥୀ। ଟିଭିକେ ସାଧାରଣ ସମ୍ପାଦକ ଆନନ୍ଦ ଓ ନିର୍ବାଚନ ପ୍ରଚାର ପରିଚାଳନା ପାଇଁ ସାଧାରଣ ସମ୍ପାଦକ ଅଧବ ଅର୍ଜୁନଙ୍କ ସମ୍ମୁଖରେ ସମସ୍ତେ ଶାସକ ଦଳରେ ଯୋଗ ଦେଇଥିଲେ। ତାମିଲନାଡୁରେ ଏପ୍ରିଲ ୨୩ରେ ଅନୁଷ୍ଠିତ ନିର୍ବାଚନ ପରେ ଏଆଇଏଡିଏମକେକୁ ବଡ଼ଧରଣର ଝଟ୍‌କା ଲାଗିଛି। ପ୍ରଥମେ ଏଆଇଏଡିଏମ୍‌କେର ବିଦ୍ରୋହୀ ଗୋଷ୍ଠୀର ୨୫ ବିଧାୟକ ଦଳୀୟ ହ୍ୱିପ୍‌କୁ ନ ମାନି ଆସ୍ଥା ଭୋଟରେ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କୁ ସମର୍ଥନ କରିଥିଲେ।

## ଆମକୁ ନିଜର ସ୍ୱାର୍ଥ ପାଇଁ ବ୍ୟବହାର କରୁଛି ଇରାନ: ଲେବାନନ ରାଷ୍ଟ୍ରପତି

ବେରୁଟ,୬।୬: ଲେବାନନ ରାଷ୍ଟ୍ରପତି ଜୋସେଫ୍ ଆଉନ୍ ଇରାନ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ, ଆମେରିକା ଏବଂ ଇସ୍ରାଏଲ ସହିତ ଚାଲିଥିବା ବିବାଦରେ ଲେବାନନକୁ ଇରାନ ନିଜ ସ୍ୱାର୍ଥ ପାଇଁ ଏକ ମୋହରା ଭାବରେ ବ୍ୟବହାର କରୁଛି। ଏକ ସାକ୍ଷାତକାରରେ, ଆଉନ୍ କହିଛନ୍ତି, ଲେବାନନ ଲୋକମାନେ ଯୁଦ୍ଧ ଯୋଗୁଁ ହଇରାଣ ହେବାରେ ଲାଗିଛନ୍ତି। ସେମାନେ ଏବେ ଶାନ୍ତି ଚାହୁଁଛନ୍ତି। ଲେବାନନ୍ ଲୋକମାନେ ସମ୍ମାନ ଏବଂ ସୁରକ୍ଷାର ଜୀବନ ବଞ୍ଚିବା ପାଇଁ ଯୋଗ୍ୟ। ସେମାନେ ପ୍ରତି କିଛି ବର୍ଷ ଅନ୍ତରରେ ସେମାନଙ୍କର ଘର ନଷ୍ଟ ହେଉ ବୋଲି ଚାହାଁନ୍ତି ନାହିଁ। ୧୯୮୦ ଦଶକରେ ଇରାନ ସମର୍ଥନରେ ଗଠିତ ହିଜବୋଲ୍ଲା ଇସ୍ରାଏଲ ବିରୋଧରେ ଅନେକ ଯୁଦ୍ଧ କରିଛି। ଚଳିତ ବର୍ଷ, ଆୟାତୋଲ୍ଲା ଅଲି ଖେମିନିଙ୍କ ମୃତ୍ୟୁ ପରେ, ହିଜବୁଲ୍ଲା ଇସ୍ରାଏଲ ଉପରେ ରକେଟ ମାଡ଼ କରିଥିଲା। ପରବର୍ତ୍ତୀ ସମୟରେ ଇସ୍ରାଏଲ ଲେବାନନରେ ବଡ଼ ଧରଣର ଆକ୍ରମଣ ଆରମ୍ଭ କରିଥିଲା। ଏହି ଆକ୍ରମଣରେ ୩,୫୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି।

## ରାଜ୍ୟ ଅର୍ଥ ଆୟୋଗଙ୍କ ପାଇଁ ଡାଟାସେଟ୍
# ସ୍ୱତନ୍ତ୍ର କମିଟିର ରିପୋର୍ଟ ୮ରେ

ନୂଆଦିଲ୍ଲୀ,୬।୬: କେନ୍ଦ୍ର ସରକାର ସ୍ଥାନୀୟ ସ୍ୱାୟତ୍ତ ଶାସନ ଏବଂ ଆର୍ଥିକ ବିକେନ୍ଦ୍ରୀକରଣକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଯାଉଛନ୍ତି । ରାଜ୍ୟ ଅର୍ଥ ଆୟୋଗଙ୍କ ପାଇଁ ଆବଶ୍ୟକ ଡାଟାସେଟ ଉପରେ ଗଠିତ ସ୍ୱତନ୍ତ୍ର କମିଟିର ରିପୋର୍ଟ ଆଗାମୀ ଜୁନ୍ ୮ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଜାରି କରାଯିବ । ଏହି ରିପୋର୍ଟର ଉଦ୍ଦେଶ୍ୟ ହେଉଛି ରାଜ୍ୟ ଅର୍ଥ ଆୟୋଗମାନଙ୍କୁ ଅଧିକ ପ୍ରଭାବଶାଳୀ, ସଠିକ୍ ଏବଂ ତଥ୍ୟ ପରିଚାଳିତ ସୁପାରିସ ପ୍ରସ୍ତୁତ କରିବାରେ ସାହାଯ୍ୟ କରିବା । ପଞ୍ଚାୟତିରାଜ ମନ୍ତ୍ରଣାଳୟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ଭି. ଅନନ୍ତ ନାଗେଶ୍ୱରନଙ୍କ ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ପ୍ରକାଶ ପାଇବ । ବିବେକ ଭରଦ୍ୱାଜ, ସଚିବ, ଏମ୍. ଓ. ଏଫ୍. ପି. ଆଇ., ଡକ୍ଟର ମନୀଷ ଗୁପ୍ତା, ଆସୋସିଏଟ୍ ପ୍ରଫେସର, ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାନ୍ସ ଆଣ୍ଡ ପଲିସି (ଏନ୍. ଆଇ. ପି. ଏଫ୍. ପି.) ଙ୍କ ସହିତ ଅନେକ ବରିଷ୍ଠ ଅଧିକାରୀ, ନୀତି ବିଶେଷଜ୍ଞ, ସାମ୍ବିଧାନିକ ସଂସ୍ଥାର ପ୍ରତିନିଧି ଏବଂ ଅର୍ଥନୈତିକ ଗବେଷକମାନେ ମଧ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।ଏହି ଅବସରରେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଡକ୍ଟର ନାଗେଶ୍ୱରନ ଦୃଢ଼ ସ୍ଥାନୀୟ ସ୍ୱାୟତ ଶାସନ, ସମାବେଶୀ ଅଭିବୃଦ୍ଧି ଏବଂ ପ୍ରମାଣ ଆଧାରିତ ଆର୍ଥିକ ପ୍ରଶାସନର ଆବଶ୍ୟକତା ଉପରେ ନିଜର ମତ ରଖିବେ । ନୀତି ନିର୍ଦ୍ଧାରଣରେ ବିଶ୍ୱସନୀୟ ତଥ୍ୟର ଭୂମିକା ଏବଂ ତଥ୍ୟ ପରିଚାଳିତ ନିଷ୍ପତି ନେବାର ଗୁରୁତ୍ୱ ଉପରେ ମଧ ସେମାନେ ଗୁରୁତ୍ୱ ଦେବେ ।

## ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅର୍ଥନୈତିକ ପରାମର୍ଶଦାତା ପରିଷଦ ବୈଠକ



ନୂଆଦିଲ୍ଲୀ,୬।୬: ଚତୁର୍ଥ ତ୍ରୈମାସିକରେ ଭାରତର ଅର୍ଥନୀତି ଆଶାଠାରୁ ଅଧିକ ଦ୍ରୁତ ଗତିରେ ଅଭିବୃଦ୍ଧି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅର୍ଥନୈତିକ ପରାମର୍ଶଦାତା ପରିଷଦର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକର ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ପଶ୍ଚିମ ଏସିଆ ବିବାଦରୁ ସୃଷ୍ଟି ହୋଇଥିବା ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ଏବଂ ଭୂରାଜନୈତିକ ଅନିଶ୍ଚିତତା ମଧ୍ୟରେ ଭାରତର ଅର୍ଥନୈତିକ ଅଭିବୃଦ୍ଧିକୁ ଆହୁରି ମଜବୁତ କରିବା ପାଇଁ ପଦକ୍ଷେପଗୁଡ଼ିକ ଉପରେ ବିଶେଷ ଆଲୋଚନା କରିଥିଲେ । ସରକାରୀ ସୂତ୍ର ଅନୁଯାୟୀ, ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକ ମଧ ଭୂରାଜନୈତିକ ଉତ୍ତେଜନା, ବାଣିଜ୍ୟ-ସମ୍ବନ୍ଧୀୟ ଅନିଶ୍ଚିତତା ଏବଂ ଅସମାନ ଅଭିବୃଦ୍ଧି ଧାରା ସହିତ ମୁକାବିଲା କରୁଥିବା ସମୟରେ ଭାରତର ଅଭିବୃଦ୍ଧି ଗତିକୁ ବଜାୟ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଦେଶରେ ସହଜ ଜୀବନଧାରଣ ଏବଂ ସହଜ ବ୍ୟବସାୟ ପାଇଁ ନିଆଯାଇଥିବା ପଦେକ୍ଷପଗୁଡ଼ିକର ମଧ ସମୀକ୍ଷା କରାଯାଇଥିଲା । ଏହସହ ଆର୍ଥିକ ପରାମର୍ଶଦାତା ପରିଷଦର ସଦସ୍ୟମାନେ ଭାରତ ଏବଂ ବିଶ୍ୱ ଅର୍ଥନୀତି ଉପରେ ଚାଲିଥିବା ପଶ୍ଚିମ ଏସିଆ ବିବାଦର ପ୍ରଭାବ ବିଷୟରେ ସେମାନଙ୍କର ମତାମତ ପ୍ରଦାନ କରିଥିଲେ । ୨୦୨୫-୨୬ ଆର୍ଥିକ ବର୍ଷର ଚତୁର୍ଥ ତ୍ରୈମାସିକରେ ଭାରତର ଅର୍ଥନୀତି ଆଶାଠାରୁ ଅଧିକ ଦ୍ରୁତ ଗତିରେ ଅଭିବୃଦ୍ଧି ହୋଇଛି, ଏହାର ଗୋଟିଏ ଦିନ ପରେ ଏହି ବୈଠକ ଅନୁଷ୍ଠିତ ହୋଇଛି ।

## ଦକ୍ଷିଣ ଲେବାନନରେ ଇସ୍ରାଏଲର ଆକ୍ରମଣ: ୯ ମୃତ



ନୂଆଦିଲ୍ଲୀ,୬।୬: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଭୟାବହ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଶନିବାର ଦକ୍ଷିଣ ଲେବାନନରେ ଏକ ବଡ଼ ଧରଣର ସାମରିକ ବିପର୍ଯ୍ୟୟ ଘଟିଯାଇଛି । ଲେବାନନ୍ ସେନାର ଏକ ସାମରିକ ଗାଡ଼ିକୁ ଟାର୍ଗେଟ୍ କରି ଇସ୍ରାଏଲ୍ ପକ୍ଷରୁ କରାଯାଇଥିବା ଏକ ଶକ୍ତିଶାଳୀ ରକେଟ୍ ଆକ୍ରମଣରେ ଜଣେ ବ୍ରିଗେଡିୟର ଜେନେରାଲ, ଜଣେ କ୍ୟାପଟେନ ଓ ଆଉ ଜଣେ ସୈନିକଙ୍କ ସମେତ ୩ ଜଣ ସାମରିକ ଅଧିକାରୀ ପ୍ରାଣ ହରାଇଛନ୍ତି । ଲେବାନନ୍ ସେନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବେରୁତଠାରୁ ପ୍ରାୟ ୭୦ କିଲୋମିଟର ଦୂର ଦକ୍ଷିଣରେ ଥିବା ଖାରଦାଲି-ନବାତିହ ସଂଯୋଗୀକରଣ ରାସ୍ତାରେ ଏହି ଭୟଙ୍କର ଆକ୍ରମଣ ହୋଇଛି। ଏହା ସହିତ ସାକସାକିୟା ଗ୍ରାମରେ ଇସ୍ରାଏଲ୍ ଦ୍ୱାରା କରାଯାଇଥିବା ଦ୍ୱିତୀୟ ଏୟାରଷ୍ଟ୍ରାଇକରେ ଆଉ ୬ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି, ଯାହାକୁ ମିଶାଇ ଶନିବାର ସମୁଦାୟ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଅପରପକ୍ଷରେ, ଇସ୍ରାଏଲ ସେନା ପକ୍ଷରୁ ଏହି ଘଟଣା ଉପରେ ଏକ ପ୍ରାଥମିକ ସଫେଇ ଦିଆଯାଇ କୁହାଯାଇଛି ଯେ, ସେହି ଅଞ୍ଚଳରୁ ସେମାନଙ୍କ ସୈନ୍ୟଙ୍କ ଉପରେ ଆକ୍ରମଣ ପାଇଁ ହିଜବୁଲ୍ଲା ପ୍ରସ୍ତୁତ ହେଉଥିବା ନେଇ ଦୃଢ଼ ସୂଚନା ମିଳିଥିଲା।

## ଏସିଆ କପରେ ସ୍ୱର୍ଣ୍ଣ ପଦକ ହାସଲ
## ବ୍ରୋଞ୍ଜ ବିଜେତା ମହିଳା ଦଳକୁ ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

ନୂଆଦିଲ୍ଲୀ, ୬।୬: ୧୮ ବର୍ଷରୁ କମ୍ ଏସିଆ କପରେ ଭାରତୀୟ ପୁରୁଷ ହକି ଦଳ ଟାଇଟଲ୍ ଜିତି ଥିବାରୁ ଏବଂ ବ୍ରୋଞ୍ଜ ପଦକ ଜିତିଥିବାରୁ ମହିଳା ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି। ଶନିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତୀୟ ପୁରୁଷ ଅଣ୍ଡର-୧୮ ହକି ଦଳର ଏହି ସଫଳତା ଚମତ୍କାର। ଟୁର୍ଣ୍ଣାମେଣ୍ଟ ଜିତିଥିବାରୁ ଦଳକୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି ଯେ ଖେଳାଳିମାନେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ଅସାଧାରଣ ଦକ୍ଷତା ଏବଂ ଶ୍ରେଷ୍ଠ ଦଳଗତ ଉତ୍ସାହ ପ୍ରଦର୍ଶନ କରିଥିଲେ, ଯାହାର ଫଳସ୍ୱରୂପ ଫାଇନାଲରେ ଏକ ସ୍ମରଣୀୟ ବିଜୟ ହୋଇଥିଲା। ସେ କହିଥିଲେ ଯେ ଏହି ସଫଳତା ଯୁବପିଢ଼ିଙ୍କ ମଧ୍ୟରେ ହକିର ବୃଦ୍ଧି ପାଉଥିବା ଲୋକପ୍ରିୟତାକୁ ମଧ ପ୍ରତିଫଳିତ କରୁଛି। ଦଳର ଭବିଷ୍ୟତ ପାଇଁ ମଧ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ। ଅନ୍ୟ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଭାରତୀୟ ମହିଳା ଅଣ୍ଡର-୧୮ ହକି ଦଳକୁ ଅଣ୍ଡର-୧୮ ଏସିଆ କପ୍ ୨୦୨୬ ରେ ବ୍ରୋଞ୍ଜ ପଦକ ଜିତିବା ପାଇଁ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ମହିଳା ଦଳର ଏହି ସଫଳତା ଭାରତରେ ମହିଳା ହକିର ବୃଦ୍ଧି ପାଉଥିବା ସାମର୍ଥ୍ୟ ଏବଂ ଖେଳାଳିମାନଙ୍କ ବିପୁଳ ସାମର୍ଥ୍ୟକୁ ଦର୍ଶାଉଛି।

## ଜୁନ୍ ୮ରେ କଂଗ୍ରେସ ଡାକିଥିବା ବୈଠକରେ ଯୋଗ ଦେବେନି ସିପିଆଇଏମ୍ ଓ ଜେଏମ୍‌ଏମ୍

ନୂଆଦିଲ୍ଲୀ,୬।୬: ଜୁନ୍ ୮ ତାରିଖରେ କଂଗ୍ରେସ ଦ୍ୱାରା ଡକାଯାଇଥିବା ଇଣ୍ଡି ମେଣ୍ଟ ବୈଠକକୁ ଡିଏମକେ ପ୍ରତ୍ୟାଖ୍ୟାନ କରିବାର କିଛି ଦିନ ପରେ, ବିରୋଧୀ ମେଣ୍ଟରେ ନୂତନ ଫାଟ ଦେଖାଦେଇଛି। ସିପିଆଇ(ଏମ୍) ଓ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) କଂଗ୍ରେସ ନେତୃତ୍ୱଙ୍କ କାର୍ଯ୍ୟଶୈଳୀ ଉପରେ ରହିଥିବା ସେମାନଙ୍କ ତୀବ୍ର ଅସନ୍ତୋଷ ଜଣାଇଛନ୍ତି। ଝାଡ଼ଖଣ୍ଡରେ ଦୁଇଟି ରାଜ୍ୟସଭା ଆସନ ମଧ୍ୟରୁ ଗୋଟିଏ ପାଇଁ କଂଗ୍ରେସ ଏକପାଖିଆ ଭାବରେ ପ୍ରାର୍ଥୀ ଘୋଷଣା କରିବା ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ବିରକ୍ତ ପ୍ରକାଶ କରିଥିବା ବେଳେ, ସିପିଆଇ(ଏମ୍) ସଦ୍ୟ ସମାପ୍ତ କେରଳମ୍ ବିଧାନସଭା ନିର୍ବାଚନରେ ପ୍ରଚାର ସମୟରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ କଂଗ୍ରେସ ନେତାମାନଙ୍କ ଦ୍ୱାରା କେରଳମ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ଉପରେ ଆକ୍ରମଣକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛି ।ସିପିଆଇଏମ୍ ସାଧାରଣ ସମ୍ପାଦକ ଏମ୍ ଏ ବେବୀ କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ କଡ଼ା ଶବ୍ଦରେ ଏକ ଚିଠି ଲେଖି ଏହି ପ୍ରସଙ୍ଗ ଉଠାଇଛନ୍ତି।

## ଦିଲ୍ଲୀର ନରେଲା ପ୍ଲାଷ୍ଟିକ କାରଖାନାରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ,୬।୬: ଦିଲ୍ଲୀର ନରେଲା ଶିଳ୍ପାଞ୍ଚଳରେ ଥିବା ଏକ ପ୍ଲାଷ୍ଟିକ ଫ୍ୟାକ୍ଟ୍ରିରେ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡ ଖବର ଆସିବା ମାତ୍ରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଥିଲା। ଦମକଳ ବାହିନୀ ନିଆଁ ଲିଭାଇବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପକ୍ଷରେ ଦିଲ୍ଲୀ ପୁଲିସ ମାଳବ୍ୟ ନଗର ଅଗ୍ନିକାଣ୍ଡ ମାମଲାରେ ଜଣେ ରୋଷେୟାଙ୍କୁ ଗିରଫ କରିଛି। ଦିଲ୍ଲୀର ଫ୍ଲୋରିସ୍ ଷ୍ଟେ ହୋଟେଲ୍ ଅଗ୍ନିକାଣ୍ଡ ଘଟଣାରେ ୧୩ ବିଦେଶୀ ନାଗରିକଙ୍କ ସମେତ ୨୧ ଜଣଙ୍କର ମୃତ୍ୟୁ ହୋଇଥିଲା ବୋଲି ଅଧିକାରୀମାନେ ଶନିବାର କହିଛନ୍ତି। ପୁଲିସ କହିଛି ଯେ, ତଦନ୍ତରୁ ଜଣାପଡ଼ିଛି ରୋଷେୟାଙ୍କ ଅବହେଳା ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା।

## ଜେଲେନସ୍କିଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ପୁଟିନ
# ବ୍ୟକ୍ତିଗତ ସାକ୍ଷାତର କୌଣସି ଅର୍ଥ ନାହିଁ



ମସ୍କୋ,୬।୬: ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନୀୟ ରାଷ୍ଟ୍ରପତି ବୋଲଡିମିର୍ ଜେଲେନସ୍କିଙ୍କ ସାକ୍ଷାତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତାଙ୍କ ଜନ୍ମସ୍ଥାନ ସେଣ୍ଟ ପିଟର୍ସବର୍ଗରେ ଅନ୍ତର୍ଜାତୀୟ ଅର୍ଥନୈତିକ ଫୋରମକୁ ସମ୍ବୋଧିତ କରି ପୁଟିନ ଜେଲେନସ୍କିଙ୍କ ସାକ୍ଷାତ ପ୍ରସ୍ତାବିତ ଖୋଲା ଚିଠିକୁ ଅବାନ୍ତର ବୋଲି କହିଛନ୍ତି। ଜେଲେନସ୍କିଙ୍କ ଖୋଲା ଚିଠି ବିଷୟରେ ଉଲ୍ଲେଖ କରି ପୁଟିନ କହିଛନ୍ତି, ଏହା କ'ଣ ବ୍ୟକ୍ତିଗତ ବୈଠକ ଏବଂ ଆଲୋଚନା ପାଇଁ ପରିସ୍ଥିତି ସୃଷ୍ଟି କରିବାର ଏକ ଉପାୟ କି? ମୁଁ ଭାବୁଛି ଏହା ଏପରି ଏକ ପରିବେଶ ସୃଷ୍ଟି କରିବାର ଏକ ଉପାୟ ଯାହା ଯେକୌଣସି ବ୍ୟକ୍ତିଗତ ବୈଠକକୁ ଅସମ୍ଭବ କରିଥାଏ। ରୁଷ ରାଷ୍ଟ୍ରପତି କହିଛନ୍ତି ବ୍ୟକ୍ତିଗତ ସାକ୍ଷାତର କୌଣସି ଅର୍ଥ ନାହିଁ। ପୁଟିନ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ପ୍ରସ୍ତାବ ଆଧାରରେ ମସ୍କୋ ୟୁକ୍ରେନ ସହିତ ଏକ ଚୁକ୍ତି କରିବାକୁ ପ୍ରସ୍ତୁତ। ସେ ଏହା ମଧ ଦାବି କରିଛନ୍ତି ଯେ, ରୁଷ ସେନା ଯୁଦ୍ଧକ୍ଷେତ୍ରରେ ନିଜର ପ୍ରାଧାନ୍ୟ ବଜାୟ ରଖିଛି। ୟୁକ୍ରେନୀୟ ଡ୍ରୋନ ଆକ୍ରମଣରମୁକାବିଲା କରିବା ପାଇଁ ମସ୍କୋ ନିଜର ବାୟୁ ପ୍ରତିରକ୍ଷାକୁ ମଜବୁତ କରୁଛି। ରୁଷ ଲୋକଙ୍କ ଦେଶପ୍ରେମ ଏବଂ ଇଚ୍ଛାଶକ୍ତି ୟୁକ୍ରେନରେ ସେମାନଙ୍କର ଲକ୍ଷ୍ୟ ହାସଲ କରିବାକୁ ନିଶ୍ଚିତ କରିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏକ ଘଟଣାକ୍ରମରେ, ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଉଭୟ ପକ୍ଷ ମଧ୍ୟରେ ଆଲୋଚନାକୁ ସହଜ କରିବା ପାଇଁ ସମ୍ପୂର୍ଣ୍ଣ ଅସ୍ତ୍ରବିରତିକୁ ସମର୍ଥନ କରି କହିଛନ୍ତି ଯେ, ୟୁକ୍ରେନ୍ ଏବଂ ରୁଷ ମଧ୍ୟରେ ସିଧାସଳଖ ଆଲୋଚନା ମାଧ୍ୟମରେ ହିଁ ଶାନ୍ତି ସମ୍ଭବ। ଏନେଇ ସେ ଲେଖିଥିବା ଏକ ଚିଠି କ୍ରେମଲିନ୍ ପାଇଥିବା ମଧ ନିଶ୍ଚିତ କରିଛନ୍ତି। ୟୁକ୍ରେନିନ୍ ରାଷ୍ଟ୍ରପତି ଲେଖିଛନ୍ତି, ଆମ ଏବଂ ଆପଣଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ମାଧ୍ୟମରେ ୟୁକ୍ରେନ୍ ଏହି ଯୁଦ୍ଧ ସମାପ୍ତ କରିବାକୁ ପ୍ରସ୍ତାବ ଦେଉଛି। ମୁଁ ଏକ ବୈଠକ ପ୍ରସ୍ତାବ ଦେଉଛି। ସାମ୍ବାଦିକ ସମ୍ମିଳନୀରେ ପୁଟିନ ଜୋର ଦେଇ କହିଛନ୍ତି, ୟୁକ୍ରେନକୁ ଆପୋଷ ସମାଧାନ କରିବାକୁ ପଡିବ।

# କଲେଜ ସମ୍ମୁଖରେ ଖଣ୍ଡା ବୁଲାଇ ଧମକ: ଯୁବକ ଗିରଫ

କେନ୍ଦ୍ରାପଡ଼ା (ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ କଲେଜ ସମ୍ମୁଖରେ ଜଣେ ଯୁବତୀଙ୍କୁ ଖଣ୍ଡା ଦେଖାଇ ଭୟଭୀତ କରିବା ଅଭିଯୋଗରେ ଡେରାବିଶ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ହେଲେ ମୀରପାଟଣା ଗ୍ରାମର ହିତିକ ଜେନା । ପୀଡିତା ମଧୁସ୍ମିତା ପଣ୍ଡା ମାହାଙ୍ଗା ଥାନା ଅନ୍ତର୍ଗତ ଅରଖଣ୍ଡ ଗ୍ରାମର ବୋଲି ଜଣାପଡ଼ିଛି । ସୂଚନା ଅନୁଯାୟୀ, ହିତିକ ଓ ମଧୁସ୍ମିତା ଉଭୟେ ଡେରାବିଶ କଲେଜର ଛାତ୍ରଛାତ୍ରୀ । କୌଣସି କାରଣକୁ ନେଇ ଶନିବାର ଦିନ ପ୍ରାୟ ଦୁଇ ପହର ସମୟରେ କଲେଜ ସମ୍ମୁଖରେ ହିତିକ ଖଣ୍ଡା ଦେଖାଇ ଯୁବତୀଙ୍କୁ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ପରେ ମଧୁସ୍ମିତା ଡେରାବିଶ ଥାନାରେ ଏତଲା ଦାଖଲ କରିଥିଲେ । ଏତଲାକୁ ଆଧାର କରି ପୋଲିସ



କେସ୍ ନମ୍ବର ୧୫୦/୨୬ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ପରବର୍ତ୍ତୀ ସମୟରେ ଅଭିଯୁକ୍ତ ହିତିକ ଜେନାଙ୍କୁ ଗିରଫ କରାଯାଇ ଡାକ୍ତରୀ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି । ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ବିଏନଏସ୍‌ର ଧାରା ୧୨୬(୨), ୧୧୫(୨) ଏବଂ ୨୯୬ ଅନୁଯାୟୀ ମାମଲା ରୁଜୁ କରାଯାଇଛି । ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବାବେଳେ ପୋଲିସ ତଦନ୍ତ ଜାରି ରଖିଛି । କଲେଜ ସମ୍ମୁଖରେ ଜଣେ ଯୁବକ ଖଣ୍ଡା ବୁଲାଇବା ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଘଟଣାକୁ ନେଇ ବିଭିନ୍ନ କଲେଜରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷାର ବାତାବରଣ ଦେଖିବାକୁ ମିଳିଛି । କଲେଜ ସମ୍ମୁଖରେ ଜଣେ ଯୁବକ ଖଣ୍ଡା ଧରି ସର୍ବସାଧାରଣ ସ୍ଥାନରେ ବୁଲାଇବାର ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ପ୍ରସାରିତ ହୋଇଥିଲା । ଭିଡିଓ ଭାଇରାଲ ହେବା ପରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଥିଲା । ଅନେକ ଛାତ୍ରଛାତ୍ରୀ କହିଛନ୍ତି ଯେ, ଶିକ୍ଷାନୁଷ୍ଠାନ ପରିସର ନିକଟରେ ଏପରି ଘଟଣା ସେମାନଙ୍କ ମନରେ ଆତଙ୍କ ସୃଷ୍ଟି କରିଛି । ଅଭିଭାବକମାନେ ମଧ୍ୟ କଲେଜ ପରିସର ଏବଂ ଆଖପାଖ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବୃଦ୍ଧି ସହ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଦାବି କରିଛନ୍ତି । ଏହି ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଡେରାବିଶ ପୋଲିସ ତତ୍ପରତା ପ୍ରକାଶ କରିଥିବା ବେଳେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି । ପୋଲିସ ପକ୍ଷରୁ ଆଇନଶୃଙ୍ଖଳା ବଜାୟ ରଖିବା ସହ ଏଭଳି ଘଟଣା ବିରୋଧରେ କଠୋର ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି ।

## ବାଘ ଛାଲ ଜବତ: ୮ ଗିରଫ



ରାୟଗଡା(ନିପ୍ର): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ରେଞ୍ଜ ଅଧୀନସ୍ଥ ରିଭଲକଣା ଛକଠାରେ ଚାଲିଥିବା ଏକ ବେଆଇନ କଲରାପତରିଆ ବାଘ ଛାଲ କିଣାବିକା (ଡିଲ୍) ଉପରେ ବନ ବିଭାଗ ଚଢ଼ାଉ କରିଛି । ଏହି ମାମଲାରେ ବନ ବିଭାଗ ଗୋଟିଏ କଲରାପତରିଆ ବାଘ ଛାଲ ଜବତ କରିବା ସହ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏହା ସହିତ ଏକ ମୋଟରସାଇକେଲ ଏବଂ ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି । ଗିରଫ ହୋଇଥିବା ୮ ଜଣଙ୍କ ମଧ୍ୟରୁ ୩ ଜଣ କଳାହାଣ୍ଡି ଜିଲ୍ଲାର ଏବଂ ୫ ଜଣ ରାୟଗଡ଼ା ଜିଲ୍ଲାର ବୋଲି ଜଣାପଡ଼ିଛି । କଲ୍ୟାଣସିଂହପୁର ରେଞ୍ଜର ସଚ୍ଚିଦାନନ୍ଦ ପରିଡ଼ାଙ୍କ ସୂଚନା ଅନୁସାରେ, ଏହି ବେଆଇନ ଡିଲ୍ ସମ୍ପର୍କରେ ବନ ବିଭାଗକୁ ଦୁଇ ଦିନ ପୂର୍ବରୁ ଗୁପ୍ତ ସୂଚନା ମିଳିଥିଲା । ଏହାକୁ ଆଧାର କରି ରାୟଗଡ଼ା ଡିଏଫଓ ସଚିନ ଆନ୍ନାସାହେବ ଓହୋଲଙ୍କ ପ୍ରତ୍ୟେକ୍ଷ ନେତୃତ୍ୱରେ କଲ୍ୟାଣସିଂହପୁର ଓ ରାୟଗଡ଼ା ରେଞ୍ଜ ଟିମ୍ ମିଳିତ ଭାବେ ଟ୍ରାପ୍ ବିଛାଇ ଏହି ଚଢ଼ାଉ କରିଥିଲେ । ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାରେ କଳାହାଣ୍ଡି ଜିଲ୍ଲା ବନ ବିଭାଗ ଟିମ୍ ମଧ୍ୟ ସହାୟତା କରିଥିଲେ । ପ୍ରାଥମିକ ସୂଚନା ଅନୁଯାୟୀ, ପ୍ରାୟ ୨ ରୁ ୪ ମାସ ପୂର୍ବେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାଠାରୁ ମାତ୍ର ୮-୧୦ କିଲୋମିଟର ଦୂର ଜଙ୍ଗଲରେ ଏହି କଲରାପତରିଆ ବାଘର ଶିକାର କରାଯାଇଥିଲା । ଶିକାରୀ ଜଣକ କଳାହାଣ୍ଡି ଜିଲ୍ଲାର ବୋଲି ଜଣାପଡ଼ିବା ପରେ ସେଠାକାର ବନ ବିଭାଗ ତାକୁ ମଧ୍ୟ ଗିରଫ କରିଛି । କଲ୍ୟାଣସିଂହପୁର ବ୍ଲକ ସହ କଳାହାଣ୍ଡି ଜିଲ୍ଲାର ସୀମା ନିକଟତର ହୋଇଥିବାରୁ ବେପାରୀମାନେ ଏହି ରାସ୍ତା ଦେଇ ରିଭଲକଣାକୁ ଡିଲ୍ ପାଇଁ ଆସିଥିଲେ ।

## ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଲେ ଟାଟା ପାୱାର ଲାଇନ ମ୍ୟାନ

କଟକ(ନିପ୍ର): ଚାଷୀଙ୍କ ବିଦ୍ୟୁତ ଖୁଣ୍ଟ ବଦଳାଇବାକୁ ଲାଞ୍ଚ ନେଇ ଜଣେ ଲାଇନ ମ୍ୟାନ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ନରସିଂହପୁର ଟାଟା ପାୱାର ଲାଇନ୍ ମ୍ୟାନ୍ ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଲେ । ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିବା ଲାଇନ୍ ମ୍ୟାନ୍ ଜଣଙ୍କ ହେଲେ ଧର୍ମ ନିରଞ୍ଜନ ଚୌଧୁରୀ । କ୍ଷତିଗ୍ରସ୍ତ ବିଦ୍ୟୁତ ଖୁଣ୍ଟ ବଦଳାଇବା ପାଇଁ ମୋଟ୍ ୨୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ ଲାଇନ୍ ମ୍ୟାନ୍ । ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଟାଟା ପାୱାର କର୍ମଚାରୀ ଜଣଙ୍କ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ପୂର୍ବରୁ ୟୁପିଆଇ ମାଧ୍ୟମରେ ୮ ହଜାର ଟଙ୍କା ନେଇଥିଲେ । ନରସିଂହପୁର ଟାଟା ପାୱାର ଅଧୀନରେ ଥିବା ବୈଦ୍ୟୁତିକ ସେକ୍ସନର ଲାଇନ ମ୍ୟାନ ଧର୍ମ ନିରଞ୍ଜନ ଚୌଧୁରୀଙ୍କୁ ଜଣେ ଚାଷୀଙ୍କ କୃଷି ଜମିରୁ ଏକ କ୍ଷତିଗ୍ରସ୍ତ ବିଦ୍ୟୁତ୍ ଖୁଣ୍ଟ ବଦଳାଇବା ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ମାଗୁଥିବା ଏବଂ ନେଉଥିବା ସମୟରେ ଭିଜିଲାନ୍ସ ହାବୁଡରେ ପଡ଼ିଛନ୍ତି ।

## ମାଟି କାନ୍ଥ ଭୁଶୁଡ଼ି ଶିଶୁକନ୍ୟା ମୃତ

କୁଚିଣ୍ଡା,(ନିପ୍ର): ମୃତ୍ୟୁ କେତେବେଳେ ଓ କିପରି ଆସିବ, ତାହା କେହି କହିପାରିବେ ନାହିଁ । ଖେଳକୁଦରେ ମଗ୍ନ ଥିବା ଦୁଇ ନିଷ୍ପାପ ଶିଶୁଙ୍କ ମଧ୍ୟରୁ ଜଣଙ୍କ ପାଇଁ ସେହି ଖେଳ ହିଁ କାଳ ପାଲଟିଗଲା । ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ମହୁଲପାଲି ଥାନା ଅନ୍ତର୍ଗତ ଜରବଗା ଗାଁରେ ଘଟିଥିବା ଏହି ହୃଦୟବିଦାରକ ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ସୂଚନା ଅନୁଯାୟୀ, ଶୁକ୍ରବାର ସକାଳେ ଗାଁର ମଞ୍ଜିଲ ପଟେଲଙ୍କ ଘର ନିକଟରେ ତାଙ୍କ ୫ ବର୍ଷର ପୁଅ ମୟଙ୍କ ପଟେଲ ଓ ପଡ଼ୋଶୀ ପ୍ରଭାକର ବାଗଙ୍କ ୪ ବର୍ଷର ଝିଅ ରୋଲି ବାଗ ଖେଳୁଥିଲେ । ଖେଳରେ ମଗ୍ନ ଥିବା ବେଳେ ହଠାତ୍ ମଞ୍ଜିଲ ପଟେଲଙ୍କ ଘରର ଏକ ପୁରୁଣା ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା । ଏହି ଅଘଟଣରେ ମୟଙ୍କ ଅଳ୍ପକେ ରକ୍ଷା ପାଇଯାଇଥିବା ବେଳେ ରୋଲି ବାଗଙ୍କ ଉପରେ ସମ୍ପୂର୍ଣ୍ଣ କାନ୍ଥଟି ମାଡ଼ି ବସିଥିଲା । ଘଟଣା ଦେଖି ପରିବାର ଲୋକ ଓ ଗ୍ରାମବାସୀ ତୁରନ୍ତ ମାଟି ତଳୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ରୋଲିଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ହସଖୁସିରେ ଖେଳୁଥିବା ଝିଅଟି ମୁହୂର୍ତ୍ତକ ମଧ୍ୟରେ ଚିରଦିନ ପାଇଁ ଆଖି ବୁଜିଦେବା ଘଟଣା ଗ୍ରାମବାସୀଙ୍କୁ ମର୍ମାହତ କରିଛି । ଗାଁରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଖବର ପାଇ ମହୁଲପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୋଲିସ ମହୁଲପାଲି ଥାନା ୟୁଡି କେଶ ନଂ ୧୯/୨୬ରେ ମାମଲା ରୁଜୁ କରି କାନ୍ଥ ଭୁଶୁଡ଼ିବାର କାରଣ ଓ ଅନ୍ୟାନ୍ୟ ପରିସ୍ଥିତିକୁ ନେଇ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

## ୩୦ ଲକ୍ଷର ୱାର୍କ ଅର୍ଡର ପରେ ଠକେଇ ୩ ଠକ କର୍ମଚାରୀଙ୍କୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର,(ନିପ୍ର): ଜଣେ ବ୍ୟକ୍ତିଙ୍କୁ ଏକ କମ୍ପାନୀରେ ୩୦ ଲକ୍ଷ ଟଙ୍କାର ୱାର୍କ ଅର୍ଡର ଦେଇ ପରବର୍ତ୍ତୀ ସମୟରେ କାମ ସରିବା ପରେ ଆଉ ଟଙ୍କା ନ ଦେବା ଅଭିଯୋଗରେ ଚନ୍ଦକା ଥାନା ପୋଲିସ କଞ୍ଜ୍ୟୁମର ୱେଲଫେୟାର ଆଣ୍ଡ ଲିଗାଲ କମ୍ପ୍ଲାଏନ୍ସ କମିଶନ ଅଫ୍ ଇଣ୍ଡିଆ କମ୍ପାନୀର ୩ ଜଣ ଠକ କର୍ମଚାରୀଙ୍କୁ ଶନିବାର ଗିରଫ କରିଛି । ଗିରଫ ୩ ଜଣ ଠକ ହେଉଛନ୍ତି, କଟକ ସାଲେପୁରର ଅନିରୁଦ୍ଧ ପରିଡା (୩୨),କେନ୍ଦୁଝର ଘଟଗାଁର ସୁବାଷ ଚନ୍ଦ୍ର ମହନ୍ତ (୨୮) ଓ ତ୍ରିଲୋଚନ ମହନ୍ତ (୨୯) । ଗିରଫ ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ଟଙ୍କା ଜମାର ସ୍ଲିପ,ୱାର୍କ ଅର୍ଡର ସଂକ୍ରାନ୍ତୀୟ କାଗଜପତ୍ର ଓ ମୋବାଇଲ ଏବଂ ଲାପ୍‌ଟପକୁ ପୋଲିସ ଜବତ କରିଛି ।

## କଲେକ୍ଟର କାର୍ଯ୍ୟାଳୟ ପରିସରରେ ଯୁବକଙ୍କ ମୃତ୍ୟୁ ଘଟଣା କ୍ଷତିପୂରଣ ଓ ନିରପେକ୍ଷ ତଦନ୍ତ ଦାବି



କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜଣେ ଯୁବକଙ୍କ ବେକରେ ଗାମୁଛା ଲାଗି ମୃତ୍ୟୁ ଘଟଣାକୁ ନେଇ ଜିଲ୍ଲାବ୍ୟାପୀ ଅସନ୍ତୋଷ ପ୍ରକାଶ ପାଇଛି । ଘଟଣାର ନିରପେକ୍ଷ ତଦନ୍ତ, ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ମୃତକ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ ଦାବିରେ କେନ୍ଦ୍ରାପଡ଼ା ଓକିଲ ସଂଘ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛି । ଓକିଲ ସଂଘ ପକ୍ଷରୁ ମୃତକ ପରିବାରକୁ ଯଥୋଚିତ କ୍ଷତିପୂରଣ ଦେବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ଦାବି କରାଯାଇଛି । ସେହିପରି ଉପଜିଲ୍ଲାପାଳ ଅରୁଣ ନାୟକଙ୍କ ବିରୋଧରେ ସାଧାରଣ ଲୋକଙ୍କ ପ୍ରତି ଦୁର୍ବ୍ୟବହାର ଅଭିଯୋଗ ଉଠାଇ ଏହାକୁ ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିଛନ୍ତି ଓକିଲମାନେ । ଏପରି ଆଚରଣ ସହ୍ୟ କରାଯିବ ନାହିଁ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଏହି ଘଟଣାକୁ ନେଇ ଜିଲ୍ଲା ବିଜେଡି ପକ୍ଷରୁ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବିଜେଡି ନେତାମାନେ କହିଛନ୍ତି ଯେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ଏଭଳି ଘଟଣା ଘଟିଥିଲେ ମଧ୍ୟ କେହି ଦେଖିପାରିନଥିବା କଥା ସାଧାରଣ ଲୋକଙ୍କ ପାଇଁ ଗ୍ରହଣୀୟ ହେଉନାହିଁ । ତେଣୁ ଘଟଣାର ସତ୍ୟାସତ୍ୟ ଉଦ୍‌ଘାଟନ ପାଇଁ ନିରପେକ୍ଷ ତଦନ୍ତ ଆବଶ୍ୟକ ବୋଲି ସେମାନେ ଦାବି କରିଛନ୍ତି । ଓକିଲ ସଂଘ ଏବଂ ବିଭିନ୍ନ ରାଜନୈତିକ ଦଳମାନେ ସାତ ଦିନ ମଧ୍ୟରେ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ସାରି ଦୋଷୀଙ୍କୁ ଦଣ୍ଡିତ କରିବା ସହ ମୃତକ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି । ଜିଲ୍ଲାରୁ ଉପଜିଲ୍ଲାପାଳ ଅରୁଣ ନାୟକଙ୍କୁ ତୁରନ୍ତ ବଦଳି କରାଯିବାକୁ ମଧ୍ୟ ଦାବି ଉଠିଛି । ଅନ୍ୟପଟେ ଜିଲ୍ଲା କଂଗ୍ରେସ ଏବଂ ଆମ ଆଦମୀ ପାର୍ଟି ମଧ୍ୟ ଏହି ପ୍ରସଙ୍ଗରେ ସାମିଲ ହୋଇ ମୃତକ ପରିବାରକୁ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି । ଜିଲ୍ଲାରେ ସୃଷ୍ଟି ହୋଇଥିବା ଉତ୍ତେଜନା ଏବଂ ଅସନ୍ତୋଷକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତକ ଯୁବକଙ୍କ ପୋଷ୍ଟମର୍ଟମ ପରେ ଶେଷକୃତ୍ୟ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ପଠାଯାଇଥିବା ସୂଚନା ମିଳିଛି । ଘଟଣାକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ବିଭିନ୍ନ ପ୍ରଶ୍ନ ଉଠୁଥିବା ବେଳେ ପ୍ରଶାସନ ପକ୍ଷରୁ ନିରପେକ୍ଷ ତଦନ୍ତ ମାଧ୍ୟମରେ ସମସ୍ତ ତଥ୍ୟ ସାମ୍ନାକୁ ଆଣିବା ଦାବି ଜୋର ଧରିଛି ।

## ଡେଲିଭରି ବୟଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍ ମାମଲା ଆକ୍ରମଣକାରୀ ଲୁଟେରା ଗିରଫ

ଭୁବନେଶ୍ୱର,(ନିପ୍ର): ଜଣେ ଡେଲିଭରି ବୟଙ୍କୁ ମରଣାନ୍ତକ ଆକ୍ରମଣ କରି ଲୁଟ୍ କରିବା ମାମଲାର ତଦନ୍ତ କରି ଖଣ୍ଡଗିରି ଥାନା ପୋଲିସ ଶନିବାର ଆକ୍ରମଣକାରୀଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କ ନାମ ରାହୁଲ ବେହେରା (୨୪) ଓ ତାଙ୍କ ଘର ଶ୍ରୀ ଲିଙ୍ଗରାଜ ଥାନା ଅନ୍ତର୍ଗତ ପୁରୁଣା ଭୁବନେଶ୍ୱରର ଲେନ ୪ ବୈଶିଷ୍ଟ ନଗରରେ ବୋଲି ଜଣାପଡିଛି । ଏନେଇ ତାପସ କୁମାର ବେହେରା ଥାନାରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ୪/୫ ତାରିଖ ମଧ୍ୟରାତ୍ର ପ୍ରାୟ ୧୨ଟା ୧୫ ସମୟରେ ଅଭିଯୋଗକାରୀ ବ୍ଲିଙ୍କିଟ୍‌ର ଜଣେ ଡେଲିଭରୀ ପାର୍ଟନର ଭାବେ ଜାଗମରାରୁ ଗଣ୍ଡମୁଣ୍ଡା ଅଭିମୁଖେ ଏକ ଅନଲାଇନ୍ ଅର୍ଡର ଡେଲିଭରୀ କରିବାକୁ ଯାଉଥିବା ବେଳେ ଗଣ୍ଡମୁଣ୍ଡା ସ୍ଥିତ ରିଲାଏନ୍ସ ଷ୍ଟୋର ନିକଟରେ ଏକ ମୋଟରସାଇକେଲରେ ଆସିଥିବା ତିନିଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ । ସେମାନେ ଏକ ମାରଣାସ୍ତ୍ର ସାହାଯ୍ୟରେ ତାଙ୍କୁ ଆକ୍ରମଣ କରି ଆହତ କରିଥିଲେ ଏବଂ ତାଙ୍କଠାରୁ ଏକ ମୋଟୋ ଜି-୬୭ ପାୱାର ମୋବାଇଲ ଫୋନ ଓ ୨ ହଜାର ଟଙ୍କା ଲୁଟି ନେଇଥିଲେ । ଘଟଣା ପରେ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ । ଆହତ ଅଭିଯୋଗକାରୀଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଏବଂ ପରେ ଚିକିତ୍ସା ପାଇଁ ଏମ୍ସ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା । ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ଓ ଅନ୍ୟାନ୍ୟ ପ୍ରମାଣର ବିଶ୍ଳେଷଣ ଆଧାରରେ ଅପରାଧରେ ବ୍ୟବହୃତ ମୋଟରସାଇକେଲ ଓ ସନ୍ଦିଗ୍ଧ ଅଭିଯୁକ୍ତମାନଙ୍କ ପରିଚୟ ଚିହ୍ନଟ କରାଯାଇଥିଲା । ଶନିବାର ଅଭିଯୁକ୍ତ ରାହୁଲ ବେହେରା ଓଲ୍ଡ ଟାଉନ ଅଞ୍ଚଳରେ ଥିବା ସମ୍ପର୍କରେ ନିର୍ଭରଯୋଗ୍ୟ ସୂଚନା ପାଇ ପୋଲିସ ଚଢ଼ଉ କରିଥିଲା ।

## ଶିମିଳିପାଳ ଅଞ୍ଚଳରେ ଏନଫୋର୍ସ ସ୍କ୍ୱାଡ୍ ଟିମ୍‌ର ଚଢ଼ାଉ ୨୫ ଖୋଲା ଓ ଭର୍ତ୍ତି ଗ୍ୟାସ ସିଲିଣ୍ଡର ଜବତ

ରେଢ଼ାଖୋଲ(ନିପ୍ର): ରେଢ଼ାଖୋଲ ଓ ନାକଟିଦେଉଳ ଅଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ବେଆଇନ ଗ୍ୟାସ ଚୋରା ଚାଲାଣ । ବାରମ୍ବାର ବିଭିନ୍ନ ଖବର କାଗଜରେ ଖବର ପ୍ରସାରଣ ପରେ ମଧ୍ୟ ଚେତୁଁ ନାହାନ୍ତି ଚୋରା ବେପାରୀ । ପ୍ରଥମେ ରେଢ଼ାଖୋଲର ବିଭିନ୍ନ ଅଞ୍ଚଳରେ ଲୁକ୍କାୟିତ ଭାବେ ଚୋରା କାରୋବାର୍ ଚଳାଉ ଥିବା କିଛି ଖବର କାଗଜରେ ଖବର ସ୍ଥାନିତ ହେବା ପରେ ବର୍ତ୍ତମାନ ଦିଗ ବଦଳାଇଛନ୍ତି ଏହି ବେପାରି ମାନେ । ବର୍ତ୍ତମାନ ରେଢ଼ାଖୋଲ ନାକଟିଦେଉଳ ରାସ୍ତାର ବିଭିନ୍ନ ଜାଗା ତଥା ଦୋକାନମାନଙ୍କରେ ବଢ଼ିଚାଲିଛି ଏହି ଗ୍ୟାସ୍ ସିଲିଣ୍ଡର୍ କାରବାର୍ । ସବୁଠାରୁ ବଡ଼କଥା ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା ମାଧ୍ୟମରେ ସରକାର ପ୍ରତିଟି



ବିପିଏଲ୍ କାର୍ଡ ଧାରିଙ୍କୁ ଗ୍ୟାସ୍ ସିଲିଣ୍ଡର୍ ଯୋଗାଇ ଦିଆଯାଇଥିବା ବେଳେ । ଗ୍ୟାସ ବ୍ୟବହାର ତଥା କିଣି ପାରୁ ନଥିବାରୁ ସେହି ହିତାଧିକାରୀଙ୍କ ଠୁ ଏହି ଚୋରା ବେପାରୀମାନେ ସିଲିଣ୍ଡର୍‌କୁ କିଣି ଆଣି ସେଥିରେ ବେଆଇନ୍ ଭାବରେ ଲୁକ୍କାୟିତ ଭାବେ ଗ୍ୟାସ୍ ଭରି କରି ବର୍ତ୍ତମାନ ଚଢା ଦରରେ ବିକ୍ରି କରି ମାଲାମାଲ୍ ହେଉଥିବା ଶୁଣିବାକୁ ମିଳୁଛି । ଅନ୍ୟପଟେ ପ୍ରଶାସନ ପକ୍ଷରୁ ମଧ୍ୟ ଏହାକୁ ଗୁରୁତ୍ୱ ଦେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଏଥି ଉପରେ କଡା ନଜର ରଖାଯାଉଥିବା କୁହାଯାଇଛି । ଏନେଇ ଗ୍ୟାସ ସିଲିଣ୍ଡର ବେଆଇନ ଭାବରେ ଲୋକଙ୍କୁ ଚଢ଼ା ଦରରେ ବିକ୍ରି ହେଉଥିବା ନେଇ ପୋଲିସ ପାଖରେ ଅଭିଯୋଗ ହେଇ ଆସୁଥିଲା ହେଲେ କୌଣସି ସୂତ୍ରରୁ ଖବର ପାଇ ସ୍ଥାନୀୟ ପ୍ରଶାସନ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଏନଫୋର୍ସ ସ୍କ୍ୱାଡ ତରଫରୁ ନାକଟିଦେଉଳ ବ୍ଲକ୍ ଶିମିଳିପାଳର ଦୁଇଟି ବେଆଇନ ଗ୍ୟାସ ଦୋକାନରେ ଅତର୍କିତ ଚଢାଉ କରି ୧୫ଟି ଓ ୧୦ଟି ଏମିତିକି ସମୁଦାୟ ୨୫ଟି ଖୋଲା ଓ ଭର୍ତ୍ତି ଗ୍ୟାସ ସିଲିଣ୍ଡର ଜବତ କରିବା ସହ ଇସି ଆକ୍ଟ ଅନୁସାରେ ଜବତ ଗ୍ୟାସ ସିଲିଣ୍ଡରଗୁଡ଼ିକ ପାଖରେ ଥିବା ଦିଶା ଇଣ୍ଡିଆନ୍‌କୁ ହସ୍ତାନ୍ତର କରାଯାଇଛି ।

## ତିନି ଆନ୍ତଃରାଜ୍ୟ ବାଇକ ଲୁଟେରା ଗିରଫ: ୧୦ ବାଇକ ଜବତ




ଆସିକା(ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ପୋଲିସକୁ ମିଳିଛି ଏକ ବଡ ସଫଳତା । ଗତକାଲି ସଂଧ୍ୟାରେ ୪ଟା ସମୟରେ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆସିକା ପୋଲିସର ଦୁଇଟି ସହର ବିଭିନ୍ନ ମଦ ଆଡ୍ଡା ଚଢାଉ ବେଳେ ଆନ୍ତରାଜ୍ୟ ବାଇକ ଲୁଟେରାଙ୍କୁ ଠାବ କରିଥିଲେ ।ଏହି ଚଢାଉ ବେଳେ ଆସିକା ପୋଲିସ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ୧୦ଟି ଚୋରା ବାଇକକୁ ଜବତ କରିଥିବା ଜଣାପଡିଛି । ଗିରଫ ଅଭିଯୁକ୍ତମାନେ ହେଲେ ଆସିକା ଥାନା ଅନ୍ତର୍ଗତ ଗଣ୍ଡପଲ୍ଲୀ ଏରାଗୋଲା ବସାର ଏ.ସନ୍ତୋଷ, ଡି.ଚିନା ଓ ତୁମ୍ବା ଠେଙ୍ଗାପଲ୍ଲୀ ଗ୍ରାମର ପି.ଅଜୟ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରିଥିଲେ । ଏମାନେ ସବୁ ରାଜ୍ୟ ବାହାର ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ବାଇକ ଚୋରି କରି ସେଗୁଡିକୁ ଚୋରି, ଡକାୟତି, ସୁନା ଝାମ୍ପିବା ସାଙ୍ଗକୁ ଅନ୍ୟ ଅପରାଧମୂଳକ କାର୍ଯ୍ୟକଳାପରେ ବ୍ୟବହାର କରୁଛନ୍ତି ବୋଲି ଆସିକା ଏସ.ଡି.ପି.ଓ ସୌରଭ ରଞ୍ଜନ ପ୍ରଧାନ ସୂଚନା ପ୍ରଦାନ କରିଥିଲେ । ଗିରଫ ଅଭିଯୁକ୍ତ ମାନଙ୍କ ନାମରେ ଆସିକା ଥାନା ସମେତ ରାଜ୍ୟର ଅନେକ ଥାନାରେ ଏକାଧିକ ମାମଲା ରହିଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଥିଲା ।

## ମହିଳାଙ୍କ ବେକରୁ ସୁନା ଚେନ ଲୁଟ: ଥାନାରେ ଅଭିଯୋଗ

ପିପିଲି (ନିପ୍ର): ପିପିଲି ଚାନ୍ଦୁଆ ହବ ଉଦ୍‌ଘାଟନ ଉତ୍ସବରେ ଯୋଗ ଦେବାକୁ ଆସି ଘରକୁ ଫେରୁଥିବା ବେଳେ ଗହଳି ମଧ୍ୟରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ ହୋଇ ଥିବା ନେଇ ପିପିଲି ଥାନାରେ ଅଭିଯୋଗ ହୋଇଛି । ପୋଲିସ ଅଭିଯୋଗ ପାଇ ପିପିଲି ଥାନା କେଶ ନଂ ୩୬୩/୨୬ ମାମଲା ଆଗତ କରିଛି । ପିପିଲି ନୂଆଗାଁର ଜଣେ ମହିଳା ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନ ଉତ୍ସବକୁ ଆସି ଥିବା ବେଳେ ସେ ପ୍ରୋଗ୍ରାମ ଶେଷ ପରେ ଘରକୁ ଫେରୁ ଥିବା ବେଳେ ସେହି ସମୟରେ ଚେନ ଲେଟେରା ଲୁଟି ନେଇ ପଳାଇ ଯାଇଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି ।

## ଠେଙ୍ଗା ମାଡରେ ବାପା, ମା ଓ ଦୁଇ ଭାଇ ଗୁରୁତର

ଆସିକା,(ନିପ୍ର): ଗଞ୍ଜାମ ଜିଲ୍ଲା ଆସିକା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମରେ ଗତକାଲି ଏକ ଅଭାବନୀୟ ଘଟଣା ଘଟିଛି । କୌଣସି ଏକ କାରଣକୁ ନେଇ ଗ୍ରାମ ଘର ସମ୍ମୁଖରେ ବାପା ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ, ମା ଉର୍ମିଳା ଆଚାର୍ଯ୍ୟ, ବଡ ଭାଇ ଦୁର୍ଗା ଆଚାର୍ଯ୍ୟ ଏବଂ ସାନ ଭାଇ ମୃତ୍ୟୁଞ୍ଜୟ ଆଚାର୍ଯ୍ୟଙ୍କୁ ସେହି ଗ୍ରାମର ଅଚ୍ୟୁତ ମହାରଣା, ତାଙ୍କ ତିନି ପୁଅ ପ୍ରତାପ ମହାରଣା, କାହ୍ନୁ ମହାରଣା ଓ ଜଗନ୍ନାଥ ମହାରଣା ସଂଘବଦ୍ଧ ଭାବେ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଠେଙ୍ଗା ମାଡରେ ଦୁର୍ଗା ଆଚାର୍ଯ୍ୟଙ୍କ ହାତର କହୁଣି ଏବଂ କାନ୍ଧ ଭାଙ୍ଗି ଯାଇଥିବା ବେଳେ ସାନ ଭାଇ ମୃତ୍ୟୁଞ୍ଜୟ ଆଚାର୍ଯ୍ୟର ମୁଣ୍ଡରେ ଗଭୀର ଆହତ ହୋଇଛି । ସେପଟେ ବାପା ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଓ ମା ଉର୍ମିଳା ଆଚାର୍ଯ୍ୟଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ମାଡ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣା ଘଟିବା ପରେ ସଙ୍ଗେ ସଙ୍ଗେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଆସିକା ସବଡିଭିଜନ ମେଡିକାଲକୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିଲା । ସେଠାରେ କାର୍ଯ୍ୟରତ ଡାକ୍ତର ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏହି ଘଟଣାର ଖବର ଆସିକା ପୋଲିସ ଆସିକା ମେଡିକାଲ ଠାରେ ପହଞ୍ଚି ପ୍ରାଥମିକ ତଦନ୍ତ କାର୍ଯ୍ୟ ଆରମ୍ଭ କରିଥିବା ଖୁବ ଶୀଘ୍ର ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ଆସିକା ଥାନା ପକ୍ଷରୁ ଜଣାପଡିଛି ।

## ବାଲି ବୋଝେଇ ଟ୍ରକ୍ ଜବତ

ଭୁବନେଶ୍ୱର,(ନିପ୍ର): ବେଆଇନ ବାଲିବୋଝେଇ ଟ୍ରକ୍‌କୁ ଜବତ କରିଛି ଧଉଳି ଥାନା ପୋଲିସ । ଏଥିସହ ପୋଲିସ ବେଆଇନ ଭାବେ ବାଲିଚାଳନ କରୁଥିବା ଚାଳକଙ୍କୁ ଶନିବାର ଗିରଫ କରିଛି । ଗିରଫ ଚାଳକଙ୍କ ନାମ ଦେବାଶିଷ ଜେନା ଓରଫ ପପୁ (୩୦) ତାଙ୍କ ଘର ଧଉଳି ବୁଦ୍ଧପଡାରେ ବୋଲି ଜଣାପଡିଛି । ଏନେଇ ଥାନାର ଏଏସ୍‌ଆଇ ପ୍ରବୀର କୁମାର ଲେଙ୍କା ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଶୁକ୍ରବାର ପ୍ରାୟ ୧୦ଟା୩୦ ସମୟରେ ଏ.ଏସ୍.ଆଇ. ପ୍ରବୀର କୁମାର ଲେଙ୍କା ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଟିକରପଡ଼ା ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ଏବଂ ଯାନବାହନ ଯାଞ୍ଚ ଡ୍ୟୁଟି କରୁଥିବା ସମୟରେ ରାତି ପ୍ରାୟ ୧୨.୩୦ ରେ ଟିକରପଡ଼ା ପଟରୁ ଧଉଳି ଅଭିମୁଖେ ଯାଉଥିବା ବାଲି ବୋଝେଇ ଏକ ହାଇୱା ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ । ପୋଲିସ ଗାଡ଼ି ଅଟକାଇବାକୁ ସଙ୍କେତ ଦେବା ପରେ ଚାଳକ କିଛି ଦୂରରେ ଗାଡ଼ି ଅଟକାଇ ଚାବି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଗାଡ଼ିରେ ଥିବା ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଥିଲା, ଯିଏ ନିଜର ପରିଚୟ ପପୁ ଓରଫ ଦେବାଶିଷ ଜେନା ବୋଲି କହିଥିଲେ । ଯାଞ୍ଚ ସମୟରେ ସେ ନଦୀ ବାଲି ଖନନ, ପରିବହନ କିମ୍ବା ବହନ କରିବା ସମ୍ପର୍କିତ କୌଣସି ବୈଧ ପରମିଟ, "କେ" ଫର୍ମ, ଟ୍ରାନ୍ସିଟ ପାସ୍ କିମ୍ବା ଅନ୍ୟ କୌଣସି ଦସ୍ତାବିଜ ଦେଖାଇ ପାରିନଥିଲେ । ତଦନ୍ତରୁ ଜଣାପଡ଼ିଥିଲା ଯେ, ଅଭିଯୁକ୍ତ ଉକ୍ତ ହାଇୱା ଗାଡ଼ିକୁ ଲିଜ୍‌ରେ ନେଇ ଫେରାର ଚାଳକଙ୍କ ସହ ମିଶି ଗଙ୍ଗୁଆ କେନାଲ ଅଞ୍ଚଳରୁ ବିନା ଅନୁମତିରେ ବେଆଇନ ଭାବରେ ବାଲି ଉତ୍ତୋଳନ ଏବଂ ପରିବହନ କରୁଥିଲେ । ପଚରାଉଚରା ସମୟରେ ଅଭିଯୁକ୍ତ ସ୍ୱୀକାର କରିଥିଲେ ଯେ, ଗାଡ଼ି ମାଲିକଙ୍କ ଅଜାଣତରେ ବ୍ୟକ୍ତିଗତ ଆର୍ଥିକ ଲାଭ ପାଇଁ ଏହି ବେଆଇନ କାର୍ଯ୍ୟ କରାଯାଉଥିଲା ।

## ୩ ସିନ୍ଧିଚୋର ଗିରଫ

ଭୁବନେଶ୍ୱର,(ନିପ୍ର): ଇନଫୋସିଟି ଥାନା ପୋଲିସ ଶନିବାର ୩ ଜଣ ସିନ୍ଧିଚୋରଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଶିଖରଚଣ୍ଡି ନଗରର ବିକି ସ୍ୱାଇଁ (୧୯),ଶିବ ସାହୁ (୨୬) ଓ ସେକ୍ ସଲିମ (୧୮) । ଏନେଇ କୌଶିକ ଦାସ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଗତ ୨ ତାରିଖ ରାତିରେ ଅଭିଯୋଗକାରୀ ନିଜ ଘରେ ନଥିବା ସମୟରେ ଅଜଣା ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ଚୋରି କରିଥିଲେ । ଚୋରି ହୋଇଥିବା ସାମଗ୍ରୀ ମଧ୍ୟରେ ଦୁଇଟି ନିକନ କ୍ୟାମେରା, ୧୨ଟି କ୍ୟାମେରା ଲେନ୍ସ, ଦୁଇଟି ଟମି ହିଲଫିଗର ହାତଘଡ଼ି, ଏକ ସୋନି ସାଇବରସଟ୍ କ୍ୟାମେରା, ଗାଡ଼ି ଚାବି, ୧୨ ହଜାର ଟଙ୍କା ନଗଦ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ରହିଥିଲା । ତଦନ୍ତ ସମୟରେ ୬ ତାରିଖ ଦିନ ସୂଚନା ମିଳିଥିଲା ଯେ, ତିନିଜଣ ବ୍ୟକ୍ତି ଶିଖରଚଣ୍ଡୀ ନଗର ଅଞ୍ଚଳରେ ସନ୍ଦେହଜନକ ଭାବେ ବୁଲୁଥିବା ସହ ଅତି କମ୍ ଦରରେ ଏକ ଲାପଟପ୍ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି ।

ଇଂଲଣ୍ଡ ଏବଂ ଆୟରଲାଣ୍ଡ ଗସ୍ତ ପାଇଁ ଭାରତୀୟ ଟି୨୦ ଦଳ ଘୋଷଣା

# ଶ୍ରେୟସ ଅଧିନାୟକ, ବୈଭବ ସାମିଲ




ନୂଆଦିଲ୍ଲୀ,୬।୬: ଭାରତୀୟ ଟି୨୦ ଦଳକୁ ମିଳିଲା ନୂଆ ଅଧିନାୟକ । ଇଂଲଣ୍ଡ ଏବଂ ଆୟରଲାଣ୍ଡ ଗସ୍ତ ପାଇଁ ଟିମ୍ ଇଣ୍ଡିଆର ଘୋଷଣା କରିଛି ବିସିସିଆଇ । ଟି୨୦ ସିରିଜ ପାଇଁ ଦଳ ଘୋଷଣା ହୋଇଛି । ଟି୨୦ ଦଳର ଅଧିନାୟକ ଦାୟିତ୍ୱ ଶ୍ରେୟସ ଆୟରଙ୍କ ମିଳିଛି। ତିଳକ ବର୍ମା ଉପ ଅଧିନାୟକ ହୋଇଛନ୍ତି । ଟିମରେ ସାମିଲ ହୋଇଛନ୍ତି ୧୫ ବର୍ଷୀୟ ବିସ୍ମୟ ବାଳକ ବୈଭବ । ପ୍ରଥମ ଥର ପାଇଁ ଟିମ୍ ଇଣ୍ଡିଆ ଦଳରେ ସୁଯୋଗ ମିଳିଛି । ସୂର୍ଯ୍ୟକୁମାର ଯାଦବଙ୍କୁ ଟି୨୦ ଦଳରୁ ବାଦ୍ ଦିଆଯାଇଛି। ସେହିପରି ଟେଷ୍ଟ ଏବଂ ଦିନିକିଆ ଅଧିନାୟକ ଶୁବମନ ଗିଲଙ୍କୁ ଟି୨୦ ଫର୍ମାଟରୁ ବାଦ୍ ଦିଆଯାଇଛି । ଏହାସହିତ ବିସିସିଆଇ ଏସିଆନ ଗେମ୍ସ ପାଇଁ ଟିମ୍ ଇଣ୍ଡିଆ ଘୋଷଣା କରିଛି । ଏସୀୟ କ୍ରୀଡ଼ାରେ ବୁମରାଙ୍କୁ ସୁଯୋଗ ମିଳିଛି । ଇଂଲଣ୍ଡ ବିପକ୍ଷରେ ଟିମ୍ ଇଣ୍ଡିଆ ୫ଟି ଟି୨୦ ମ୍ୟାଚ୍ ଏବଂ ୩ଟି ଦିନିକିଆ ଖେଳିବ । ସେହିପରି ଆୟରଲାଣ୍ଡ ସହିତ ୨ଟି ଟି୨୦ ମ୍ୟାଚ୍ ଖେଳିବ ।

**ଭାରତୀୟ ଟି୨୦ ଦଳ :** ଶ୍ରେୟସ ଆୟର ଅଧିନାୟକ, ଅଭିଷେକ ଶର୍ମା, ସଂଜୁ ସାମସନ, ଈଶାନ କିଶନ, ଶିବମ ଦୁବେ, ତିଳକ ବର୍ମା (ଉପ ଅଧିନାୟକ), ନୀତିଶ ରେଡ୍ଡୀ, ଅକ୍ଷର ପଟେଲ, ୱାଂଶିଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, ରବି ବିଷ୍ଣୋଇ, ପ୍ରିନ୍ସ ଯାଦବ, ବୈଭବ ସୂର୍ଯ୍ୟବଂଶୀ ।

**ଏସିଆନ ଗେମ୍ସ ପାଇଁ ଭାରତୀୟ ଦଳ :** ଶ୍ରେୟସ ଆୟର ( ଅଧିନାୟକ), ଅଭିଷେକ ଶର୍ମା, ସଂଜୁ ସାମସନ, ଈଶାନ କିଶନ, ଶିବମ ଦୁବେ, ତିଳକ ବର୍ମା (ଉପ ଅଧିନାୟକ), ନୀତିଶ ରେଡ୍ଡୀ, ଅକ୍ଷର ପଟେଲ, ୱାଂଶିଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, ରବି ବିଷ୍ଣୋଇ, ଜସପ୍ରୀତ ବୁମରା, ବୈଭବ ସୂର୍ଯ୍ୟବଂଶୀ।

# ଦ୍ୱିତୀୟ ଜେକେଏଡବ୍ଲ୍ୟୁଏଫ୍ ଇଣ୍ଡିଆ କରାଟେ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର,୬।୬: କିଟ୍ ୟୁନିଭରସିଟିସ୍ଥିତ ବହୁମୁଖୀ ଇନଡୋର ଷ୍ଟାଡିୟମଠାରେ ଦ୍ୱିତୀୟ ସର୍ବଭାରତୀୟ ଜେକେଏ ଡବ୍ଲ୍ୟୁଏଫ୍ ଇଣ୍ଡିଆ କରାଟେ ଚାମ୍ପିଅନସିପ୍-୨୦୨୬ ଶନିବାର ଉଦ୍‌ଘାଟିତ ହୋଇଛି । ରାଜ୍ୟ ସରକାରଙ୍କ ପୂର୍ବତନ ସଚିବ ଅସିତ୍ କୁମାର ତ୍ରିପାଠୀ ମୁଖ୍ୟ ଅତିଥି, ଏଡିଜି ସଂଜୀବ ପଣ୍ଡା ସମ୍ମାନିତ ଅତିଥି ଭାବରେ ସମାରୋହରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାରୋହରେ ଉପସ୍ଥିତ ଥିଲେ, ଜେକେଏ କରାଟେ ପ୍ରତିଷ୍ଠାତା ସଦସ୍ୟ ଅନୀଲ ସିହ୍ନା, ଜେକେଏ ଡବ୍ଲ୍ୟୁଏଫ୍ ଇଣ୍ଡିଆର ଅଧ୍ୟକ୍ଷ ସୋମନାଥ ପାଲ୍ ଚୌଧୁରୀ, ସଂପାଦକ ସୋନା ଘୋଷ୍, ଓଡ଼ିଶା ଜେକେଏଡବ୍ଲ୍ୟୁଏଫ୍‌ର ସଂପାଦକ ଧର୍ମାନଂଶୁ ପାଣ୍ଡେ ଓ କିଟ୍ ୟୁନିଭରସିଟି ରେଜିଷ୍ଟ୍ରାର ପ୍ରଫେସର ଜ୍ଞାନରଂଜନ ମହାନ୍ତି ଉପସ୍ଥିତ ଥିଲେ । ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଜାପାନ କରାଟେ ଆସୋସିଏସନର ପ୍ରଶିକ୍ଷକ ଏସ.ଟି. ସିହାନ୍ ଯୋଗ ଦେଇଥିଲେ । ଖେଳାଳି କୋଚ୍ ଅଧିକାରୀ ଓ ଅଭିଭାବକଙ୍କ ସମେତ ୧୩ ରାଜ୍ୟରୁ ପ୍ରତିନିଧିତ୍ୱ ଏଥିରେ ହୋଇଥିଲା । ପ୍ରାୟ ୧୫ଶହ ପ୍ରତିଯୋଗୀ ଯୋଗ ଦେଇଥିଲେ ।

# ବକେୟା ଟଙ୍କା ଦେବାକୁ ଯାଇ ବ୍ୟକ୍ତି ଲହୁ ଲୁହାଣ: ଥାନାରେ ମାମଲା

ପିପିଲି,୬।୬(ନିପ୍ର): ପିପିଲି ଏସଡିପିଓଙ୍କ କାର୍ଯ୍ୟାଳୟ ଅଧୀନ ବଳଙ୍ଗା ଥାନା ହରିପୁରଠାରେ ଜଣେ ବ୍ୟକ୍ତି ଗାଡିର ମରାମତି ଅର୍ଥ ଦେବାକୁ ଯାଇ ଲହୁଲୁହାଣ ହୋଇଥିବା ନେଇ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି । ବଳଙ୍ଗା ଥାନା ଆଇଆଇସି ସସ୍ମିତା ସାହୁ ଅଭିଯୋଗକୁ ଗ୍ରହଣ କରି ଥାନା କେସ ନଂ ୧୭୬/୨୬ ମାମଲା ଆଗତ କରିଛନ୍ତି । ଏତଲାକାରୀଙ୍କ ଅଭିଯୋଗରୁ ଜଣାଯାଏ ଯେ, ହରିପୁରର ସନ୍ତୋଷ କୁମାର ସାହୁ ଗତ ୦୩.୦୬.୨୬ ତାରିଖ ଅପରାହ୍ଣ ୪ ଘ.୩୦ ମି.ସମୟରେ ହରିପୁର ବଜାରରେ ଥିବା ନିମାଇ ଚରଣ ଦାଶଙ୍କ ଗାଡି ଗ୍ୟାରେଜ ଦୋକାନକୁ ଗାଡିର ବାକିଥିବା ଟଙ୍କା ଦେବା ପାଇଁ ନିମାଇ ଚରଣ ଦାଶଙ୍କର ସ୍ତ୍ରୀ ଲିପି ଦାଶ ଡକାଇଥିଲେ । ଏହି ସମୟରେ ସେଠାରେ ପୂର୍ବଯୋଜନା ଅନୁଯାୟୀ ଲିପି ଦାଶ ତାର ସ୍ୱାମୀ ନିମାଇ ଚରଣ ଦାଶ ଓ ତାଙ୍କ ପୁଅ ଉପସ୍ଥିତ ରହିଥିଲେ। ଗତ ତା-୦୫.୦୫.୨୬ ରିଖରେ ଅଭିଯୋଗକାରୀଙ୍କ ଦାଦାପୁଅ ଭାଇ ଏବଂ ନିମାଇ ଚରଣ ଦାଶଙ୍କ ଗାଡି ଦୁର୍ଘଟଣାକୁ ନେଇ ରହିଥିବା ପୂର୍ବ ଶତ୍ରୁତାର ରାଗ ରଖି ଲିପି ଦାଶ ହଠାତ ମୋବାଇଲ ଛଡାଇ ନେଇଥିଲେ । କାହିଁକି ମୋବାଇଲକୁ ନେଲ ବୋଲି ପ୍ରତିବାଦ କରିବାରୁ ଲିପି ଦାଶ, ତାର ସ୍ୱାମୀ ନିମାଇ ଚରଣ ଦାଶ ଓ ତାଙ୍କର ପୁଅ ସଂଗ୍ରାମ ଦାଶ ଅଶ୍ରାବ୍ୟ ଭାଷାରେ ଗାଳି କରିଥିଲେ । ଏହି ସମୟରେ ହଠାତ ଲିପି ଦାଶ ତାଙ୍କ ଗ୍ୟାରେଜ ଭିତରୁ ଏକ ଲୁହା ପାଇପ, ପୁଅ ସଂଗ୍ରାମ ଦାଶ ହାତରେ ଏକ ହାତୁଡା ଏବଂ ତାର ସ୍ୱାମୀ ହାତରେ ରେଞ୍ଚି ଧରି ଚାରିପଟୁ ଘେରିଯାଇଥିଲେ । ୩ ଜଣ ଗୋଡାଇ ଗୋଡାଇ ରାସ୍ତା ଉପରେ ଅତି ନିର୍ମମ ଭାବେ ମାଡ ମାରିଥିଲେ । ଏଥିରେ ତାଙ୍କ ପକେଟରେ ଥିବା ମନିପର୍ସ ନେଇ ସେଥିରେ ଥିବା ୨୦ ହଜାର ଟଙ୍କାକୁ କାଢି ନେଇଥିଲେ । ଅଭିଯୋଗକାରୀ ପ୍ରାଣ ବିକଳରେ ସେଠାରୁ ଖସି ପଳାଇ ଆସିଥିଲେ । ଶେଷରେ ସେ ଥାନାରେ ଦ୍ୱାରସ୍ଥ ହୋଇଛନ୍ତି ।

# ପୂର୍ବତଟ ରେଳପଥର ମହାପ୍ରବନ୍ଧକଙ୍କ ପୁରୀ ରେଳ ଷ୍ଟେସନ ନିରୀକ୍ଷଣ



ଭୁବନେଶ୍ୱର/ପୁରୀ,୬।୬(ନିପ୍ର): ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପୁରୀ ରେଳ ଷ୍ଟେସନର ଏକ ବ୍ୟାପକ ନିରୀକ୍ଷଣ କରି ଯାତ୍ରୀ ସୁବିଧା, ସୁରକ୍ଷା ମାନଦଣ୍ଡ, ପରିଚାଳନାଗତ ଦକ୍ଷତା ଏବଂ ଚାଲିଥିବା ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ, ମହାପ୍ରବନ୍ଧକ ପୁରୀ ରେଳ ଷ୍ଟେସନକୁ ଏକ ଆଧୁନିକ ତଥା ଯାତ୍ରୀ ଅନୁକୂଳ ପରିବହନ କେନ୍ଦ୍ରରେ ପରିଣତ କରିବା ଉଦ୍ଦେଶ୍ୟରେ ଚାଲିଥିବା ଷ୍ଟେସନ ପୁନଃନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ସେ ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପର ସ୍ଥିତି ଆକଳନ କରିଥିଲେ ଏବଂ ଗୁଣବତ୍ତା ମାନଦଣ୍ଡ ବଜାୟ ରଖିବା ସହ ଯାତ୍ରୀମାନଙ୍କ ଅସୁବିଧାକୁ ଯଥାସମ୍ଭବ କମ୍ କରି ଏହି ସବୁ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖୋର୍ଦ୍ଧା ରୋଡ୍ ମଣ୍ଡଳର ରେଳ ପ୍ରବନ୍ଧକ (ଡିଆରଏମ୍) ଡି. ସୁନୀଲ ଏହି ପରିଦର୍ଶନ ସମୟରେ ମହାପ୍ରବନ୍ଧକଙ୍କ ସହିତ ଉପସ୍ଥିତ ଥିଲେ। ଏଥିସହ ପୂର୍ବତଟ ରେଳପଥ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ୍ ମଣ୍ଡଳର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ରେଳ ଯାତ୍ରୀମାନଙ୍କ ବଢୁଥିବା ଆକାଂକ୍ଷାକୁ ପୂରଣ କରିବା ପାଇଁ ଯାତ୍ରୀ ସୁବିଧା, ପରିଚାଳନାଗତ ଦକ୍ଷତା ଏବଂ ସୁରକ୍ଷା ମାନଦଣ୍ଡରେ ନିରନ୍ତର ଉନ୍ନତି ଆଣିବାର ଆବଶ୍ୟକତା ଉପରେ ମହାପ୍ରବନ୍ଧକ ଗୁରୁତ୍ୱାରୋପ କରିଥିଲେ। ଭାରତୀୟ ରେଳ ନେଟୱାର୍କର ଅନ୍ୟତମ ପ୍ରମୁଖ ତୀର୍ଥସ୍ଥାନ ପୁରୀରେ ଯାତ୍ରୀମାନଙ୍କୁ ଗୁଣାତ୍ମକ ସେବା ପ୍ରଦାନ କରିବା ଏବଂ ସାମଗ୍ରିକ ଯାତ୍ରା ଅନୁଭୂତିକୁ ଉନ୍ନତ କରିବା ଦିଗରେ ପୂର୍ବତଟ ରେଳପଥର ପ୍ରତିବଦ୍ଧତାକୁ ଏହି ପରିଦର୍ଶନ ପ୍ରତିଫଳିତ କରୁଛି।

# କୋଲକାତା ମେଟ୍ରୋରେ ଯାତ୍ରା କଲେ ଅଶ୍ୱିନୀ ବୈଷ୍ଣବ

କୋଲକାତା,୬।୬: କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର କୋଲକାତାରେ ପହଞ୍ଚିଥିଲେ। ସହରର ମେଟ୍ରୋ ରେଳରେ ଯାତ୍ରା କରିଥିଲେ। ସାଧାରଣ ଯାତ୍ରୀଙ୍କ ସହ କଥାବାର୍ତ୍ତା ମଧ୍ୟ କରିଥିଲେ । ତାଙ୍କ ସହ ରାଜ୍ୟ ସରକାର ମନ୍ତ୍ରୀ ଜଗନ୍ନାଥ ଚାଟାର୍ଜୀ ଏବଂ ସାଂସଦ ଜ୍ୟୋତିର୍ମୟ ସିଂହ ମହତୋ ମଧ ଥିଲେ। ରେଳ ମନ୍ତ୍ରୀଙ୍କ ଗସ୍ତ କେବଳ ଆନୁଷ୍ଠାନିକ ନଥିଲା, ବରଂ ସେ ତୃଣମୂଳ ସ୍ତରରେ ମେଟ୍ରୋ ସେବାକୁ ମଧ ଅନୁଭବ କରିଥିଲେ।ସୂଚନା ଅନୁଯାୟୀ, କୋଲକାତା ବିମାନବନ୍ଦରରେ ଅବତରଣ କରିବା ପରେ ରେଳମନ୍ତ୍ରୀ ସିଧାସଳଖ ବିମାନବନ୍ଦର ସଂଲଗ୍ନ 'ଜୟ ହିନ୍ଦ୍' ମେଟ୍ରୋ ଷ୍ଟେସନରେ ପହଞ୍ଚିଥିଲେ ଏବଂ ସେଠାରୁ ମେଟ୍ରୋରେ ଚଢିଥିଲେ। ଏହି ସମୟରେ ସେ ଯାତ୍ରୀମାନଙ୍କ ସହ କଥାବାର୍ତ୍ତା କରିଥିଲେ ଏବଂ ମେଟ୍ରୋ ସେବା ବିଷୟରେ ସେମାନଙ୍କ ମତାମତ ମଧ ପଚାରିଥିଲେ। ଯାତ୍ରୀମାନେ ମେଟ୍ରୋ ସେବାକୁ ପ୍ରଶଂସା କରିଥିଲେ।ପରେ ଅଶ୍ୱିନୀ ବୈଷ୍ଣବ ମେଟ୍ରୋ ଦେଇ ନୋଆପାରାରେ ପହଞ୍ଚିଥିଲେ। ସେଠାରୁ ସେମାନେ ପ୍ରମୋଦନଗର (ବେଲଘରିଆ ରାଜପଥ) ଅଞ୍ଚଳରେ ଗାଡ଼ି ବଦଳାଇ ଆଗକୁ ଯାତ୍ରା କରିଥିଲେ। ଜନସାଧାରଣଙ୍କ ଅସୁବିଧା ଏଡ଼ାଇବା ପାଇଁ ସୁରକ୍ଷା ଏବଂ ଟ୍ରାଫିକ୍ ବ୍ୟବସ୍ଥାର ଏକ ଅଂଶ ଭାବରେ ଗାଡ଼ିଟିକୁ ନୋଆପାରା ଅଞ୍ଚଳରେ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନଥିଲା। ଏହାପରେ ରେଳମନ୍ତ୍ରୀ ପ୍ରମୋଦନଗରରୁ ଅଟୋ ରିକ୍ସା ଯୋଗେ ବାହାରି ନବାନ୍ନାରେ ପହଞ୍ଚିଥିଲେ, ଯେଉଁଠାରେ ରାଜ୍ୟ ସରକାରଙ୍କ ସହ ତାଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ନବାନ୍ନାରେ ପହଞ୍ଚିବା ସମୟରେ, ସେ ସାଧାରଣ ଲୋକଙ୍କ ପରି ସର୍ବନିମ୍ନ ସୁରକ୍ଷା ଏବଂ ଟ୍ରାଫିକ୍ ନିୟମ ସହିତ ଯାତ୍ରା କରିଥିଲେ।

# ବେଦାନ୍ତ ଆଲୁମିନିୟମର ବିଶ୍ୱ ତମାଖୁ ମୁକ୍ତ ଦିବସ



ଝାରସୁଗୁଡା,୬।୬: ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଏବଂ ସାମୁଦାୟିକ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହିତ ମିଳିତ ଭାବରେ ଝାରସୁଗୁଡାରେ ଏକ ବ୍ୟାପକ ସଚେତନତା ଅଭିଯାନ ମାଧ୍ୟମରେ ବିଶ୍ୱ ତମାଖୁ ମୁକ୍ତ ଦିବସ ପାଳନ କରିଛି। ଏହି ପଦକ୍ଷେପ ୨୦୨୬ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବିଶ୍ୱ ଥିମ୍ 'ଆବେଦନକୁ ଉନ୍ମୋଚନ - ନିକୋଟିନ୍ ଏବଂ ତମାଖୁ ନିଶାକୁ ମୁକାବିଲା କରିବା' ସହିତ ସଂଯୁକ୍ତ ହୋଇଥିଲା ଏବଂ ବୃନ୍ଦାମାଲ, ବୁଦୁଲା, ଗୁମକର୍ମା ଏବଂ ବିଶାଦେହି ଗ୍ରାମଗୁଡିକରେ ୩୦୦ ରୁ ଅଧିକ ବ୍ୟକ୍ତିଙ୍କ ନିକଟରେ ପହଞ୍ଚିଥିଲା। ବିଶ୍ୱ ତମାଖୁ ମୁକ୍ତ ଦିବସର ଲକ୍ଷ୍ୟ ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ଉତ୍ସାହିତ କରିବା ସହିତ ତମାଖୁ ସେବନର ସ୍ୱାସ୍ଥ୍ୟ, ସାମାଜିକ, ପରିବେଶଗତ ଏବଂ ଆର୍ଥିକ ପରିଣାମକୁ ଉଜାଗର କରିବା। ଏହି ବର୍ଷର ବିଷୟବସ୍ତୁ ସହିତ ବେଦାନ୍ତ ଆଲୁମିନିୟମର ସଚେତନତା କାର୍ଯ୍ୟକ୍ରମ ତମାଖୁ ଏବଂ ନିକୋଟିନ୍ ନିଶା ପଛରେ ଥିବା ବାସ୍ତବତାକୁ ପ୍ରକାଶ କରିବା ଉପରେ ଧ୍ୟାନ ଦେଇଥିଲା। ଏହାର ଲକ୍ଷ୍ୟ ଥିଲା ସମ୍ପ୍ରଦାୟର ସଦସ୍ୟମାନଙ୍କୁ ସଚେତନ ସ୍ୱାସ୍ଥ୍ୟ ବିକଳ୍ପ କରିବା ପାଇଁ ଆବଶ୍ୟକ ଜ୍ଞାନ ଏବଂ ସମର୍ଥନ ସହିତ ସଶକ୍ତ କରିବା। ସଚେତନତା ଅଧିବେଶନଗୁଡ଼ିକ ବେଦାନ୍ତ ଆଲୁମିନିୟମର ମୋବାଇଲ୍ ହେଲ୍ଥ ୟୁନିଟ୍‌ର ଚିକିତ୍ସା ବିଶେଷଜ୍ଞଙ୍କ ଦ୍ୱାରା ପରିଚାଳିତ ହୋଇଥିଲା, ଯେଉଁମାନେ ତମାଖୁ ସେବନ ସହିତ ଜଡିତ ଦୀର୍ଘକାଳୀନ ସ୍ୱାସ୍ଥ୍ୟ ବିପଦ, ତମାଖୁ ସେବନ ଛାଡିବାର ବ୍ୟବହାରିକ ଉପାୟ, ପ୍ରାରମ୍ଭିକ ରୋଗ ନିର୍ଣ୍ଣୟର ଗୁରୁତ୍ୱ ଏବଂ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାର ଲାଭ ଉପରେ ଅଂଶଗ୍ରହଣକାରୀମାନଙ୍କୁ ନିୟୋଜିତ କରିଥିଲେ। ପାରସ୍ପରିକ ଆଲୋଚନା ଏବଂ ପରାମର୍ଶ ଅଧିବେଶନଗୁଡ଼ିକ ମଧ୍ୟ ଅଂଶଗ୍ରହଣକାରୀମାନଙ୍କୁ ତମାଖୁ ସେବନ ଏବଂ ମୁଖ କର୍କଟ, ହୃଦ୍‌ରୋଗ, ଶ୍ୱାସକ୍ରିୟା ରୋଗ ଏବଂ ଅନ୍ୟାନ୍ୟ ଅଣ-ସଂକ୍ରମିତ ରୋଗ ଭଳି ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟରେ ସମ୍ପର୍କ ବୁଝିବାରେ ସାହାଯ୍ୟ କରିଥିଲା। ଏହି ଅବସରରେ, ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ସିଇଓ ସି.ଚନ୍ଦ୍ରୁ କହିଛନ୍ତି, 'ଏହିପରି କେନ୍ଦ୍ରିତ ସ୍ୱାସ୍ଥ୍ୟ ସଚେତନତା ପଦକ୍ଷେପ ମାଧ୍ୟମରେ, ଆମେ ସୂଚିତ ପସନ୍ଦ, ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଅଭ୍ୟାସ ଏବଂ ଦୀର୍ଘକାଳୀନ କଲ୍ୟାଣକୁ ଉତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛୁ। ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଆମର ସହଭାଗିତା ତୃଣମୂଳ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଶିକ୍ଷାକୁ ବିସ୍ତାର କରିବାରେ, ସୁସ୍ଥ, ତମାଖୁ ମୁକ୍ତ ସମାଜ ଗଠନ କରିବାରେ ସାହାଯ୍ୟ କରେ।'

# ଗୌରାଙ୍ଗଙ୍କୁ ହତ୍ୟା: ମୁଖ୍ୟ ଅଭିଯୁକ୍ତ ମନୋଜ ସାହୁ ଗିରଫ

କେନ୍ଦ୍ରାପଡ଼ା,୬।୬: ସାମାନ୍ୟ ଗାଡ଼ିକାଚ ଭଙ୍ଗାକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ ଜଘନ୍ୟ ହତ୍ୟାକାଣ୍ଡ ଘଟଣା । ଗୌରାଙ୍ଗ ସେଠୀଙ୍କୁ ହାତ ଗୋଡ଼ ବାନ୍ଧି ହତ୍ୟା କରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ମନୋଜ ସାହୁ ଗିରଫ ହୋଇଛି। ମନୋଜକୁ ରାଜ୍ୟ ବାହାରୁ ଉଠାଇ ଆଣିଥିଲା ପୁଲିସ । ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି । ସେପଟେ ଏହି ଘଟଣାକୁ ନେଇ ଏସ୍‌ପି କାର୍ଯ୍ୟାଳୟ ଘେରାଉ କରିଛନ୍ତି ପରିବାର ଲୋକେ । ନ୍ୟାୟ ଦାବି କରିବା ସହ ଦୋଷୀଙ୍କୁ ଫାଶୀ ଦେବାକୁ ଦାବି କରିଛନ୍ତି । ୯ ଦିନ ଧରି ଯୁବକ ନିଖୋଜ ରହିବା ପରେ, ଗତକାଲି ପୁଲିସ ହାତରେ କେବଳ କେଇଖଣ୍ଡ ହାଡ଼ ଲାଗିଥିଲା । ମେ' ୨୮ରେ ଏକ ଗାଡ଼ିକାଚ ଭଙ୍ଗାକୁ ନେଇ, କିଛି ଯୁବକ ଗୌରାଙ୍ଗଙ୍କୁ ବ୍ରାହ୍ମଣୀ ନଦୀ ପାଖରେ ଟେକିଆଣି ହାତ ଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ । ତାପରଠୁ ଗୌରାଙ୍ଗଙ୍କ ପତ୍ତା ମିଳୁନଥିଲା । ଗତ ୨୯ରେ ପରିବାରଲୋକେ ଥାନାରେ ଅଭିଯୋଗ ଦେଇଥିଲେ ବୋଲି କୁହାଯାଇଛି।

**AFFIDAVIT**

By virtue of an affidavit sworn before The Notary Public, Khordha affidavit no.1590 dtd.05.06.2026, I Rabinarayan Samantaray S/o-Bhikari Samantaray, At-Gunthuni, Po-Golabai, Ps-Jankia, Dist-Khordha, Odisha-752020 do hereby declare that, I have changed my name from Rabindra Kumar Samantaray to Rabinarayan Samantaray. Hence-forth I shall be known as Rabinarayan Samantaray for all purposes.

**Sd/-Rabinarayan Samantaray**

# ଲୋକ ଭବନରେ ସୋଲାର ପ୍ଲାଣ୍ଟ ଉଦ୍‌ଘାଟନ କଲେ ରାଜ୍ୟପାଳ

ଭୁବନେଶ୍ୱର,୬।୬(ନିପ୍ର): ଲୋକ ଭବନରେ ୪୮୫ କିଲୋୱାଟ ପି ରୁଫଟପ୍ ସୌର ବିଦ୍ୟୁତ୍ ପ୍ଲାଂଟ ଶନିବାର ଓଡ଼ିଶାର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ପ୍ରକଳ୍ପ ଯୋଗୁଁ ଲୋକ ଭବନର ମୋଟ ସୌର ବିଦ୍ୟୁତ୍ କ୍ଷମତା ୬୩୫ କିଲୋୱାଟ୍ ହୋଇଛି, ଯାହା ରାଜ୍ୟର ସରକାରୀ ଅନୁଷ୍ଠାନଗୁଡ଼ିକ ପାଇଁ ଏକ ଉଲ୍ଲେଖନୀୟ ଉଦାହରଣ ସୃଷ୍ଟି କରିଛି। ଲୋକ ଭବନ ପରିସର ମଧ୍ୟରେ ବିଭିନ୍ନ କୋଠାରେ ଏହି ସୌର ପ୍ରକଳ୍ପ ସ୍ଥାପନ କରାଯାଇଛି। ସର୍ବାଧିକ ୧୯୧ କିଲୋୱାଟ ପି ସୌର ପ୍ୟାନେଲ୍ ଅଭିଷେକ୍ ବାଙ୍କ୍ୱେଟ୍ ହଲ୍‌ରେ ସ୍ଥାପନ କରାଯାଇଛି। ଏହା ପରେ କ୍ୟାମ୍ପସ୍ ଗ୍ୟାରେଜ୍ (୮୫ କିଲୋୱାଟ୍ପି), ପ୍ରଶାସନିକ ଭବନ (୬୪ କିଲୋୱାଟ୍ପି), ରାଜ୍ୟପାଳଙ୍କ ନିବାସ (୫୪ କିଲୋୱାଟ୍ପି), ଏନର୍ଜି ପାର୍କ (୪୭ କିଲୋୱାଟ୍ପି), ପୋଲିସ୍ ଏଡିସି ନିବାସ (୨୦ କିଲୋୱାଟ୍ପି), ନୌସେନା ଏଡିସି ନିବାସ (୧୪ କିଲୋୱାଟ୍ପି) ଏବଂ ୱେଲନେସ୍ ସେଣ୍ଟରରେ (୧୦ କିଲୋୱାଟ୍ପି) ସୋର ପ୍ୟାନେଲ ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପକୁ ଏନବିସିସି (ଇଣ୍ଡିଆ) ଲିମିଟେଡ୍ ଦ୍ୱାରା କାର୍ଯ୍ୟକାରୀ କରାଯାଇଛି। ଉଦଘାଟନ ଉତ୍ସବରେ ଏନ୍‌ବିସିସିର ଚେୟାରମ୍ୟାନ୍-କମ୍-ମ୍ୟାନେଜିଂ ଡାଇରେକ୍ଟର କେ.ପି. ମହାଦେବସ୍ୱାମୀ ସମେତ ଲୋକ ଭବନର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ। ଉଦଘାଟନ ଅବସରରେ ରାଜ୍ୟପାଳ କହିଛନ୍ତି ଯେ, ବିଶ୍ୱବ୍ୟାପୀ ଶକ୍ତି ସଙ୍କଟ ଏବଂ ମୂଲ୍ୟ ବୃଦ୍ଧିକୁ ଦୃଷ୍ଟିରେ ରଖି ନବୀକରଣଯୋଗ୍ୟ ଶକ୍ତି ଆଡ଼କୁ ଯିବା ଆବଶ୍ୟକ। ଆମଦାନି ହେଉଥିବା ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା କମ କରି ସବୁଜ ଶକ୍ତିକୁ ପ୍ରୋତ୍ସାହନ ଦେବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି ।

# ଗୋଟିଏ ଜୁଇରେ ବାପ-ପୁଅ

ବାଣପୁର,୬।୬ : ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା କେଶପୁର ଗାଁ ରେ ଘଟିଛି ଏକ ଅଭାବନୀୟ ଘଟଣା। ଧାର ଉଧାରକୁ କେନ୍ଦ୍ର କରି ବାପା ପୁଅଙ୍କ ମଧ୍ୟରେ ଝଗଡ଼ା ପରେ ଉଭୟ ଜୀବନ ହାରିବାରୁ ଶେଷରେ ଗୋଟିଏ ଜୁଇରେ ଉଭୟ ଜଳିଥିଲେ । ମୃତକ ବାପା-ପୁଅ ହେଉଛନ୍ତି ନବଘନ ପ୍ରଧାନ ଓ ତାଙ୍କ ସାନ ପୁଅ ତୋଫାନ ପ୍ରଧାନ। ଘଟଣା ଅନୁସାରେ ମୃତକ ବାପା ନବଘନ ଗାଁରୁ ଧାର ଉଧାର କରି ୧୦ ଲକ୍ଷରୁ ଅଧିକ କରଜରେ ବୁଡିଥିଲେ। ବିଦେଶରେ ରହି କରଜ ଶୁଝୁଥିଲା ପୁଅ ତୋଫାନ। ଦଶ ଦିନ ପୂର୍ବରୁ ତୋଫାନ ବିଦେଶରୁ ଫେରିଥିଲେ। ବାପା କରଜ କରି ବିବାହିତ ଝିଅକୁ ଅତ୍ୟଧିକ ୫ ଲକ୍ଷ ଟଙ୍କା ଦେବାକଥା ଶୁଣି ଗତ ରାତିରେ ବାପ ପୁଅଙ୍କ ଭିତରେ ଝଗଡ଼ା ଲାଗିଥିଲା। ଏହା ଏପରି ତୀବ୍ର ରୂପ ନେଇଥିଲା ଯେ, ଶେଷରେ ଉଭୟ ଜୀବନ ହାରିଥିଲେ ବୋଲି କୁହାଯାଉଛି।

# ଶୌଚ ହେବାକୁ ଯାଉଥିବା ବୃଦ୍ଧାଙ୍କୁ ଦଳିଦେଲା ହାତୀ

କୋଇଡ଼ା,୬।୬: ରାଉରକେଲା ବନଖଣ୍ଡର ବାଙ୍କି ବନାଞ୍ଚଳ ଅଞ୍ଚଳରେ ଏକ ଛଅ ଟିକିଆ ହାତୀ ଦଳ ଆସିଥିବା ବେଳେ ବନ ବିଭାଗ ତାଙ୍କୁ ଘଉଡାଇଥିଲେ । କିନ୍ତୁ ଗୋଟିଏ ଫେରି ପଳାଇଆସିଛି। ସାଲେଇଡିହି ଗ୍ରାମରେ ଯମୁନା ମାହାନ୍ତ (୬୦) ନାମକ ଜଣେ ବୃଦ୍ଧାଆଜି ସକାଳୁ ଶୌଚ ହେବାକୁ ଯାଇଥିବା ବେଳେ ହଠାତ ହାତୀ ସାମ୍ନାକୁ ପଳାଇ ଆସିଥିଲା। ବୃଦ୍ଧାଙ୍କୁ ହାତୀ ଗଡ଼ାଇ ଗଡ଼ାଇ ଦଳିଦେଇଥିଲା, ସତେ ଯେମିତି ପୂର୍ବରୁ ଶତ୍ରୁତା ଥିଲା ସେମିତି ମାରିଲା। ଏଘଟଣା ସଂପର୍କରେ ଖବର ପାଇ ଘଟଣାସ୍ଥଳରେ ବନବିଭାଗ ପହଞ୍ଚିଛି । ହାତୀକୁ ପୁଣି କେମିତି ଘଉଡ଼ାଯିବ, ସେଥିପାଇଁ ବନ ବିଭାଗ ଏକ ଟିମ୍ ଗଠନ କରିବେ ବୋଲି ଜଣା ପଡିଛି।

# ବିଶ୍ୱ ପରିବେଶ ଦିବସ: ଏମସିଏଲରେ ସବୁଜ ପ୍ରତିଶ୍ରୁତି



ସମ୍ବଲପୁର,୬।୬: ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ପକ୍ଷରୁ ପରିବେଶ ସୁରକ୍ଷା ଏବଂ ସୁଦୂରପ୍ରସାରୀ ବିକାଶ ପ୍ରତି ସଂକଳ୍ପବଦ୍ଧତା ସହ ବିଶ୍ୱ ପରିବେଶ ଦିବସ ୨୦୨୬ ପାଳିତ ହୋଇଯାଇଛି। କମ୍ପାନୀର ଅଧ୍ୟକ୍ଷ-ତଥା-ପ୍ରବନ୍ଧ ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ପରିବେଶ ପତାକା ଉତ୍ତୋଳନ କରିବା ସହ ମୁଖ୍ୟାଳୟର କର୍ମଚାରୀମାନଙ୍କୁ ପରିବେଶ ସୁରକ୍ଷା ସଂକଳ୍ପ ପାଠ କରାଇଥିଲେ। ଏହାସହ ପରିବେଶର ସୁରକ୍ଷା ଓ ସ୍ଥାୟୀ ପ୍ରଗତି ପ୍ରତି ଏମସିଏଲର ଉତ୍ସର୍ଗୀକୃତ ମନୋଭାବକୁ ସେ ଦୋହରାଇଥିଲେ। ଏହି ଅବସରରେ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, କୋଲ୍ ଇଣ୍ଡିଆ ଲିମିଟେଡର ଅଧ୍ୟକ୍ଷଙ୍କ ବାର୍ତ୍ତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ (ବିତ୍ତ) ଅଜିତ କୁମାର ବେହୁରା, ନିର୍ଦ୍ଦେଶକ (ବୈଷୟିକ-ପରିଚାଳନା/ପି ଆଣ୍ଡ ପି) ଏସ. କେ. ଝା, ବିଭିନ୍ନ ବିଭାଗୀୟ ମୁଖ୍ୟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ସ୍ମରଣୀୟ ଦିବସରେ କାଓଲେଙ୍କ ନେତୃତ୍ୱରେ 'ଏକ ପେଡ୍ ମାଆ କେ ନାମ' ଅଭିଯାନ ଅଧୀନରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହା ସମଗ୍ର କମ୍ପାନୀ ଅଞ୍ଚଳରେ ସବୁଜିମା ବୃଦ୍ଧି ଓ ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ କମ୍ପାନୀର ନିରନ୍ତର ପ୍ରୟାସକୁ ଦର୍ଶାଉଛି। ଏହା ସହିତ ଏସିଆର ସବୁଠାରୁ ଦୀର୍ଘତମ ମାଟି ବନ୍ଧ 'ହୀରାକୁଦ ବନ୍ଧ'ର ଜିରୋ ପଏଣ୍ଟଠାରେ ଏକ ସଫେଇ ଅଭିଯାନର ଆୟୋଜନ କରାଯାଇଥିଲା, ଯେଉଁଥିରେ କମ୍ପାନୀର ଉଚ୍ଚ ପଦାଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ। ବିଶ୍ୱ ପରିବେଶ ଦିବସ ୨୦୨୬ ଉପଲକ୍ଷେ ଏମସିଏଲ୍ ପକ୍ଷରୁ ଜୁନ୍ ୨ରୁ ୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଓ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଏଥିରେ କୁଇଜ୍, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତା ସହିତ ବର୍ଜ୍ୟବସ୍ତୁ ପରିଚାଳନା ଓ କିଚେନ୍ ଗାର୍ଡେନିଂ (ରୋଷେଇ ଘର ବଗିଚା) ଉପରେ କର୍ମଶାଳା ଅନ୍ତର୍ଭୁକ୍ତ ଥିଲା। ଏହି ସବୁ କାର୍ଯ୍ୟକ୍ରମରେ କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଉତ୍ସାହର ସହ ଭାଗ ନେଇ ଏକ ସ୍ଥାୟୀ ତଥା ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବାକୁ ପ୍ରେରଣା ଯୋଗାଇଥିଲେ। ଖଣିଅଞ୍ଚଳ ଗୁଡ଼ିକରେ ମଧ୍ୟ ଏଭଳି ସଦୃଶ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଏହି ସବୁ ପଦକ୍ଷେପ କର୍ମଚାରୀଙ୍କ ପରିବେଶ ସୁରକ୍ଷା ପ୍ରତି ଥିବା ସାମୂହିକ ପ୍ରତିଶ୍ରୁତିକୁ ପ୍ରଦର୍ଶିତ କରିବା ସହ ଏକ ସବୁଜ ଓ ସୁନ୍ଦର ଭବିଷ୍ୟତ ଗଠନରେ ସହଯୋଗ କରୁଛି।

**GVHSS, KIRMIRA**

**At- KIRMIRA**

**ADVERTISEMENT NO.55**

Applications are invited from intending eligible candidates for engagement as Guest faculty to teach in (IT/ITEs) and T/H on contract basis for the current academic session, 2026-27.

Candidates are required to submit their application along with copies of the Certificates and Mark Sheets in support of their qualification and experience if any to the undersigned on or before 11/06/2026 (11.00AM)

For details of qualification, age, experience etc. of the candidate are available with the office.

**Sd/- PRINCIPAL**
Contact No. 7978086193
gvhsskirmira@gmail.com

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ